


ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ମଙ୍ଗଳବାର ୨୫ ଏପ୍ରିଲ ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 25 APRIL 2023

Vol.No. 34 ■ No. 108 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ଓଡ଼ିଶା ଷ୍ଟାଫ୍ ସିଲେକ୍ସନ କମିସନ ପ୍ରଶ୍ନପତ୍ର ବିଭ୍ରାଟ:

# ରବିବାର ପରୀକ୍ଷା, ସୋମବାର ବାତିଲ




ଭୁବନେଶ୍ୱର, ୨୪/୦୪ (ନି.ପ୍ର):ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଜୁନିୟର ଆକାଉଂଟାଂଟ ପଦବୀ ପାଇଁ ହୋଇଥିବା ପରୀକ୍ଷାକୁ ବାତିଲ୍ କରାଯାଇଛି । ଯେଉଁ କାରଣ ପାଇଁ ଏହି ପରୀକ୍ଷାକୁ ବାତିଲ କରିଛି ଓଡ଼ିଶା ଷ୍ଟାଫ୍ ସିଲେକ୍ସନ କମିସନ, ତାହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ । ପରୀକ୍ଷା କେତେ ଖାମଖିଆଲି ଭାବେ କରାଯାଉଛି, ତାହା ପଦାରେ ପଡିଯାଇଛି । ପ୍ରଶ୍ନପତ୍ରରେ ଏପରି ତ୍ରୁଟି ବୋଧହୁଏ, କେହି କେବେ ଦେଖିନଥିବେ । ଏଭଳି ବେପରୁଆ ଭାବେ ପରୀକ୍ଷା କରି ପିଲାଙ୍କ ଭାଗ୍ୟ ସହ ଖେଳି ପାରନ୍ତି କର୍ତ୍ତୃପକ୍ଷ ଏହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଦେଇଛି । ପରୀକ୍ଷା ପ୍ରଶ୍ନରେ ଗୋଟିଏ କି ଦୁଇଟି ନୁହଁ ଆମୁଳଚୁଳ ଭୁଲ୍ ରହିଥିଲା । ପ୍ରଶ୍ନପତ୍ରର ଅକ୍ଷରଗୁଡିକ କେବଳ ଓଡ଼ିଆରେ ଥିଲା, କିନ୍ତୁ ଗୋଟିଏ ଶବ୍ଦ ଠିକ୍ ନଥିଲା । ଓଡ଼ିଶାରେ ପରୀକ୍ଷା ହେବ, ଓଡ଼ିଆ ଭାଷାରେ ପ୍ରଶ୍ନପତ୍ର ପ୍ରସ୍ତୁତ କରିବ ଓଡ଼ିଶା ଷ୍ଟାଫ୍ ପାଇଁ ଚାକିରି ଆଶାୟୀଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଖେଳି ଯାଇଥିଲା । ପରୀକ୍ଷାର୍ଥୀମାନେ ଓଡ଼ିଆ ଭାଷାରେ ପ୍ରସ୍ତୁତ ହୋଇଥିବା ପ୍ରଶ୍ନପତ୍ର ଦେଖି ତାଜୁବ ହୋଇ ଯାଇଥିଲେ । ଦିନରାତି ପରିଶ୍ରମ କରି ସରକାରୀ ଚାକିରି ପାଇବା ପାଇଁ ସ୍ୱପ୍ନ ଦେଖୁଥିବା ଶହ ଶହ ପରୀକ୍ଷାର୍ଥୀଙ୍କର ପ୍ରଶ୍ନପତ୍ର ପଢ଼ିବା ପରେ ହୋସ ଉଡିଯାଇଥିଲା । ପରୀକ୍ଷା ହଲରେ ଅଭିଯୋଗ

▶▶ପୃଷ୍ଠା ୭

# ହିରୋରୁ ଜିରୋ କରିବାକୁ ପଡିବ ବିଜେପିକୁ : ମମତା ବାନାର୍ଜୀ



ନୂଆଦିଲ୍ଲୀ, ୨୪/୦୪ : ବିହାର ମୁଖ୍ୟମନ୍ତ୍ରୀ ଓ ଉପ-ମୁଖ୍ୟମନ୍ତ୍ରୀ ସୋମବାର ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ଭେଟିଛନ୍ତି । ପଶ୍ଚିମବଙ୍ଗର ରାଜ୍ୟ ସଚିବାଳୟରେ ୩ ନେତାଙ୍କ ମଧ୍ୟରେ ଏହି ଭେଟଘାଟ ହୋଇଥିବା ବେଳେ ମମତାଙ୍କୁ ପ୍ରଶଂସା କରିଛନ୍ତି ନୀତିଶ । ମମତାଙ୍କ ଶାସନ କାଳରେ ପଶ୍ଚିମବଙ୍ଗରେ ବିକାଶ ହୋଇଥିବା କହିଛନ୍ତି ନୀତିଶ । ସେହିଭଳି ବୈଠକ ପରେ ମମତା ବାନାର୍ଜୀ କହିଛନ୍ତି, ଆମର ଉଦ୍ଦେଶ୍ୟ ବିଜେପିକୁ ହିରୋରୁ ଜିରୋ କରିବା । ଜେପି ଆନ୍ଦୋଳନ ବିହାରରୁ ଆରମ୍ଭ ହୋଇଥିଲା । ତେଣୁ ଆମେ ଏକତା ସନ୍ଦେଶ ଦେବାକୁ ବିହାରରେ ଏକ ବୈଠକ କରିବାର ଆବଶ୍ୟକତା ରହିଛି । ଏନେଇ ନୀତିଶଙ୍କୁ ଅନୁରୋଧ ମଧ୍ୟ କରିଛି । ଆମର ଉଦ୍ଦେଶ୍ୟ ବିଜେପିକୁ କ୍ଷମତାରୁ ବିତାଡିତ କରିବା । ମିଡ଼ିଆ, ମିଛ ଅପପ୍ରଚାର ଓ ଗୁଣ୍ଡାଗର୍ଦ୍ଦିକୁ ଆୟୁଧ କରି ବିଜେପି ହିରୋ ହୋଇଛି । ତେଣୁ ବିରୋଧୀ ମାନେ ଏକଜୁଟ୍ ହୋଇ ବିଜେପିକୁ ଜିରୋ କରିବୁ । ବିପକ୍ଷ ଦଳକୁ ନେଇ ମମତା କହିଛନ୍ତି ଆମ ମଧ୍ୟରେ ଅହଙ୍କାରର କୌଣସି ପ୍ରଶ୍ନ ଉଠୁନାହିଁ । ବିରୋଧୀ ଏକାଠି ଅଛନ୍ତି । ଏପରି ଏକା ବାର୍ତ୍ତା ଦେବାର ଆବଶ୍ୟକ ରହିଛି ବୋଲି ସେ କହିଛନ୍ତି । ସେ କହିଛନ୍ତି ଯେ ଆମ ଦର୍ଶନ ଏବଂ ଉଦ୍ଦେଶ୍ୟ ସ୍ପଷ୍ଟ ଆମେ ଏକାଠି ଲଢିବା ସୁନିଶ୍ଚିତ । କେଉଁ ଆଧାରରେ ଏହା ଘଟିବ, ଠିକ୍ ସମୟରେ ନିଷ୍ପତି ନିଆଯିବ ବୋଲି ସେ କହିଛନ୍ତି । ଆଗାମୀ ଲୋକସଭା ନିର୍ବାଚନ ପୂର୍ବରୁ ବିପକ୍ଷ ଦଳକୁ ଏକାଠି କରିବାକୁ ପ୍ରୟାସ ଆରମ୍ଭ ହୋଇଛି । ଗୋଟିଏ ଦିନରେ ଅଖିଳେଶ ଯାଦବ ଓ ମମତା ବାନାର୍ଜୀଙ୍କୁ ଭେଟି ରାଜନୈତିକ ଚର୍ଚ୍ଚାକୁ ସରଗରମ କରିଛନ୍ତି ନୀତିଶ କୁମାର । ଏବେ ନୀତିଶ କୁମାର ବିରୋଧୀଙ୍କୁ ଏକଜୁଟ୍ କରିବାକୁ ପୂରା ଭାରତ ପରିଭ୍ରମଣ କରିବେ । ୨୦୨୪ରେ ଏକାଠି ଲଢିବାକୁ ଦିଲ୍ଲୀରେ କଥାବାର୍ତ୍ତା ଶେଷ ହୋଇଛି । ଏନେଇ ବିରୋଧୀ ସହମତ ମଧ୍ୟ ହୋଇଛନ୍ତି । ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ସମସ୍ତ ବିରୋଧୀ ଦଳକୁ ଏକାଠି କରିବାକୁ ପ୍ରୟାସ । ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ସୋମବାର କୋଲକାତାରେ ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ଭେଟିଛନ୍ତି । ଏହି ବୈଠକରେ ବିହାରର ଉପମୁଖ୍ୟମନ୍ତ୍ରୀ ତେଜସ୍ୱୀ ଯାଦବ ମଧ୍ୟ ଉପସ୍ଥିତ ଥିଲେ । ବୈଠକ ପରେ ମମତା ବାନାର୍ଜୀ କହିଛନ୍ତି ଯେ ମୁଁ ନୀତୀଶଙ୍କୁ ଅନୁରୋଧ କରିଛି ଯେ ଜୟପ୍ରକାଶ ଜୀଙ୍କର ଆନ୍ଦୋଳନ ବିହାରରୁ ଆରମ୍ଭ ହୋଇଛି, ତେଣୁ ଆମେ ବିହାରରେ ଏକ ସଭା ମଧ୍ୟ କରିବା ଉଚିତ୍ । ସେ କହିଛନ୍ତି ଯେ ଆମ ଦର୍ଶନ ଏବଂ ଉଦ୍ଦେଶ୍ୟ ସ୍ପଷ୍ଟ ଆମେ ଏକାଠି ଲ ଲଢିବା ସୁନିଶ୍ଚିତ । କେଉଁ ଆଧାରରେ ଏହା ଘଟିବ, ଠିକ୍ ସମୟରେ ନିଷ୍ପତି ନିଆଯିବ ବୋଲି ସେ କହିଛନ୍ତି ।

## ଝାରସୁଗୁଡ଼ା ଉପନିର୍ବାଚନ ମଇଦାନରେ ୯ ଜଣ ପ୍ରାର୍ଥୀ

ଭୁବନେଶ୍ୱର, ୨୪/୦୪ ଝାରସୁଗୁଡ଼ା ଜିଲ୍ଲାର ୭-ଝାରସୁଗୁଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀର ଉପନିର୍ବାଚନ ପାଇଁ ସମୁଦାୟ ୧୦ ଜଣ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଥିଲେ । ସୋମବାର ଥିଲା ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିବାର ଶେଷ ଦିବସ । ଭୁବନେଶ୍ୱର ଗର୍ଡିଆ ନାମକ ଜଣେ ପ୍ରାର୍ଥୀ ତାଙ୍କର ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିନେବାରୁ ଉପନିର୍ବାଚନ ମଇଦାନରେ ୯ ଜଣ ପ୍ରାର୍ଥୀ ଅବତୀର୍ଣ୍ଣ ହୋଇଛନ୍ତି । ଭାରତୀୟ ଜନତା ପାର୍ଟିର ଟଙ୍କଧର ତ୍ରିପାଠୀ, ଭାରତୀୟ ଜାତୀୟ କଂଗ୍ରେସର ତରୁଣ ପାଣ୍ଡେ, ବିଜୁ ଜନତା ଦଳର ଦୀପାଳି ଦାସ, ଓଡ଼ିଶା ପ୍ରଗତି ଦଳର ଜନ୍ମା ରୋହିଦାସ, ଓଡ଼ିଶା ଜନତା ପାର୍ଟିର ମନୀଷ ଶର୍ମା, କଳିଙ୍ଗ ସେନାର ମହିନ୍ଦ୍ର ପଟ୍ଟନାୟକ, ସ୍ୱାଧୀନ ପ୍ରାର୍ଥୀ ବିଜୟ କୁମାର ଜାଲାନ, ସ୍ୱାଧୀନ ପ୍ରାର୍ଥୀ ମହେନ୍ଦ୍ର ଲୁହା ଓ ସ୍ୱାଧୀନ ପ୍ରାର୍ଥୀ ଜ୍ଞାନେନ୍ଦ୍ର ବେହେରା ପ୍ରମୁଖ ଝାରସୁଗୁଡ଼ା ଉପନିର୍ବାଚନରେ ପ୍ରତିଦ୍ୱନ୍ଦିତା କରୁଥିବା ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶ । ସୂଚନାଯୋଗ୍ୟ ଯେ ଆସନ୍ତା ମେ ୧୦ ତାରିଖରେ ଝାରସୁଗୁଡା ଉପନିର୍ବାଚନ ପାଇଁ ଭୋଟ୍ ଗ୍ରହଣ ହେବ ।

## ନାଗପୁରର ଫ୍ୟାକ୍ଟ୍ରିରେ ନିଆଁ ଲାଗି ୪ ଶ୍ରମିକଙ୍କ ମୃତ୍ୟୁ


ନାଗପୁର, ୨୪/୦୪ : (ହି.ସ)- ନାଗପୁର ସହରର ହିଂଗାନା ଅଂଚଳରେ ସୋମବାର ଦିନ କଟାରିୟା ଏଗ୍ରୋ କମ୍ପାନୀରେ ଭୀଷଣ ନିଆଁ ଲାଗିଥିଲା । ଏହି ଘଟଣାରେ ୪ ଶ୍ରମିକଙ୍କ ପୋଡ଼ିଯାଇ ମୃତ୍ୟୁ ହୋଇଚି ଏବଂ ନିଆଁର ସଂସ୍ପର୍ଶରେ ଆସି ଦୁଇଜଣଙ୍କର ହସ୍ପିଟାଲରେ ଚିକିତ୍ସା ଚାଲିଛି ।

# ୨୦୨୪ ପୂର୍ବରୁ ଭାଙ୍ଗିଯିବ କି ମହାବିକାଶ ଅଘାଡି ମେଣ୍ଟ ? : ଶରଦ ପାୱାରଙ୍କ ବୟାନକୁ ନେଇ ଚର୍ଚ୍ଚା



ନୂଆଦିଲ୍ଲୀ, ୨୪/୦୪ : ମହାରାଷ୍ଟ୍ରରେ କ୍ଷମତା ରାଜନୀତିର ହାଇଡ୍ରାମା ଦେଖିବାକୁ ମିଳୁଥିବାବେଳେ, ଏନସିପି ନେତା ଶରଦ ପାୱାର ବଡ ବୟାନ ଦେଇଛନ୍ତି । ସେ କହିଛନ୍ତି, ମହାବିକାଶ ଅଘାଡି ମେଣ୍ଟ ସହିତ ସେ ଅଛନ୍ତି । ହେଲେ ୨୦୨୪ ନିର୍ବାଚନ ପର୍ଯ୍ୟନ୍ତ ସେ ସାଙ୍ଗ ହେଇ ରହିବେ କି ନାହିଁ, ସେ ବିଷୟରେ କିଛି ବି କହିହେବ ନାହିଁ । ତେବେ ଶରଦଙ୍କ ଏହି ବୟାନ ଏବେ ଚର୍ଚ୍ଚା ସୃଷ୍ଟି କରିଛି । କାହିଁକି ନା, ଗୋଟିଏ ପଟେ ତାଙ୍କ ପୁତୁରା ଅଜିତ୍ ପାୱାର ଖୁବଶୀଘ୍ର ବିଜେପିକୁ ଡେଇଁବା ନେଇ କଥା ଉଠିଥିବାବେଳେ, ଶରଦଙ୍କ ଏଭଳି ବୟାନ ମହାରାଷ୍ଟ୍ର ରାଜନୀତିକୁ ସରଗରମ କରିଛି । ଶରଦ ପାୱାର ଅମରାବତୀରେ ଏକ ସାମ୍ବାଦିକ ସମ୍ମିଳନୀ କରିଥିଲେ । ଏଥିରେ ସାମ୍ବାଦିକମାନେ ତାଙ୍କୁ ପ୍ରଶ୍ନ କରିଥିଲେ ଯେ, ୨୦୨୪ ପର୍ଯ୍ୟନ୍ତ ମହାବିକାଶ ଅଘାଡି ମେଣ୍ଟ ମିଶି ନିର୍ବାଚନ ଲଢିବ କି? ଏହାର ଜବାବରେ ସେ କହିଥିଲେ, ଆଜି ଆମେ ମହାବିକାଶ ଅଘାଡି ମେଣ୍ଟ ସହିତ ଅଛୁ, ସାଙ୍ଗ ହେଇ କାମ କରିବାକୁ ଇଚ୍ଛା ଅଛି । ହେଲେ ଇଚ୍ଛା ହିଁ ରାଜନୀତିରେ ପର୍ଯ୍ୟାପ୍ତ ନୁହେଁ । ଅନ୍ୟପଟେ ଏନସିପିରେ ବିଦ୍ରୋହ ହେବା ନେଇ ସମ୍ଭାବନା ବଢୁଥିବା ବେଳେ ଶରଦ କହିଛନ୍ତି, ଯଦି କେହି ଏନସିପିକୁ ଭାଙ୍ଗିବାକୁ ଷଡଯନ୍ତ୍ର କରେ ତେବେ ଦଳ କଡା କାର୍ଯ୍ୟାନୁଷ୍ଠାନ ନେବ । ପୁତୁରା ଅଜିତ ପାୱାର ବିଜେପିକୁ ଯିବା ନେଇ ଚର୍ଚ୍ଚା ବଢୁଥିବା ବେଳେ ଶରଦଙ୍କର ଏଭଳି ବୟାନ ସାମ୍ନାକୁ ଆସିଛି । ମହାରାଷ୍ଟ୍ର ରାଜନୀତିରେ ହେଉଥିବା ଚର୍ଚ୍ଚା ଅନୁଯାୟୀ, ଅଜିତ ପାୱାର ଶାସକ ବିଜେପି ସହ ଯୋଗାଯୋଗରେ ରହିଛନ୍ତି । ଏପରିକି ଅଜିତ ପାୱାର ମଧ୍ୟ କହି ସାରିଛନ୍ତି ମୁଁ ୧୦୦% ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ହେବାକୁ ଚାହୁଁଛି । ଆଉ ଏଭଳି ବୟାନ ଦର୍ଶାଉଥିଲା ଯେ, ଏନସିପିରେ ବଡ ଧରଣର ଓଲଟପାଲଟ ହେଇପାରେ । ଏପରିକି ୩୦ରୁ ଅଧିକ ବିଧାୟକଙ୍କ ସହ ଅଜିତ ବିଜେପି ଛାଡିପାରନ୍ତି ବୋଲି ଚର୍ଚ୍ଚା ଜୋର ଧରିଛି । କିନ୍ତୁ ଏଭଳି ଚର୍ଚ୍ଚାରେ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି ନିଜେ ଅଜିତ ପାୱାର । ସେ କହିଛନ୍ତି, ମୁଁ ଏନସିପିରେ ଅଛି ଏବଂ ଏନସିପିରେ ରହିବି ମଧ୍ୟ । ମୋ ନାଁରେ ଯେଉଁ ଅପପ୍ରଚାର କରାଯାଉଛି ସେଥିରେ ସତ୍ୟତା ନାହିଁ ।

# ୧୫ ପ୍ରସ୍ତାବକୁ କ୍ୟାବିନେଟ୍ ମଂଜୁରୀ



ଭୁବନେଶ୍ୱର, ୨୪/୦୪ (ନି.ପ୍ର): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ସୋମବାର ଅପରାହ୍ନରେ କ୍ୟାବିନେଟ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ୧୫ଟି ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି । ବିଜୁ ସେତୁ ଯୋଜନାର ଅବଧିକୁ ୨୦୨୫-୨୬ ମସିହାକୁ ବୃଦ୍ଧି କରାଯିବା ପ୍ରସ୍ତାବକୁ କ୍ୟାବିନେଟ୍ ମଞ୍ଜୁର କରିଛି । ଉକ୍ତ ଯୋଜନାରେ ୮୬୬ଟି ନୂତନ ସେତୁ ନିର୍ମାଣ କରାଯିବ । ଏଥିପାଇଁ ୩୫୯୭.୨୨ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି । ଓଡିଶା ଅବକାରୀ ଅମଲା ସେବା (ଅବକାରୀ ନିର୍ଦ୍ଦେଶାଳୟ ଅଧୀନସ୍ଥ ଜିଲ୍ଲା ସ୍ତରୀୟ କାର୍ଯ୍ୟାଳୟର କନିଷ୍ଠ ସହାୟକ , ବରିଷ୍ଠ ସହାୟକ ଏବଂ ଉପ ବିଭାଗ ଅଧିକାରୀଙ୍କ ନିଯୁକ୍ତି ପଦ୍ଧତି ଏବଂ ସେବା ସର୍ତ୍ତାବଳୀ) ନିୟମ ୨୦୨୩ ର ପ୍ରଚଳନ ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ୍ ଅନୁମୋଦନ ପ୍ରଦାନ କରିଛି । ସେହିପରି ଅବକାରୀ ସବଇନସପେକ୍ଟର ନିଯୁକ୍ତି ନେଇ ନୂଆ ଅଧିନିୟମ ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି । ଓଡିଶା ଇଭି ପଲିସି-୨୦୨୧ରେ ସଂଶୋଧନକୁ କ୍ୟାବିନେଟ ମଞ୍ଜୁରୀ ମିଳିଛି ।ଓଡିଶା ବୈଦ୍ୟୁତିକ ଯାନ ନୀତି ୧.୦୯.୨୦୨୧ରୁ ରାଜରେ ଲାଗୁ ହେଉଛି । ଏଥିରେ ବୈଦ୍ୟୁତିକ ଯାନ ଉପରେ ରିହାତି ହାରକୁ ବୃଦ୍ଧି କରିବାକୁ ନିଷ୍ପତି ନିଆଯାଇଛି । ଏହାଦ୍ୱାରା ଏହିତ ନୀତି ଅଧିକ ଉନ୍ନତ ହୋଇପାରିବ । ସ୍ଥିରିକୃତ ଲକ୍ଷ୍ୟ ହାସଲ ସହ ଜନସାଧାରଣଙ୍କୁ ବୈଦ୍ୟୁତିକ ଯାନ କ୍ରୟ କରିବାକୁ ପ୍ରେରିତ କରିବ । ଓଡିଶା ଖଦି ଓ ଗ୍ରାମୋଦ୍ୟୋଗ ବୋର୍ଡ ନିୟମାବଳୀ ୧୯୫୬ ସଂଶୋଧନକୁ ରାଜ୍ୟ କ୍ୟାବିନେଟ ଅନୁମୋଦନ କରିଛି । ଏହା ଦ୍ୱାରା ବୋର୍ଡର ଆକସ୍ମିକ ବ୍ୟୟ ସୀମା ୧୦ ହଜାର ଟଙ୍କାରୁ ୪୦ ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି । ଓବିସି କମିଶନ ସଂଶୋଧନ ନେଇ ଅଧ୍ୟାଦେଶ ଅଣାଯିବାକୁ କ୍ୟାବିନେଟ୍ ମଞ୍ଜୁରୀ ଦେଇଛି । କେନ୍ଦ୍ର ସରକାରଙ୍କ ଦ୍ୱାରା ଓଡିଶା ପାଇଁ ଅନ୍ୟାନ୍ୟ ପଛୁଆବର୍ଗ (ଓବିସି) ତାଲିକାଭୁକ୍ତ ଥିବା ୨୨ ଟି ଜାତିଗୁଡିକୁ ସାମାଜିକ ଓ ଶିକ୍ଷାଗତ ପଛୁଆବର୍ଗ (ଏସଇବିସି) ତାଲିକା ଅନ୍ତର୍ଭୁକ୍ତ କରିବାର କ୍ଷମତା ରାଜ୍ୟ ସରକାରଙ୍କ ରହିବ । ରାଜ୍ୟ ସରକାର ଲଘୁ ଖଣିଜ ପଦାର୍ଥର ପରିଚାଳନା ପ୍ରକ୍ରିୟାକୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗରୁ ଇସ୍ପାତ ଓ ଖଣି ବିଭାଗକୁ ହସ୍ତାନ୍ତର କରିଛନ୍ତି । ଏସମ୍ପର୍କିତ ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ୍ ମଂଜୁର କରିଛନ୍ତି । କଟକ ରିଂ ରୋଡକୁ ( ଖାନ ନଗରଠାରୁ ଲିଙ୍କ୍ ରୋଡ ପର୍ଯ୍ୟନ୍ତ) ୬ ଲେନ ବିଶିଷ୍ଟ କରାଯିବ । ଏଥିପାଇଁ ୧୨୧ କୋଟି ୬୫ ଲକ୍ଷ ଟଙ୍କା ବ୍ୟୟ ବରାଦ ହୋଇଛି । ଏହି ପ୍ରକଳ୍ପ ୨୪ ମାସ ମଧ୍ୟରେ ଶେଷ କରାଯିବାକୁ ଲକ୍ଷ୍ୟ ରଖାଯାଇଛି । ▶▶ପୃଷ୍ଠା ୭

# ୨୬ରେ ପୁଣି ଆନ୍ଦୋଳନକୁ ଓହ୍ଲାଇବେ ପ୍ରାଥମିକ ଶିକ୍ଷକ

ଭୁବନେଶ୍ୱର, ୨୪/୦୪ : ଆସନ୍ତା ଏପ୍ରିଲ ୨୬ ତାରିଖରେ ଜାତୀୟ ଯୁଗ୍ମ କାର୍ଯ୍ୟକାରିଣୀ ପରିଷଦ ପକ୍ଷରୁ ପୁରୁଣା ପେନସନ ବ୍ୟବସ୍ଥା ପୁନଃ ପ୍ରଚଳନ ଦାବୀରେ ବିଧାନସଭା ସମ୍ମୁଖରେ ଯେଉଁ ଆନ୍ଦୋଳନ ଡାକରା ଦିଆଯାଇଛି, ଏହି ଆନ୍ଦୋଳନରେ ପ୍ରାଥମିକ ଶିକ୍ଷକମାନେ ସାମିଲ ହେବେ ବୋଲି ସଂଘର ସଭାପତି ବ୍ରହ୍ମାନନ୍ଦ ମହାରଣା କହିଛନ୍ତି । କେନ୍ଦ୍ର ସରକାର ୨୦୦୪ ମସିହାରେ ଓ ରାଜ୍ୟ ସରକାର ୨୦୦୫ ମସିହାରେ ପୁରୁଣା ପେନସନ ବ୍ୟବସ୍ଥାକୁ ଉଚ୍ଛେଦ କରି ନୂତନ ପେନସନ ବ୍ୟବସ୍ଥା ପ୍ରଚଳନ କରିଛନ୍ତି । ଯାହାଦ୍ୱାରା ସରକାରୀ କର୍ମଚାରୀମାନେ ଅବସରର ଅବଶିଷ୍ଟ ସମୟ କଷ୍ଟରେ ଜୀବନ ବିତାଇବାକୁ ପଡୁଛି । ପୁରୁଣା ପେନସନ ଉଚ୍ଛେଦ ଦ୍ୱାରା ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରୀ କର୍ମଚାରୀମାନଙ୍କ ଅଧିକାରକୁ କ୍ଷୁର୍ଣ୍ଣ କରିଛନ୍ତି । ଜଣେ ସରକାରୀ କର୍ମଚାରୀ ୩୫ରୁ ୪୦ ବର୍ଷ କାର୍ଯ୍ୟ କଲା ପରେ ନୂତନ ପେନସନ ଯୋଜନାରେ ୧୦୦୦ ଟଙ୍କାରୁ ୧୫୦୦ଟଙ୍କା ପର୍ଯ୍ୟନ୍ତ ପେନସନ ପାଇବ ତେବେ ଅବସର ପରେ ଏହି ଟଙ୍କା କେଉଁ କାମରେ ଆସିବ ବୋଲି ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ (ପିଷ୍ଟା) ଅଭିଯୋଗ କରିଛି । ଯଦି ସରକାରୀ କର୍ମଚାରୀଙ୍କ ପାଇଁ ପୁରୁଣା ପେନସନ ବ୍ୟବସ୍ଥା ନାହିଁ ତେବେ ବିଧାୟକ ଓ ସାଂସଦ ମାନଙ୍କୁ କାହିଁକି ପୁରୁଣା ପେନସନ ଦିଆଯାଉଛି ବୋଲି ସଂଘ ପ୍ରଶ୍ନ ପଚାରିଛି । ପୁରୁଣା ପେନସନ ବ୍ୟବସ୍ଥାରେ କର୍ମଚାରୀମାନଙ୍କ ଶେଷ ଦରମାର ଅଧା ପେନସନ ମିଳୁଥିବା ବେଳେ ନୂତନ ପେନସନ ବ୍ୟବସ୍ଥାରେ ସେପରି କୌଣସି ବ୍ୟବସ୍ଥା ନାହିଁ । ନୂତନ ପେନସନ ବ୍ୟବସ୍ଥାରେ କର୍ମଚାରୀମାନଙ୍କ ଦରମାର ୧୦ ଶତକଡ଼ା ଟଙ୍କାକୁ ସେୟାର ବଜାରରେ ଲଗାଯାଉଥିବାରୁ ସେ କେତେ ପେନସନ ପାଇବ ତାହା ସେହି ସମୟର ବଜାର ଦର ଠିକ କରିବ । ପୁରୁଣା ପେନସନ ହେଉଛି କର୍ମଚାରୀଙ୍କ ଅଧିକାର, ଏହାକୁ କେହି କ୍ଷୁର୍ଣ୍ଣ କରିପାରିବେ ନାହିଁ । ତେଣୁ ତୁରନ୍ତ ରାଜ୍ୟ ସରକାର ନୂତନ ପେନସନ ବ୍ୟବସ୍ଥା ଉଚ୍ଛେଦ କରି ପୁରୁଣା ପେନସନ ବ୍ୟବସ୍ଥା ଲାଗୁ କରିବାକୁ ପିଷ୍ଟା ସଂଘର ସାଧାରଣ ସମ୍ପାଦକ ବିଭୂ ପ୍ରସାଦ ସାହୁ ଦାବି କରିଛନ୍ତି । ଆସନ୍ତା ଏପ୍ରିଲ ୨୬ ତାରିଖରେ ଜାତୀୟ ଯୁଗ୍ମ କାର୍ଯ୍ୟକାରିଣୀ ପରିଷଦ (ଏନ୍‌ଜେସିଏ) ପକ୍ଷରୁ ବିଧନସଭା ସମ୍ମୁଖରେ ହେବାକୁ ଥିବା ଆନ୍ଦୋଳନରେ ସମସ୍ତ ପ୍ରାଥମିକ ଶିକ୍ଷକ ଯୋଗ ଦେବେ ବୋଲି ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘର ସଭାପତି ବ୍ରହ୍ମାନନ୍ଦ ମହାରଣା ଓ ସାଧାରଣ ସମ୍ପାଦକ ବିଭୁପ୍ରସାଦ ସାହୁ ଏକ ପ୍ରେସ୍ ବିବୃତିରେ କହିଛନ୍ତି ।

## ପାୱାର କଟ ନୁହେଁ, ପାୱାର ଟ୍ରିପ୍ ହେଉଛି : ଶକ୍ତି ମନ୍ତ୍ରୀ



ଭୁବନେଶ୍ୱର, ୨୪/୦୪ :(ନି.ପ୍ର) ରାଜ୍ୟରେ ଖୁବ ବିଜୁଳି କାଟ ହେଉଥିବା ଅଭିଯୋଗ ଆସୁଥିବା ବେଳେ ରାଜ୍ୟର ଶକ୍ତି ମନ୍ତ୍ରୀ ପ୍ରତାପ କେଶରୀ ଦେବ ଏହାକୁ ଅସ୍ୱୀକାର କରିଛନ୍ତି । ରାଜ୍ୟରେ ପାୱାର କଟ ନୁହେଁ, ପାୱାର ଟ୍ରିପ୍ ହେଉଛି ବୋଲି

▶▶ପୃଷ୍ଠା ୭

# ୪ ଦିନ ପର୍ଯ୍ୟନ୍ତ କାଳବୈଶାଖୀ ସମ୍ଭାବନା

ଭୁବନେଶ୍ୱର, ୨୪/୦୪ (ନି.ପ୍ର): ଆଗାମୀ ୪ ଦିନ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଜିଲ୍ଲାରେ ବିଜୁଳି ଘଡଘଡି ସହ କାଳବୈଶାଖୀ ଜନିତ ବର୍ଷା ଜାରି ରହିବ । ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଏହି ସୂଚନା ଦିଆଯାଇଛି । ପାଣିପାଗ କେନ୍ଦ୍ର ପକ୍ଷରୁ ଜାରି ସତର୍କ ସୂଚନା ଅନୁଯାୟୀ ଆସନ୍ତା ୨୪ ଘଂଟା ମଧ୍ୟରେ କଟକ ,ଯାଜପୁର, ଢେଙ୍କାନାଳ, ବୌଦ୍ଧ, କନ୍ଧମାଳ, କଳାହାଣ୍ଡି, ରାୟଗଡା ଜିଲ୍ଲାରେ ବିଜୁଳି ଘଡଘଡି ସହ କାଳବୈଶାଖୀ ଜନିତ ବର୍ଷା ଏବଂ ୪୦ ରୁ ୫୦ କିମି ବେଗରେ ପବନ ବହିବାର ସମ୍ଭାବନା ରହିଛି । ଏଥିପାଇଁ ଏହି ଜିଲ୍ଲାଗୁଡିକୁ ଅରେଂଜ ୱାର୍ଣ୍ଣିଂ ଜାରି କରାଯାଇଛି । ଏହି ସମୟ ମଧ୍ୟରେ ବାଲେଶ୍ୱର, କେନ୍ଦ୍ରାପଡା, ଭଦ୍ରକ, ଜଗତସିଂହପୁର, ଖୋର୍ଦ୍ଧା, ପୁରୀ, ନୟାଗଡ, ଗଂଜାମ, ଗଜପତି, ମୟୁରଭଂଜ, କେନ୍ଦୁଝର, ଅନୁଗୁଳ, ମାଲକାନଗିରି , କୋରାପୁଟ ଜିଲ୍ଲାରେ ମଧ୍ୟ କାଳବୈଶାଖୀ ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ସେହିପରି ୨୫ ତାରିଖରେ ଖୋର୍ଦ୍ଧା, ପୁରୀ, ନୟାଗଡ, ଗଂଜାମ, ଗଜପତି, ନବରଙ୍ଗପୁର, ରାୟଗଡା, କଳାହାଣ୍ଡି, କନ୍ଧମାଳ , ନୂଆପଡା ଓ ବଲାଙ୍ଗିର ଜିଲ୍ଲାରେ ବିଜୁଳି ଘଡଘଡି ସହ କାଳବୈଶାଖୀ ଜନିତ ବର୍ଷା ଏବଂ ୪୦ ରୁ ୫୦ କିମି ବେଗରେ ପବନ ବହିବାର ସମ୍ଭାବନା ରହିଛି । ଏହି ଜିଲ୍ଲାଗୁଡିକୁ ମଧ୍ୟ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ । ଚାଷୀଙ୍କୁ କାଳ ହେଲା କାଳବୈଶାଖୀ । ବର୍ଷା ପବନ ସାଙ୍ଗକୁ କୁଆପଥର ମାଡରେ ଭାଙ୍ଗି ଯାଇଛି ଚାଷୀଙ୍କ ମେରୁଦଣ୍ଡ । କୁଆପଥର ବର୍ଷା କେଉଁଠି ପାଚିଲା ଧାନକୁ ଉଜାଡି ଦେଇଛି ତ ଆଉ କେଉଁଠି ଅମଳ ଅପେକ୍ଷାରେ ଥିବା ମକା ଫସଲ ନଷ୍ଟ ହୋଇଯାଇଛି । ରବିବାର ସଂଧ୍ୟାରେ ହଠାତ୍ ବଦଳିଯାଇଥିଲା ପାଗର ମିଜାଜ୍ । ରାଜ୍ୟର ବିଭିନ୍ନ ସ୍ଥାନରେ ଆକାଶରୁ ବର୍ଷିଥିଲା କୁଆପଥର । କେଇ ଘଂଟାର ବର୍ଷା ପରେ ରାସ୍ତାଘାଟରେ ଜମିଗଲା କୁଆପାଥର । ଯାହା କାଶ୍ମୀରର ଭ୍ରମ ସୃଷ୍ଟି କରିଛି । ଯାହାର ମଜା ନେଉଛନ୍ତି ପଥଚାରୀ । କିନ୍ତୁ ଏହି କୁଆପଥର ବର୍ଷା ଚାଷୀଙ୍କ ମେରୁଦଣ୍ଡ ଭାଙ୍ଗି ଦେଇଛି । ନବରଂଗପୁର ଜିଲ୍ଲାରେ କୁଆପଥର ବର୍ଷା ସାଂଗକୁ ପ୍ରବଳ ବେଗରେ ପବନ ବହିବାରୁ ଉଠି ଯାଇଛି ଘରର ଛପର । ମାଟି ଘର ମାଟିରେ ମିଶି ଯାଇଛି । ଭାଂଗି ପଡିଛି ବଡ ବଡ ଗଛ । କେବଳ ଏତିକି ନୁହେଁ ଏକର ଏକର ଜମିରେ ଚାଷ ହୋଇଥିବା ମକା ଫସଲ ନଷ୍ଟ ହୋଇଯାଇଛି । ପରିବା ଫସଲ କଥା ନକହିବା ଭଲ । ଉଜୁଡା କ୍ଷେତକୁ ଦେଖି ମୁଣ୍ଡରେ ହାତ ଦେଇଛି ଚାଷୀ । ବରଗଡ ଜିଲ୍ଲାରେ କାଳବୈଶାଖୀର ତାଣ୍ଡବରେ ପାଚିଲା ଧାନ । ଏହି ୪ ଜିଲ୍ଲାରେ କାଳବୈଶାଖୀ ଜନିତ ବିଜୁଳି, ଘଡ଼ଘଡ଼ି ସହ ଝଡ଼ ପବନ ଓ କୁଆପଥର ବର୍ଷା ହେବାର ସମ୍ଭାବନା ଥିବା ଆକଳନ କରିଛି ପାଣିପାଗ କେନ୍ଦ୍ର ।

## ଦୁର୍ଗମ ତୁଳସୀ ଗାଁରେ ପ୍ରତିଷ୍ଠା ହେଲା ବିଏସଏଫ କ୍ୟାମ୍ପ

ମାଲକାନଗିରି, ୨୪/୦୪ (ନି.ପ୍ର): ପ୍ରତିବନ୍ଧିତ ଲାଲବାହିନୀର ଲାଲଗଡ ଥିଲା ମାଲକାନଗିରି। ଦୀର୍ଘ ଦଶନ୍ଧି ଧରି ଜିଲ୍ଲା ପୁଲିସ ଓ ବିଏସଏଫର ଲଢେଇ ଜାରି ରହିଛି ମାଓବାଦୀ ବିରୁଦ୍ଧରେ। ବିକାଶ ବିରୋଧୀ ମାଓ ସଂଗଠନକୁ ଚେକ୍ ମେଟ ଦେବା ପାଇଁ ମାଲକାନଗିରି ପୁଲିସ ଏବଂ ବିଏସଏଫର ଆଉ ଏକ ସଫଳ ପଦକ୍ଷେପ। ଆଜି ମାଥିଲି ଥାନା ଅନ୍ତର୍ଗତ ଅତ୍ୟନ୍ତ ଦୁର୍ଗମ ତୁଳସୀ ଗାଁରେ ପ୍ରତିଷ୍ଠା ହେଲା ଆଉ ଏକ ବିଏସଏଫ କ୍ୟାମ୍ପ। ଏହି ଗାଁରେ ନା ଥିଲା ଗମନାଗମନର ସୁବିଧା ନା ଥିଲା ଗାଁରେ ମୌଳିକ ସୁବିଧା। ଦୀର୍ଘ ଦିନ ଧରି ସବୁଠାରୁ କଠିନ ପରିସ୍ଥିତିରେ ଥିଲା ତୁଳସୀ ଗାଁ। ସେଥିପାଇଁ ଏହି ଗାଁରେ ମାଓବାଦୀ ଗତିବିଧି ଥିଲା ଚରମ ସୀମାରେ। ପୁଲିସ କ୍ୟାମ୍ପ ସ୍ଥାପନ ପରେ ମାଓବାଦୀଙ୍କ ମନୋବଳ ଭାଙ୍ଗିବା ସହ ଅଂଚଳର ସୁରକ୍ଷା ଓ ବିକାଶ ଦିଗରେ କାର୍ଯ୍ୟ କରିବା ହେବ ସହଜ। ଛତିଶଗଡ଼ ସୀମାନ୍ତ ମାଥିଲି ବ୍ଲକରେ ଥିବା ଏହି ତୁଳସୀ ଗାଁ ଏବେ ମାଲକାନଗିରି ପୁଲିସ ନଜରରେ। ମାଓବାଦୀଙ୍କ ବିଧ୍ୱଂସକାରୀ ଗତିବିଧିକୁ ପରାସ୍ତ କରିବେ ବିଏସଏଫର ଲଢୁଆ ଯବାନ। ସୁଗମ ଏବଂ ବିକଶିତ ହେବ ଏବେ ଦୁର୍ଗମ ତୁଳସୀ ଗାଁ। ପୂର୍ବରୁ ତୁଳସୀ ଗାଁରେ ମାଓବାଦୀ ମାନେ ଚଳାଇଥିଲେ ବିଭିନ୍ନ ବର୍ବରକାଣ୍ଡ। ତେବେ ମାଲକାନଗିରି ପୁଲିସ ଏବଂ ବିଏସଏଫ ଏହି ଅଂଚଳରେ କ୍ୟାମ୍ପ ସ୍ଥାପନ କରି ସମ୍ପୃକ୍ତ ଅଂଚଳକୁ ନେଇ ପାରିଛନ୍ତି ନିଜ ହାତ ମୁଠାକୁ। ଫଳରେ ତୁଳସୀ ପାହାଡ଼ର ଅଂଚଳବାସୀ ଏବେ ନିଜକୁ ମଣୁଛନ୍ତି ସୁରକ୍ଷିତ।

# ଦିନକୁ ଦିଆଯାଉଛି ୭୩୦୦ ଆହାର: ଏସ୍‌ସିବିରେ ବଢ଼ିଲା ୪ଶହ ଆହାର, ତଥାପି ନିଅଣ୍ଟ



କଟକ, ୨୪/୦୪ (ନି.ପ୍ର): କଟକ ବଡ଼ଡାକ୍ତରଖାନାରେ ଦିଆଯାଉଥିବା ଆହାର ଯଥେଷ୍ଟ ହେଉ ନଥିବାରୁ ଆଉ ୪୦୦ଶହ ମିଲ୍ ବୃଦ୍ଧି କରାଯାଇଛି। ଏହା ସତ୍ତ୍ୱେ ପ୍ରତିଦିନ ବହୁସଂଖ୍ୟକ ଲୋକ ଆହାର କେନ୍ଦ୍ରରୁ ନିରାଶ ହୋଇ ଫେରୁଛନ୍ତି।। ତେଣୁ, ଏସ୍‌ସିବି ରାଣୀହାଟ ଗେଟ୍ ପାଖରେ ଆହାର କେନ୍ଦ୍ରର ଏକ ସବ୍-ସେଣ୍ଟର ଖୋଲିବା ପାଇଁ ଏସ୍‌ସିବି କୁଳସଚିବ ସିଏମ୍‌ସିକୁ ଲେଖିଛନ୍ତି। ଅନ୍ୟପଟେ ଆଚାର୍ଯ୍ୟ ହରିହର କର୍କଟ କେନ୍ଦ୍ର ଓ ଶିଶୁଭବନରେ ବି ଆହାର ପାଉ ନଥିବାରୁ ସେଠାରେ କେବେ ଆହାର ସଂଖ୍ୟା ବୃଦ୍ଧି କରାଯିବ ତାକୁ ନେଇ ରୋଗୀ ସଂପର୍କୀୟ ପ୍ରଶ୍ନ କରିଛନ୍ତି। ତେବେ କର୍କଟ କେନ୍ଦ୍ର କର୍ତ୍ତୃପକ୍ଷ ଆହାର ସଂଖ୍ୟା ବୃଦ୍ଧି ପାଇଁ ଜଣାଇଥିବା ବେଳେ ଶିଶୁଭବନ ପକ୍ଷରୁ ସେଭଳି କୌଣସି ପ୍ରସ୍ତାବ ଯାଇ ନଥିବା ଜଣାପଡିଛି। ଅନ୍ୟପଟେ ରବିବାର ଆହାର ବନ୍ଦ ନେଇ ସବୁ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।

ସୂଚନାଯୋଗ୍ୟ, କଟକରେ ଦିନକୁ ୭ଟି କେନ୍ଦ୍ରରେ ଲୋକଙ୍କୁ ୭୩ଶହ ଆହାର ଦିଆଯାଉଛି। କଟକରେ ୭ଟି ଆହାର କେନ୍ଦ୍ର ରହିଛି। ସେଥିରୁ କଟକ ବଡ଼ଡାକ୍ତରଖାନାରେ ଥିବା ଆହାର କେନ୍ଦ୍ରରେ ସର୍ବାଧିକ ମିଲ ଦିଆଯାଉଛି। ପୂର୍ବରୁ ଏସ୍‌ସିବିରେ (ଦିନରେ ୧୩୦୦ ଓ ରାତିରେ ୮୦୦) ମିଲ୍ ଦିଆଯାଉଥିଲା। କିନ୍ତୁ ଚଳିତମାସ ୧୮ତାରିଖ ଦିନ ମିଲ୍ ସଂଖ୍ୟା ଦିନରେ ୨ଶହ ଓ ରାତିରେ ୨ଶହକୁ ବୃଦ୍ଧି କରାଯାଇଛି। ଫଳରେ ଏସ୍‌ସିବିରେ ଏବେ ଦିନରେ ୧୫୦୦ ଓ ରାତିରେ ୧୦୦୦ ମିଲ ଦିଆଯାଉଛି। ଅର୍ଥାତ୍ ଦିନକୁ ଏସ୍‌ସିବିରେ ୨୫ଶହ ମିଲ ଦିଆଯାଉଛି। ସେହିପରି ଶିଶୁଭବନ ଆହାର କେନ୍ଦ୍ରରେ ୧୧ଶହ(ଦିନରେ ୭୦୦ ରାତିରେ ୪୦୦), ଆଚାର୍ଯ୍ୟ ହରିହର କର୍କଟ କେନ୍ଦ୍ରରେ ୧୩୫୦ (ଦିନରେ୯୦୦, ରାତିରେ ୪୫୦), ସିଟି ହସ୍ପିଟାଲ୍‌ରେ ୬୦୦(୪୦୦-୨୦୦) ମିଲ୍ ଦିଆଯାଉଥିବା ବେଳେ ତିନୋଟି ସ୍ଥାନରେ କେବଳ ଦିନରେ ଖୋଲୁଛି ଆହାର କେନ୍ଦ୍ର। ମାଲ୍‌ଗୋଦାମରେ ୩୫୦, ବାଦାମବାଡ଼ିରେ ୭୦୦, ଜଗତ୍‌ପୁରରେ ୭୦୦ ମିଲ୍ ଦିଆଯାଉଛି। କର୍କଟ କେନ୍ଦ୍ର ଓ ଶିଶୁଭବନରେ ଆହାର ଯଥେଷ୍ଟ ହେଉ ନଥିବାରୁ ଆହର ସଂଖ୍ୟା ବୃଦ୍ଧି ପାଇଁ ରୋଗୀ ସଂପର୍କୀୟ ଦାବି କରିଛନ୍ତି। ଅନ୍ୟପଟେ ରବିବାର ଆହାର କେନ୍ଦ୍ର ଖୋଲିବା ପାଇଁ ମଧ ଦାବି ହୋଇଛି। ରବିବାର ଆହାର ବନ୍ଦ ରହୁଥିବାରୁ ରୋଗୀ ସଂପର୍କୀୟମାନେ ହନ୍ତସନ୍ତ ହେଉଛନ୍ତି। କିଛି ସାମାଜିକ ଅନୁଷ୍ଠାନ ରୋଗୀ ସମ୍ପର୍କୀୟଙ୍କୁ ଖାଦ୍ୟ ବଣ୍ଟନ କରୁଥିଲେ ବି ତାହା ଯଥେଷ୍ଟ ହେଉନି। ସ୍ୱାସ୍ଥ୍ୟବିଭାଗ ଏସ୍‌ସିବି, କର୍କଟ କେନ୍ଦ୍ର, ଶିଶୁଭବନରେ ରବିବାର ଆହାର କେନ୍ଦ୍ର ଖୋଲିବାକୁ ଦାବି ହୋଇଛି। ଖୋଲା ଯାଇ ନ ପାରିଲେ ତାହାର ବିକଳ୍ପ ବ୍ୟବସ୍ଥା ଗ୍ରହଣ କରିବାକୁ ସାମାଜିକ କର୍ମୀ ଡକ୍ଟର ଅଭୟ ରଞ୍ଜନ ପଟ୍ଟନାୟକ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

## କାଳବୈଶାଖୀ ପ୍ରଭାବରେ ପ୍ରବଳ ଝଡ଼ତୋଫାନ ହୋଇ ବ୍ୟାପକ କ୍ଷୟକ୍ଷତି

ମାଲକାନଗିରି, ୨୪/୦୪ (ନି.ପ୍ର): ମାଲକାନଗିରି ଜିଲ୍ଲାର ବିଭିନ୍ନ ଅଂଚଳରେ ଶନିବାର ସନ୍ଧ୍ୟାରେ କାଳବୈଶାଖୀ ପ୍ରଭାବରେ ପ୍ରବଳ ଝଡ଼ତୋଫାନ ହୋଇ ବ୍ୟାପକ କ୍ଷୟକ୍ଷତି ଘଟିଛି। ଏହି ଝଡ଼ତୋଫାନର ପ୍ରଭାବରେ ବିଶେଷ କରି କାଲିମେଳା ବ୍ଲକ ସ୍ଥିତ ଗମ୍ପାକୋଣ୍ଡା ପଂଚାୟତରେ ଥିବା ଏସଏସଡି ହାଇସ୍କୁଲ ପରିସର ଷ୍ଟାଫ କ୍ୱାଟର୍ସ ଉପରେ ଏକ ବୃହତ ଆମ୍ବ ଗଛ ଉପୁଡି ପଡିଛି।ଗଛଟି ଉପୁଡିବା ଶବ୍ଦ ଶୁଣି ଘରଭିତରୁ ଶିକ୍ଷକଙ୍କ ପରିବାର ବାହାରକୁ ପଳାଇ ଯାଇଥିବାରୁ ସେମାନେ ଅଳ୍ପକେ ବଡ ଧରଣର ଦୁର୍ଘଟଣାରୁ ବର୍ତ୍ତିଯାଇଥିଲେ।ଗଛଟି ଘର ଉପରେ ପଡିବାଦ୍ୱାରା ଘରର ଛପର କାନ୍ଥ ଭାଙ୍ଗିଯାଇଛି। ଠିକ ସେହିପରି ଶନିବାର ମଧରାତ୍ରରେ ଝଡ଼ତୋଫାନରେ ଏମ ପି ଭି ୭୪ ଗ୍ରାମର ରାଧାଶ୍ୟାମ ନାୟକଙ୍କ ଘର ଉପରେ ଏକ ବଡ଼ ଗଛ ଭାଙ୍ଗି ପଡିବା ଦ୍ୱାରା ଘରଟି ଭାଙ୍ଗି ଭୁଶୁଡି ଯାଇଛି। ଘର ଲୋକେ ଗତ କାଲି ନିଜବନ୍ଧୁ ଘରକୁ ଯାଇଥିବାରୁ ଭାଗ୍ୟବସତ କାହାର କିଛି କ୍ଷତି ଘଟି ନାହିଁ। ରବିବାର ସକାଳେ କାଲିମେଳା ଅଗ୍ନିଶମ ବିଭାଗ ଅଧିକାରୀ ଓ କର୍ମଚାରୀ ଘଟଣା ସ୍ଥଳରେ ପହଂଚି ଘର ଉପରେ ଓ ରାସ୍ତା ଘାଟରେ ପଡିଥିବା ଗଛଗୁଡିକୁ କାଟି ସଫାକରିଥିଲେ।

# ଶିବପ୍ରସାଦ ପାଣ୍ଡିଆଙ୍କ ୧୫ ତମ ଶ୍ରାଦ୍ଧୋତ୍ସବ ପାଳିତ

ବଲାଙ୍ଗୀର, ୨୪/୦୪ (ନି.ପ୍ର): ବିପ୍ଳବୀ କବି ସାମ୍ବାଦିକ ଗୌରବ ଶିବପ୍ରସାଦ ପାଣ୍ଡିଆଙ୍କ ୧୫ତମ ଶ୍ରାଦ୍ଧବାର୍ଷିକୀ ସମାରୋହ ସ୍ଥାନୀୟ ଯୁଧିଷ୍ଠିର ମିଶ୍ର ଆଇନ ମହାବିଦ୍ୟାଳୟ ପରିସରରେ ଶନିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଶିବପ୍ରସାଦ ପାଣ୍ଡିଆ ସ୍ମୃତି କମିଟି ଏବଂ ସ୍ମୃତିବିନ୍ଦୁ ଫାଉଣ୍ଡେସନ୍ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ଶିକ୍ଷାବିତ ଏବଂ ଚିନ୍ତାନାୟକ ପ୍ରଫେସର ମଧୁସୂଦନ ପତି ସଭାପତିତ୍ୱ କରିଥିଲେ। ବରେଣ୍ୟ ଅତିଥି ଭାବେ ବଲାଙ୍ଗିର ବିଧାୟକ ତଥା ବରିଷ୍ଠ ଆଇନଜ୍ଞ ନରସିଂହ ମିଶ୍ର, ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ଅର୍ଥନୀତିଜ୍ଞ ତଥା ୟୁନାଇଟେଡ୍ କିଙ୍ଗ୍ ?ଡମ୍ ସ୍ଥିତ ୟୁନିଭର୍ସିଟି ଅଫ୍ ବାଥ୍ ?ର ପ୍ରଫେସର ଡ. ଅଜିତ ମିଶ୍ର ଏବଂ ସମ୍ବଲପୁର ସ୍ଥିତ ଆଇଆଇଏମ୍ ?ର ଆସୋସିଏଟ୍ ପ୍ରଫେସର ଡ. ସୁଜିତ କୁମାର ପୃଷେଠ୍ ଯୋଗଦାନ କରିଥିଲେ। ବିଧାୟକ ଶ୍ରୀ ମିଶ୍ର ତାଙ୍କ ବକ୍ତବ୍ୟରେ ବଲାଙ୍ଗିର ପଛୁଆ ଜିଲ୍ଲା ନୁହେଁ, ଏଠାରେ ଦକ୍ଷତାର ଅଭାବ ନାହିଁ ମାନସିକତାର ଅଭାବ ପରିଲକ୍ଷିତ ହେଉଛି ବୋଲି କହିଥିଲେ। ଏହି ଅବସରରେ ସେ ସ୍ୱର୍ଗତ ପାଣ୍ଡିଆଙ୍କ ଭଳି ଜଣେ ନିର୍ଭୀକ ଏବଂ ସାଧାରଣ ଲୋକଙ୍କ ପକ୍ଷଧର ସାମ୍ବାଦିକ ଆଉ ଦେଖିବାକୁ ମିଳୁନାହାନ୍ତି ବୋଲି କହିଥିଲେ। ଶିକ୍ଷାର ଉନ୍ନତି ବିନା କୌଣସି ଅଂଚଳର ପ୍ରଗତି ଅସମ୍ଭବ ବୋଲି କହିଥିଲେ। ଅନ୍ୟତମ ଅତିଥି ପ୍ରଫେସର ମିଶ୍ର ତାଙ୍କ ବକ୍ତବ୍ୟରେ ପୃଥିବୀର ବିଭିନ୍ନ କାଳଖଣ୍ଡରେ କିଭଳି ସୁନା, ଜମି, ଶ୍ରମ ଏବଂ ବଜାର ପ୍ରଭାବଶାଳୀ ହୋଇ ମୂଲ୍ୟ ନିର୍ଦ୍ଧାରଣ କରାଯାଇଥାଏ କହିଥିଲେ। ତେବେ ଲୋକେ ଯାହା ଚାହିଁବେ ତା'ର ମୂଲ୍ୟ ଅଧିକ ରହିବ ବୋଲି କହିଥିଲେ। ଏହି ଅବସରରେ ସେ ସ୍ୱର୍ଗତ ପାଣ୍ଡିଆ ଏବଂ ସ୍ୱର୍ଗତ ପ୍ରଫେସର ରବିଶଙ୍କର ପାଣ୍ଡିଆଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଅନ୍ୟତମ ଅତିଥି ପ୍ରଫେସର ପୃଷେଠ୍ ତାଙ୍କର ଦୀକ୍ଷାନ୍ତ ଅଭିଭାଷଣରେ ୧୮୯୩ ମସିହାରେ ମହାତ୍ମା ଗାନ୍ଧୀ, ବିବେକାନନ୍ଦ ଏବଂ ଅରବିନ୍ଦ ଘୋଷଙ୍କ ଯୁଗାନ୍ତକାରୀ ଅବଦାନ ସମ୍ପର୍କରେ ଆଲୋଚନା କରିବା ସହ ସାମ୍ବାଦିକ ଗୌରବ ପାଣ୍ଡିଆଙ୍କ ଶୁକୁରୁ ଡୁଗୁରୁଙ୍କ ତୁଳନାତ୍ମକ ମୂଲ୍ୟାଙ୍କନ କରିଥିଲେ। ଆଜିର ସମୟରେ କିଭଳି ଅଧ୍ୟାପକ, କବି-ଲେଖକ ଏବଂ ସାମ୍ବାଦିକ ନିଜର ସ୍ୱାଧୀନ ମତବ୍ୟକ୍ତ କରିପାରୁନାହାନ୍ତି କି ଲେଖିପାରୁନାହାନ୍ତି କହିଥିଲେ। ସଭାପତୀୟ ଅଭିଭାଷଣରେ ପ୍ରଫେସର ମଧୁସୂଦନ ପତି ସାମ୍ପ୍ରତିକ ସମାଜର ଏକ ସ୍ଥୂଳଚିତ୍ର ଉପରେ କହି ସମୀକ୍ଷାର ବେଳ ଉପନୀତ ବୋଲି କହିଥିଲେ। ସ୍ୱର୍ଗତ ପାଣ୍ଡିଆ ସାମନ୍ତବାଦ ବିରୁଦ୍ଧରେ ଜୀବନବ୍ୟାପୀ ଲଢ଼େଇ କରି ଆସିଥିଲେ। ରୁଦ୍ରଆହ୍ୱାନ ପାଇଲା ପରେ ଶିବପ୍ରସାଦ ପାଣ୍ଡିଆଙ୍କ ଜୀବନ ସାର୍ଥକ ହୋଇଥିଲା ବୋଲି ସେ କହିଥିଲେ। ଏହି ଅବସରରେ ସ୍ୱର୍ଗତ ପାଣ୍ଡିଆଙ୍କ ନିର୍ବାଚିତ ପୁସ୍ତକ ସଙ୍କଳନ 'ଶିବପ୍ରସାଦ ପାଣ୍ଡିଆ : ବିଚାର ଓ ବ୍ୟକ୍ତିତ୍ୱ'କୁ ଅତିଥିମାନେ ଲୋକାର୍ପିତ କରିଥିଲେ। ସଭାରେ ଉଲ୍ଲେଖନୀୟ ଅବଦାନ ପାଇଁ ପ୍ରଖ୍ୟାତ ସ୍ଥପତି ଏବଂ ଶିଳ୍ପୀ ଅନ୍ତର୍ଯ୍ୟାମୀ ମେହେର ଓ ଅଭିଳାଷ ମେହେର, ଜୟଶ୍ରୀ ପ୍ରିଂଟର୍ସର ସତ୍ତ୍ୱାଧିକାରୀ ପ୍ରସନ୍ନ କୁମାର ଗିରି, ସରିତା ଆଚାର୍ଯ୍ୟ ଏବଂ କୃଷ୍ଣ ମହାରଣାଙ୍କୁ ମାନପତ୍ର ଓ ଉପାୟନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସଭା ପ୍ରାରମ୍ଭରେ ଅଜିତ ପାଣିଗ୍ରାହୀ ବିପ୍ଳବୀ ସଙ୍ଗୀତ ପରିବେଷଣ କରିଥିଲେ। ଆୟୋଜକ କମିଟି ଆବାହକ ସୁଶୀଳ କୁମାର ପାଣ୍ଡିଆ ସ୍ୱାଗତ ବକ୍ତବ୍ୟ ଦେଇଥିଲେ। ସମ୍ବର୍ଦ୍ଧନା ପର୍ବକୁ ଅଧ୍ୟାପକ ସନ୍ଦୀପ କୁମାର କୁଅଁର ଏବଂ ସଭାପର୍ବକୁ ବୀରେନ୍ଦ୍ର କୁମାର ଝାଙ୍କର ପରିଚାଳନା କରିଥିଲେ। ଶେଷରେ ବିପ୍ଳବ କେଶରୀ ପାଣ୍ଡିଆ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ସଫଳ କରିବାରେ ମୋହନ ରଞ୍ଜନ ପାଣ୍ଡିଆ, ଅଜିତ କୁମାର ଯୋଷୀ, ସଂଗ୍ରାମ ପାଣ୍ଡିଆ, ନିହାର ରଞ୍ଜନ ପାଣ୍ଡିଆ, ଉଚିତ ଚନ୍ଦ୍ର ପଣ୍ଡା, କୁନୁ ପଣ୍ଡା, ରାମନାରାୟଣ ଦାଶ, ପ୍ରଶାନ୍ତ ମହାକୁର, ରଞ୍ଜିତ ମିଶ୍ର, ଯୁଧିଷ୍ଠିର ମେହେର ଅନ୍ୟମାନେ ସହଯୋଗ କରିଥିଲେ। ସଭାରେ ବଲାଙ୍ଗିର ସହରର ବହୁ ବୁଦ୍ଧିଜୀବୀ, ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ଥିଲେ।

## ଶ୍ରେଣୀ ଗୃହ ଓ ଲାଇବ୍ରେରୀ ନିର୍ମାଣ ଗ୍ରାମ୍ୟ ନିର୍ମାଣରେ ନିମ୍ନମାନର କାର୍ଯ୍ୟ ଅଭିଯୋଗ

ମାଲକାନଗିରି, ୨୪/୦୪ (ନି.ପ୍ର): ମାଲକାନଗିରି ଜିଲ୍ଲା କାଲିମେଳା ସଦର ମହକୁମା ସ୍ଥିତ ଗୋପବନ୍ଧୁ ଆଂଚଳିକ ସ୍ନାତକ ମହାବିଦ୍ୟାଳୟ ର ଭିତିଭୂମି ବିକାଶ ଅନ୍ତର୍ଗତ ଶ୍ରେଣୀ ଗୃହ ଓ ଲାଇବ୍ରେରୀ ନିର୍ମାଣ ଗ୍ରାମ୍ୟ ନିର୍ମାଣ ବିଭାଜନ ମାଲକାନଗିରି- ୨ ଙ୍କ ଅଧୀନ ରେ ଚାଲିଛି। ୧ କୋଟି ୮୭ ଲକ୍ଷ ୧୭ ହଜାର ଟଙ୍କା ବ୍ୟୟ ଅଟକଳ ରେ କାଲିମେଳା ର ଠିକାଦାର ନିତାଇ ଭୋଳ କାର୍ଯ୍ୟ କରୁଛନ୍ତି, ୯ /୯ /୨୦୨୨ ରେ କାମ ଆରମ୍ଭ ହୋଇ ଥିବା ବେଳେ କାର୍ଯ୍ୟ ଶେଷ ତାରିଖ ୮/୧୦/୨୦୨୩ ଧାର୍ଯ୍ୟ କରାଯାଇଛି। କାମ ଆରମ୍ଭ ରୁ ହିଁ ନିମ୍ନ ମାନର କାର୍ଯ୍ୟ କରାଯାଉ ଥିବା ଅଭିଯୋଗ ହେଉଛି !ଏହି ନିର୍ମାଣ କାମରେ ଶସ୍ତା ଓ ଗୁଣବତା ନଥିବା ଛଡ ବ୍ୟବହାର ହୋଇଥିବା ବେଳେ ନିର୍ମାଣ ଧୀନ କଲମ ଗୁଡିକ ରେ ଫାଟ ଦେଖା ଦେବା ଏବଂ ସଠିକ ଭାବେ ପ୍ଲାଷ୍ଟର କରାଯାଇ ନଥିବାରୁ ଛଡ ଗୁଡିକ ବାହାରକୁ ଦେଖା ଯାଉଛି ! ଏପରି କି ଆଜି ଦିନ ୧ ଘଣ୍ଟା ସମୟରେ ପ୍ରବଳ ଖରାରେ ଶ୍ରମିକ ମାନେ କାମ କରୁଥିବା ଦେଖିବାକୁ ମିଳିଥିଲା। ଏହି ଶ୍ରମିକ ମାନେ କରଣୀ ପରିବର୍ତ୍ତେ ହାତରେ ମସଲା ଧରି ଇଟା ରେ ପ୍ଲାଷ୍ଟର କରୁଥିଲେ। ଏ ସମ୍ପର୍କରେ ଶ୍ରମିକ ମାନଙ୍କୁ ପଚାରି ବାରୁ କରଣୀ ରେ ପ୍ଲାଷ୍ଟର କଲେ ବିଳମ୍ବ ହେଉଥିବାରୁ ହାତରେ କରୁଛୁ ବୋଲି କହିଥିଲେ। ନିମ୍ନ ମାନର କାମ ଓ ଖରାରେ ଶ୍ରମିକ ମାନଙ୍କୁ କାମ କରାଉ ଥିବା ସମ୍ପର୍କ ରେ ମତାମତ ନେବା ପାଇଁ କାର୍ଯ୍ୟ ତଦାରଖ ଦାୟିତ୍ୱ ରେ ଥିବା କନିଷ୍ଠ ଯନ୍ତ୍ରୀ ଶ୍ରୀ ସେଠି ଙ୍କ ମୋବାଇଲ ନମ୍ବର ୯୮୬୧୧୦୬୨୭୮ ଙ୍କୁ ଫୋନ କରିଥିଲେ ମଧ ସେ ଫୋନ ଉଠାଇ ନଥିଲେ। ପରେ ଏସ ଡି ଓ ଆର ଭେଙ୍କଟ ରମଣ ପଟନାୟକ ଙ୍କୁ ଯୋଗାଯୋଗ କରିବାରୁ ସେ କହିଥିଲେ କଲମ ଗୁଡିକ ରେ ଭଟିକାଲ ଲାଇନ ଗୁଡିକରେ ଏର୍ସ୍ଟ ମେଟ ଅନୁଯାଇ ଛଡ ବ୍ୟବହାର ର ନିୟମ ରହିଛି। ଯଦି ଅନ୍ୟ କୌଣସି ଛଡ ବ୍ୟବହାର କରିଛନ୍ତି ତାହାହେଲେ ମୁଁ କାଲି କାର୍ଯ୍ୟ ସ୍ଥଳୀ କୁ ଯାଇ ତଦାରଖ କରିବି। ଶସ୍ତା ଓ ଗୁଣବତା ହୀନ ଛଡ଼ରେ ପିଲର କାମ ଅଧା ହୋଇ ସାରିଲାଣି କଣ କନିଷ୍ଠ ଯନ୍ତ୍ରୀ ଜାଣିପାରିଲେନି କି ?, ତାହା ହେଲେ ସେ ଠିକ ଭାବେ କାର୍ଯ୍ୟ ତଦାରଖ ପାଇଁ ଆସୁନଥିବେ ବୋଲି ସାଧାରଣ ରେ ଆଲୋଚନା ହେଉଛି !ଉକ୍ତ କାମର ଦୂନୀତି ନିବାରଣ ବିଭାଗ ଦ୍ୱାରା ତଦନ୍ତ ପାଇଁ ଦାବୀ ହେଉଛି।

# ହାତିଆଡିହା ଶିବମୁନି ଯୋଗଶିକ୍ଷା କେନ୍ଦ୍ରରେ ଶୁଭ ଜନ୍ମଦିନ ପାଳନ



ରୂପସା, ୨୪/୦୪ (ନି.ପ୍ର): ହାତିଆଡିହା ଶିବମୁନି ଯୋଗଶିକ୍ଷା କେନ୍ଦ୍ରରେ,ମୁନି ହରିହର ଲେଙ୍କା - ମୁନିରାଜ୍ଞୀ ବିମଳା ଲେଙ୍କା ଙ୍କ ନାତି,ବଡସାହି-ମୁନି ମଳୟ ବିଶ୍ୱାଳ-ମୁନିମତୀ ରୀତା ବିଶ୍ୱାଳଙ୍କ ସୁପୁତ୍ର ମୁନି କୁମାର ଅକ୍ଷୟ ବିଶ୍ୱାଳଙ୍କ ର ୧୯ ତମ ଶୁଭ ଜନ୍ମଦିନ,ମୁନି ସମାଜର ଜ୍ୟୋତି, ଜିଲ୍ଲା ସମ୍ପାଦକ,ପ୍ରାନ୍ତୀୟ ପ୍ରଚାର ସଙ୍ଗଠନ ମନ୍ତ୍ରୀ, ବ୍ରହ୍ମଜ୍ଞାନୀ ଯୋଗାଚାର୍ଯ୍ୟ ଅନନ୍ତ ମୁନି ଜୀ ଙ୍କ ସଭାପତିତ୍ୱରେ ମହା ସମାରୋହରେ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ହିସାବରେ ଯୋଗଦାନ କରିଥିଲେ ପ୍ରାନ୍ତୀୟ ସହ ସମ୍ପାଦକ ଆତ୍ମଜ୍ଞାନୀ ଯୋଗୀ ଚିତ୍ତରଞ୍ଜନ ମୁନିଜୀ ମହୋଦୟ। ମୁଖ୍ୟ ବକ୍ତା ହିସାବରେ ଯୋଗଦାନ କରିଥିଲେ ଆଶ୍ରମର ବରେଣ୍ୟ ସାଧକ କୋଷାଧକ୍ଷ ଆତ୍ମଜ୍ଞାନୀ ଯୋଗୀ ଭିକାରି ଚରଣ ମୁନି ଜୀ ମହୋଦୟ। ସମ୍ମାନୀତ ବକ୍ତା ହିସାବରେ,ମଞ୍ଚାସୀନ ଥିଲେ, ଆଶ୍ରମର ସମ୍ପାଦକ ଯୋଗୀ ରାମଚନ୍ଦ୍ର ବେହେରା ମହୋଦୟ, ଯୋଗଶିକ୍ଷୟତ୍ରୀ କଳ୍ପନା ମିସ୍ତ୍ରୀ ମହୋଦୟା,ମୁନିରାଜ ଖଗେଶ୍ୱର ମହାଳିକ,ଆଶ୍ରମର ଉପାଧ୍ୟକ୍ଷା ମୁନିରାଜ୍ଞୀ କନକଲତା ମହାପାତ୍ର ମହୋଦୟା, ମୁନିରାଜ୍ଞୀ ସୁମତୀ ଦଳାଇ ଇତ୍ୟାଦି। ମୁନି ସଙ୍ଗୀତ ଏବଂ ଜନ୍ମଦିନ ସଙ୍ଗୀତ ଗାନ କରିଥିଲେ ଯୋଗଶିକ୍ଷୟତ୍ରୀ କଣ୍ଠଶିଳ୍ପୀ ମଞ୍ଜୁଲତା ବେହେରା। ଉପସ୍ଥିତ ଥିଲେ,ମୁନିରାଜ ଗୁରୁହରି ବାରିକ, ମୁନିମତୀ ଜାହ୍ନବୀ ଗିରି, ମୁନିମତୀ କୁନି ମାଝୀ,ସିଦ୍ଧସାଧିକା ମୁନିରାଜ୍ଞୀ ବାସନ୍ତୀ ମହାଳିକ,ମୁନିମତୀ ନୀନ ସାହୁ ,ମୁନି କୁମାର ତ୍ରିଶାନ୍ ମିସ୍ତ୍ରୀ ଇତ୍ୟାଦି ଶିବମୁନିଙ୍କ ପରିବାରର ବହୁ ସଦସ୍ୟ-ସଦସ୍ୟା ବୃନ୍ଦ। ପ୍ରଥମେ ସମୂହ ପ୍ରଣବ, ଶୁଭ ଭାବନା, ବେଦ ପାଠ, ଶାନ୍ତି ପାଠ, କରାଯାଇ ମୁନି କୁମାର ଅକ୍ଷୟ ଙ୍କୁ ନୀରୋଗ ନିରାମୟ ଆନନ୍ଦମୟ ଏବଂ ଉଜ୍ଜ୍ୱଳ ଭବିଷ୍ୟତ ର ସମୂହ ଶୁଭ ଆଶିର୍ବାଦ ପ୍ରଦାନ କରାଯାଇଥିଲା। ତାପରେ ଜ୍ଞାନଯଜ୍ଞ ଆରମ୍ଭ ହୋଇଥିଲା।ମୁନି ସମାଜର ଯମ ନିୟମ ପାଳନ କରି ପ୍ରତିଦିନ ଯୋଗ ସାଧନ କରିଚାଲେ,ଜଣେ ସୁସ୍ଥ ସବଳ ହୃଷ୍ଟପୃଷ୍ଟ ବଳିଷ୍ଠ, ଆତ୍ମଜ୍ଞାନୀ ହବାସହିତ ଆତ୍ମଦର୍ଶନ ମଧ କରିପାରିବ ,ଜଣେ ଆଦର୍ଶ ମାନବ ହିସାବରେ ପରିଗଣିତ ହୋଇ ସମାଜରେ ପ୍ରତିଷ୍ଠା ଲାଭ କରିପାରିବ,ଏଥିରେ ସନ୍ଦେହର ଅବକାଶ ନାହିଁ ବୋଲି ସମସ୍ତ ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଶେଷରେ ,ସ୍ନେହମୟୀ, ମମତାମୟୀ ପରମପୂଜ୍ୟା ଜନନୀ ରୀତା ବିଶ୍ୱାଳ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରି ଏକାତ୍ମ ସ୍ୱାଦିଷ୍ଟ ସୁସ୍ୱାଦୁ ବ୍ୟଞ୍ଜନରେ ଆପ୍ୟାୟିତ କରିଥିଲେ।

# ଶିଶୁ ଯତ୍ନ ପରବର୍ତ୍ତୀ କେନ୍ଦ୍ର ଉଦ୍‌ଘାଟନ କଲେ ଜିଲ୍ଲାପାଳ

ସୁବର୍ଣ୍ଣପୁର, ୨୪/୦୪ (ନି.ପ୍ର): ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ ର ସହାୟତାରେ ୧୮ ବର୍ଷରୁ ଅଧିକ ବୟସର କିଶୋରୀ ବାଳିକା ମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ଶିଶୁ ଯତ୍ନ ପରବର୍ତ୍ତୀ କେନ୍ଦ୍ର କୁ ଜିଲ୍ଲାପାଳ ଶ୍ରୀଯୁକ୍ତ ସୂର୍ଯ୍ୟନାରାୟଣ ଦାଶ ମୁଖ୍ୟଅତିଥି ଭାବରେ ଯୋଗଦାନ ପୂର୍ବକ ଉଦଘାଟନ କରିଛନ୍ତି। ବାପା ମାଁ ଙ୍କୁ ହରାଇ ଶିଶୁ ଯତ୍ନ ଅନୁଷ୍ଠାନରେ ରହିଆସୁଥିବା ୧୮ ବର୍ଷରୁ ଅଧିକ ବୟସର କିଶୋରୀ ବାଳିକାମାନଙ୍କୁ ସ୍ୱାବଲମ୍ବୀ କରିବା ତଥା ବିଭିନ୍ନ ବାହ୍ୟ କାର୍ଯ୍ୟାବଳୀ ରେ ସକ୍ଷମ ନିମନ୍ତେ ଏହି ଯୋଜନା କାର୍ଯ୍ୟକାରୀ ହୋଇଅଛି। ପୋଲିଟେକନିକ ରେ ଅଧ୍ୟୟନରତ ଚନ୍ଦ୍ରକାନ୍ତି ହାତୀ, ଲିସା ପାତ୍ର, ସରକାରୀ ଆଇଟିଆଇରେ ଅଧ୍ୟୟନ କରୁଥିବା ଆନନ୍ଦିନୀ ଦେହେରୀ, ସୋନପୁର ମହାବିଦ୍ୟାଳୟ ରେ ଯୁକ୍ତ ୩ ଅଧ୍ୟୟନରତ ସୁମି ନାଏକ ଏବଂ ବବଲି ବାଦୀ ପ୍ରଥମ ପର୍ଯ୍ୟାୟରେ ଶିଶୁ ଗୃହ ଛାଡି ଶିଶୁ ଯତ୍ନ ପରବର୍ତ୍ତୀ କେନ୍ଦ୍ରରେ ରହିବାର ଆରମ୍ଭ କରିଛନ୍ତି। ପିଲାମାନେ ନିଜର ଦୈନନ୍ଦିନ କାର୍ଯ୍ୟ କରିବାସହ ପାଠ ପଢ଼ାରେ ଅଧିକ ମୂଲ୍ୟଯୁକ୍ତ ସମୟ ଦେଇ ବିଭିନ୍ନ ପ୍ରତିଯୋଗିତା ମୂଳକ ପରୀକ୍ଷା ପାଇଁ ନିଜକୁ ପ୍ରସ୍ତୁତ କରିପାରିବେ ଏବଂ ସ୍ୱ ରୋଜଗାରକ୍ଷମ ହେବାପାଇଁ ଏହା ସେମାନଙ୍କୁ ବିଶେଷ ସହାୟକ ହୋଇପାରିବ ବୋଲି ଜିଲ୍ଲାପାଳ ଶ୍ରୀ ଦାଶ ପ୍ରକାଶ କରିଛନ୍ତି। ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଚତୁର୍ଭୁଜ ଦାଶ ଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଦିବସ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥିଭାବେ କିଶୋରୀ ନ୍ୟାୟ ବୋର୍ଡ ସଦସ୍ୟ ଶଙ୍କର୍ଷଣ ପଣ୍ଡା,ଚାଇଲଡ ଲାଇନ ସଂଯୋଜକ ମନୋଜ ପଣ୍ଡା, ଆନନ୍ଦିନୀ ବେହେରା, ଆଇନ ଅଧିକାରୀ କେଶବ ଚନ୍ଦ୍ର ମେହେର ପ୍ରମୁଖ ଯୋଗଦାନ କରି ନିଜ ନିଜସ୍ୱ ମତାମତ ପ୍ରଦାନ କରିଥିଲେ। ଶିଶୁ ଗୃହର ସୁଜାତା ବେହେରା, ସୁବ୍ରତ ପ୍ରଧାନ, ଟିକେଶ୍ୱର ଛତ୍ରିଆ ପ୍ରମୁଖ କାର୍ଯ୍ୟକ୍ରମ କୁ ସଫଳ କରାଇବାରେ ସହଯୋଗ କରିଥିଲେ।

## ଚମ୍ପୁଆର ବିଭିନ୍ନ ଅଂଚଳରେ ଅକ୍ଷିମୁଠି ଅନୁକୂଳ


ଚମ୍ପୁଆ, ୨୪/୦୪ (ନି.ପ୍ର): ଚମ୍ପୁଆ ଅଂଚଳର ବିଭିନ୍ନ ଗ୍ରାମରେ ଯଥା - ମହେଶ୍ୱରପୁର, ରଜିଆ, କଂଚନପୁର, କଇନ୍ତା, ଜଡ଼ିପଦା, କୋଦଗାଡ଼ିଆ, ଭଣ୍ଡା, କରଞ୍ଜିଆ, ସିଲିପୁଞ୍ଜି, ରଙ୍ଗାମାଟିଆ, ଜାଲି, ଜ୍ୟୋତିପୁର, ପଦୁଆ, ରିମୁଳି, କାଳିକା ପ୍ରସାଦ ବଡ଼ନଇ, ଜଜପଶି, କାଶୀପାଳ ଭୂଇଁପୁର, ଚନ୍ଦ୍ରଶେଖରପୁର, ଉଚ୍ଚ ବାଲି,ସୁନାପଶି, କାଟୁଳିକନା, କୁଟାରୀ ପଶି, କଙ୍କଡାପାଟ, ପୁରୁଷୋତ୍ତମପୁର, ପାଂଚପୋଖରୀଆ, ଶଶାଙ୍ଗ ପ୍ରଭୃତି ଗ୍ରାମର କୃଷକ ମାନେ ଆଜି ଅକ୍ଷୟ ତୃତୀୟା ତଥା ଅକ୍ଷି ମୁଠି ଅନୁକୂଳ ପର୍ବ ବେଶ ଧୁମଧାମରେ ପାଳନ କରାଯାଇଛି। ଆମ ଦେଶ ଭାରତ ଏକ କୃଷି ପ୍ରଧାନ ଦେଶ ଓ ପ୍ରମୁଖ ଫସଲ ଧାନ। କ୍ଷେତ୍ରାନୁକୂଳ ଅନୁସାରେ କେଉଁଠି ବୁଣା ଅଧିକ ହୁଏ ତ କେଉଁଠି ରୋପଣ ଅଧିକ ହୋଇଥାଏ। ଦୁଇଟିରୁ ଯେକୌଣସି ଗୋଟିଏ ହେଲେ ମଧ ଉଭୟର କାମ ବୁଣାରୁହିଁ ଆରମ୍ଭ ହୋଇଥାଏ। ଧାନ ବିହନ ଯେପରି ନଷ୍ଟ ନ ହେବ, ସବୁ ଅଙ୍କୁରିତ ହେବ ସେଥିପାଇଁ ଧାନ ବୁଣାର ଶୁଭାରମ୍ଭ ଏକ ଶୁଭ ମୁହୂର୍ତରେ କରାଯାଇଥାଏ। ପ୍ରାୟ ଅଧିକାଂଶ କୃଷକ ଏହି ଶୁଭ ମୁହୂର୍ତ ବୈଶାଖ ମାସ ଶୁକ୍ଳପକ୍ଷର ଅକ୍ଷୟ ତୃତୀୟା ଦିନକୁ ମାନିଥାନ୍ତି। ଏହା ବ୍ୟତୀତ ଜ୍ୟେଷ୍ଠ ମାସର ରୋହିଣୀ (ଦ୍ୱାଦଶରୁ ଅଷ୍ଟାଦଶ ଦିନ )କୁ ମଧ ଧାନ ବୁଣାର ଶୁଭ ଦିନ ମାନି ଧାନ ମୁଠି ଅନୁକୂଳ କରିଥାନ୍ତି। ତେବେ ଅକ୍ଷୟ ତୃତୀୟା ହେଉ କି ରୋହିଣୀ, ଧାନ ମୁଠି ଅନୁକୂଳ ଦିନ କୃଷକ ମାନଙ୍କ ପାଇଁ ଯେମିତି ଏକ ମହାନ ପର୍ବ ହୋଇଥାଏ। ଏହା ଉପରେ କୃଷକଙ୍କ ବର୍ଷ ସାରାର ଖାଦ୍ୟ ଓ ଆମଦାନୀ ନିର୍ଭର କରୁଥିବାରୁ ପ୍ରତ୍ୟେକ କୃଷକ ନିଜ ନିଜର ଘର ବାହାରକୁ ଭଲ ଭାବରେ ଲିପାପୋଛା କରି ସଫା ସୁତୁରା କରନ୍ତି। କାନ୍ଥରେ ରଙ୍ଗ ଓ ଘର ଅଗଣାରେ ଝୋଟି ଆଦି ଦେଇ ଧାନ ମୁଠି ଅନୁକୂଳ କରନ୍ତି ଓ ଦିନଟିକୁ ପର୍ବ ଭାବରେ ଧୂମଧାମରେ ପାଳନ କରିଥାନ୍ତି। ଆଜି ଏହି ଅକ୍ଷୟ ତୃତୀୟା ଅବସରରେ ଚମ୍ପୁଆ ଅଂଚଳର ପ୍ରତ୍ୟେକ ଗ୍ରାମରେ କୃଷକ ମାନେ ଅକ୍ଷି ମୁଠି ଅନୁକୂଳ କାର୍ଯ୍ୟ ଆଗ୍ରହର ସହିତ ସମାପନ କରିଥିବା ବେଳେ ଚମ୍ପୁଆ ଆଞ୍ଚଳିକ କୃଷକ ସଂଘ ସଭାପତି ତ୍ରିନାଥ ମହାନ୍ତ ସଂଘ ପକ୍ଷରୁ ଧାନ ମୁଠି ଅନୁକୂଳ କାର୍ଯ୍ୟ କରି ଚାଷ କାର୍ଯ୍ୟ ସୁରୁଖୁରୁରେ ସମାପନ ହେବା ତଥା ସୁନ୍ଦର ଚାଷ ହେବାପାଇଁ ମା'' ତାରିଣୀଙ୍କ ନିକଟରେ ପ୍ରାର୍ଥନା କରିବା ସହିତ ସମସ୍ତ କୃଷକ ଭାଇ, ଭଉଣୀ ମାନଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣେଇଛନ୍ତି।

# ମାଲକାନଗିରି ଜିଲ୍ଲାରେ ମହୁଲ ମଣ୍ଡି ପାଇଁ ଦାବି

ମାଲକାନଗିରି, ୨୪/୦୪ (ନି.ପ୍ର): ଆଦିବାସୀମାନଙ୍କୁ ରୋଜଗାର ଯୋଗାଉଛି ଋତୁକାଳୀନ ବନଜାତ ଦ୍ରବ୍ୟ ମହୁଲ। ବଣ ପାହାଡ ଘେରା ମାଲକାନଗିରି ଜିଲାର ପ୍ରମୁଖ ବନଜାତ ଦ୍ରବ୍ୟ ମଧରେ ଏହି ମହୁଲ ଫୁଲ ଅନ୍ୟତମ। ଫେବୃଆରୀ, ମାର୍ଚ୍ଚ, ଅପ୍ରେଲ ୩ ମାସ ଧରି ମହୁଲ ଫୁଲ ସଂଗ୍ରହ କରି ଆଦିବାସୀମାନେ ଏଥିରୁ ରୋଜଗାର କରିଥାନ୍ତି। ଏହାକୁ ସଂଗ୍ରହ କରିବା ପାଇଁ ପରିବାରର ଛୋଟପିଲାଠାରୁ ଆରମ୍ଭ କରି ବୟସ୍କ ବ୍ୟକ୍ତି ପର୍ଯ୍ୟନ୍ତ ସମସ୍ତେ ଲାଗିପଡନ୍ତି। ସେମାନେ ଜଙ୍ଗଲ ଓ ଜମିରେ ଥିବା ମହୁଲ ଗଛ ନିକଟରେ ଜଗି ରହନ୍ତି। ପୂର୍ବାହ୍ନରୁ ଅପରାହ୍ନ ଯାଏ ଯେତେ ଫୁଲ ପଡେ ସେସବୁ ସାଙ୍ଗରେ ନେଇଥିବା ଏକ ବାଉଁଶ ତିଆରି ଟାଙ୍ଗୁଡ଼ିରେ ସଂଗ୍ରହ କରିଥାନ୍ତି। ସେମାନଙ୍କ ଦ୍ୱାରା ଦିନକୁ ୫୦ରୁ ୬୦ କିଲୋ ମହୁଲ ଫୁଲ ସଂଗ୍ରହ ହୋଇଥାଏ। ତେବେ ସରକାରଙ୍କ ପକ୍ଷରୁ ମହୁଲ ଫୁଲ ବିକ୍ରି ଲାଗି ବଜାର ସୁବିଧା ଏଯାଏ କରାଯାଇ ନ ଥିବାରୁ ଏହାର ଲାଭ ଉଠାଉଛନ୍ତି ବାହାର ବ୍ୟବସାୟୀ। ପ୍ରତ୍ୟେକ ବର୍ଷ ମାଲକାନଗିରି ଜିଲାରୁ ଟନ୍ ଟନ୍ ମହୁଲ ଫୁଲ ବାହାର ରାଜ୍ୟକୁ ଚାଲାଣ ହୋଇଥାଏ। ଜିଲାର ମାଥିଲି, ଖଇରପୁଟ, କୁଡ଼ୁମୁଲୁଗୁମା, ଚିତ୍ରକୋଣ୍ଡା, କୋରକୁଣ୍ଡା, କାଲିମେଳା, ମାଲକାନଗିରି ଓ ପଡିଆ ବ୍ଲକରୁ ଅଧିକ ମହୁଲ ଫୁଲ ମିଳିଥାଏ। ସଂଗୃହୀତ ମହୁଲ ଫୁଲକୁ ଆଣି ସେମାନେ ଖରାରେ ଶୁଖାଇ ପରେ ନିକଟସ୍ଥ ହାଟ କିମ୍ବା ବ୍ୟବସାୟୀଙ୍କୁ ନେଇ ବିକ୍ରି କରିଥାନ୍ତି। କିଲୋପ୍ରତି ମହୁଲ ଫୁଲ ୨୦ ରୁ ୨୨ ଟଙ୍କା ଦରରେ ବ୍ୟବସାୟୀମାନେ ସେମାନଙ୍କ ଠାରୁ କିଣି ଆନ୍ଧ୍ରପ୍ରଦେଶ, ଛତିଶଗଡ଼କୁ ଚାଲାଣ କରି କ୍ରୟ ଦରଠାରୁ ବହୁ ଅଧିକ ଦରରେ ବିକ୍ରି କରିଥାନ୍ତି। ଜିଲ୍ଲାର ବିଭିନ୍ନ ହାଟ ଗୁଡିକରେ ବେପାରୀ ମାନେ ପଂଚାୟତରେ ଲାଇସେନ୍ସ ନକରି କ୍ୱିଂଟାଲ କ୍ୱିଂଟାଲ ମହୁଲ ଫୁଲ କ୍ରୟ କରୁଛନ୍ତି। ଏଥିପ୍ରତି ସମ୍ପୃକ୍ତ ପଂଚାୟତ ଅଧିକାରୀ ମାନେ ଦୃଷ୍ଟି ଦେଉନାହାନ୍ତି। ମାଲକାନଗିରି ଜିଲ୍ଲାରେ ମହୁଲ ମଣ୍ଡି କରାଯାଇ ଏହାର ଦର ନିର୍ଦ୍ଧାରଣ ସହ ବଜାର ବ୍ୟବସ୍ଥା କରିବା ପାଇଁ ଦାବୀ ହେଉଛି।

# ଆଧ୍ୟାତ୍ମିକତା

ଅନୀତା ପଟ୍ଟନାୟକ




ଅତୀତ ବାବୁ ଅତ୍ୟନ୍ତ ଜ୍ଞାନୀଗୁଣୀ ଲୋକ ଥିଲେ। ସେ ଜ୍ଞାନ ଅର୍ଜନ କରିବା ପାଇଁ ବହୁତ ପଢ଼ାପଢ଼ି କରିଥିଲେ। ସେ ବିଦବତ୍ତାର ପ୍ରତୀକ ଥିଲେ। ତାଙ୍କ ମତରେ ପାଠପଢ଼ି ବିଦ୍ୟାଅର୍ଜନ କରାଯାଏ ଓ ଜ୍ଞାନ ଅର୍ଜନ ବଳରେ ଜଣେ ବିଦ୍ୱାନ ବୋଲାଇପାରେ। ସେ ଦିନେ ବର୍ତ୍ତମାନ ବାବୁଙ୍କ ଘରକୁ ବୁଲି ଆସିଥିଲେ। ବର୍ତ୍ତମାନ ବାବୁଙ୍କୁ ସମସ୍ତେ ଜଣେ ଆଧ୍ୟାତ୍ମିକ ମଣିଷ ବୋଲି ଜାଣିଥିଲେ। ଅତୀତ ବାବୁ ବର୍ତ୍ତମାନ ବାବୁଙ୍କୁ ପଚାରିଲେ 'ଆଚ୍ଛା କହିଲ ମୁଁ କଣ ଆଧ୍ୟାତ୍ମବାଦୀ ହୋଇପାରିବିନି? ତୁମକୁ ସମସ୍ତେ ଭଲ ପାଉଛନ୍ତି କିନ୍ତୁ ମୋ ଠାରୁ ଦୂରତ୍ୱ ରକ୍ଷା କରୁଛନ୍ତି ଏହାର କାରଣ କ'ଣ?' ବର୍ତ୍ତମାନ ବାବୁ, ଅତୀତଙ୍କୁ ବୁଝାଇ କହିଲେ ବନ୍ଧୁ। ଟେପରେକର୍ଡ଼ରେ ଆମେ ବେଦ ଶୁଣିଥାଉ। ଟେପରେକର୍ଡରକୁ କଣ ବେଦଜ୍ଞ କୁହାଯାଇପାରିବ? ସେହିପରି ଆଜିକାଲିର ଇଉଟିଉବ, ଗୁଗୁଲ ମେସିନ ସବୁ ଧର୍ମ ଗ୍ରନ୍ଥ ବିଷୟରେ, ସବୁ ବିଷୟରେ ସୂଚନା ଦେଇପାରୁଛି। ପିଲାଙ୍କୁ ପଚାରିଲେ କହୁଛନ୍ତି ଗୁଗୁଲ ସବୁ ଜାଣିଛି, ସର୍ବଜ୍ଞ। ସେ ବର୍ତ୍ତମାନ ଯୁଗର ଭଗବାନ। କହିଲ ଭାଇ ଅତୀ ସେ କଣ ସତରେ ସର୍ବଜ୍ଞ ନା ଏହା ଏକ ବେକାର କଥା। ତେଣୁ ମୋ ମତରେ ପଢ଼ିବା ସଚେତନତା ନୁହେଁ। ଜ୍ଞାନ ଅର୍ଜନ କରିବା ସଚେତନତା ନୁହେଁ। ସ୍ମରଣଶକ୍ତି ମଧ୍ୟ ସଚେତନତା ନୁହେଁ। ଅତୀତବାବୁ ଜ୍ଞାନୀ କୁହେ ମୁଁ ଜାଣିଛି। ଏହାର ଅର୍ଥ ଅତୀତକୁ ବୁଝାଏ ବା ଯାହା ସରିଯାଇଛି ବା ମୁଁ ଜାଣି ସାରିଛି। ଏପରି କଥୋପକଥନ ଚାଲୁଥିବାବେଳେ ଭବିଷ୍ୟତ ବାବୁ ଆସି ପହଞ୍ଚିଗଲେ। କଥୋପକଥନ କେଉଁ ବିଷୟରେ ଚାଲିଛି ସେ ବୁଝି କହିଲେ 'ଯଦି ମୁଁ ଜାଣିଛି ଅତୀତକୁ ବୁଝାଏ, ତେବେ ମୁଁ ଜାଣିବି ଅର୍ଥ ଅପେକ୍ଷା କରିବାକୁ ହେବ।' ବର୍ତ୍ତମାନ ବାବୁ କହିଲେ 'ମୁଁ ଜାଣିଛି' ଓ 'ମୁଁ ଜାଣିବି' ଏ ଦୁଇଟି ଆଧ୍ୟାତ୍ମିକ ଜଗତ ପାଇଁ ମୂଲ୍ୟହୀନ। କାରଣ ଭଗବାନ ବର୍ତ୍ତମାନ, ଅତୀତ ନୁହଁନ୍ତି।

ବର୍ତ୍ତମାନ ବାବୁ କହିଲେ ଏବେ କେତେକ ରାଜନୀତିକ ଦଳ ମାତିଛନ୍ତି ପ୍ରମାଣ କରିବା ପାଇଁ ଯେ ସେମାନେ 'ରାମ', 'ହନୁମାନ'ଙ୍କୁ ଜାଣିଛନ୍ତି। ସେ କହିଲେ ମୋ ମତରେ ଯେ କହୁଛି ରାମଙ୍କୁ ଜାଣିଛି ସେ ଏକ ବଡ଼ ମୂର୍ଖ। ସେ ରାମଙ୍କର ଇତିହାସ ବା ଜୀବନୀ ଲେଖିବା ଆବଶ୍ୟକ। ଯେହେତୁ ସଚେତନତା ଗୁରୁତ୍ୱପୂର୍ଣ୍ଣ ତାହା ହିଁ ଆଧ୍ୟାତ୍ମିକତା। ଜ୍ଞାନ ନୁହେଁ। ବିଭ୍ରାନ୍ତ ଚିନ୍ତାଧାରା ଆଧ୍ୟାତ୍ମିକତା ନୁହେଁ। ରାଜନୈତିକ ଫାଇଦା ପାଇଁ ରାମଙ୍କର ପଟୁଆର ବାହାର କରିବା ଓ ଅନ୍ୟ ସଂପ୍ରଦାୟ ଲୋକଙ୍କୁ ଡରାଇବା ପାଇଁ ଖଣ୍ଡା, ତଲୁଆର ଧରି ଚାଲିବାକୁ ଆଧ୍ୟାତ୍ମିକତା କୁହାଯାଇପାରିବ ନାହିଁ। ଖର୍ଚ୍ଚ କରି ମନ୍ଦିର ନବୀକରଣ କରିବା ନୂତନ ମନ୍ଦିର ତିଆରି କରିବାକୁ ଆଧ୍ୟାତ୍ମିକତା କୁହାଯାଇପାରିବ ନାହିଁ। ଆଧ୍ୟାତ୍ମିକତା ସଚେତନର ଏକ ଭାବଧାରାକୁ ବୁଝାଯାଏ। ବର୍ତ୍ତମାନକୁ ଜାଣିବା ଓ ଭଗବାନଙ୍କ ବିଷୟରେ ସଚେତନ ହେବାକୁ ଆଧ୍ୟାତ୍ମିକତା କୁହାଯାଏ। ଏହି ସଚେତନତା ଆଗ୍ରହ କଲେ ମିଳିଥାଏ କିନ୍ତୁ ଦୁଃଖର ବିଷୟ ଧର୍ମ ପୁସ୍ତକ ପଢ଼ି ଲୋକେ ଶାଶ୍ୱତ ସତ୍ୟକୁ ଖୋଜୁଛନ୍ତି ଯାହାକି ଅସମ୍ଭବ। ଶାଶ୍ୱତକୁ ଜାଣିବାକୁ ହେଲେ ସତ୍ୟ, ଧର୍ମ, ଶାନ୍ତି, ପ୍ରେମ, ଅହିଂସାର ଅନୁଶୀଳନ କରିବାକୁ ହେବ।

ବର୍ତ୍ତମାନ, ଅତୀତ ଓ ଭବିଷ୍ୟତ ବାବୁଙ୍କୁ କହିଲେ ଜାଣିଚ ମୁକ୍ତି, ନିର୍ବାଣ, ମୋକ୍ଷ କ'ଣ? ଏହା ରାମଙ୍କ ସୌଥ ନିର୍ମାଣ କଲେ ମିଳେ ନାହିଁ। ମନକୁ ଦୈବତ୍ୱରେ ନିୟୋଜିତ କଲେ ଏହା ମିଳିଥାଏ। ଦୈବତ୍ୱକୁ ଜାଣିବାର ଅର୍ଥ ପ୍ରତି ମୁହୂର୍ତ୍ତରେ ଭଗବାନଙ୍କର ନିକଟବର୍ତ୍ତୀ ହେବା। ପଣ୍ଡିତଙ୍କ ଘରେ ଶୁଆ ପିଞ୍ଜରା ଭିତରେ ଥାଏ। ଶୁଆ ପଣ୍ଡିତଙ୍କ ଠାରୁ ଶୁଣି କୁହେ ଚକ୍ରଧର! ପକ୍ଷୀ ଜନ୍ମରୁ ପାର କରହେ କମଳାର ବର'। ସେହିପରି ରାଜନୈତିକ ଦଳ ପଛରେ ଗୋଡାଉଥିବା ଲୋକମାନେ ମନ୍ଦିର ସୌଧ ନିର୍ମାଣ ପାଇଁ ଟଙ୍କା ଦାନ କରିବା ସହିତ ମନକୁ ଦୈବତ୍ୱ ନିକଟରେ ନରଖି ଶୁଆପରି ମୁକ୍ତି ନିର୍ବାଣ ଚାହୁଁଛନ୍ତି। ବର୍ତ୍ତମାନ କହିଲେ ମୋ ମତରେ ଆଧ୍ୟାତ୍ମିକତା ଅର୍ଥ ଜାଣିବା ଓ ଦେଖିବା। ସେବାର ପ୍ରତୀକ ହନୁମାନଙ୍କୁ ହୃଦୟରେ ନରଖି ରାଜନୈତିକ ଫାଇଦା ପାଇଁ ରାସ୍ତାରେ ହନୁମାନ ଚାଳିଶା ପଢ଼ିବା ମୁଁ ଓ ମୋର ଭାବକୁ ବୁଝାଉଛି। ତେଣୁ ମୁଁ ଓ ମୋର ଭାବକୁ ଛାଡ଼ିଲେ ଆଧ୍ୟାତ୍ମିକତା କଣ ଜାଣିହୁଏ। ଗର୍ବ, ଆସକ୍ତି ଛାଡ଼ିଲେ ସିନା ଭଗବାନ ପ୍ରାପ୍ତ ହେବେ ତେଣୁ ହେ ମୋର ବନ୍ଧୁ ଅତୀତ ଓ ଭବିଷ୍ୟତ ମାନବ ସମାଜକୁ ମୁଁ ଓ ମୋର ଭାବକୁ ଛାଡ଼ିବାକୁ ଶିକ୍ଷା ଦିଅ। ମନ୍ଦିର ନିର୍ମାଣ ଏକ ପ୍ରହେଳିକା। ଘର ଭିତରୁ ବର୍ତ୍ତମାନଙ୍କର ଧର୍ମପତ୍ନୀ ଡାକରା ଦେଇ କହିଲେ ବୈଠକଖାନା ଛାଡ଼ି ଦୟାକରି ଖାଇବା ଟେବୁଲକୁ ଆସନ୍ତୁ କହିଲେ ଖାଇବା ଥଣ୍ଡା ହେଲେ ମୁଁ ଦାୟୀ ନୁହେଁ।

+ ଅବସରପ୍ରାପ୍ତ ପ୍ରଧାପିକା,
ସିଡିଏ, କଟକ, ଦୂରଭାଷ :
୯୬୯୨୯୮୦୦୨୬

## ନିଜ ପରିଜନଙ୍କ ଶବକୁ ସୁପ ଭାବେ ତିଆରି କରି ପିଇ ଯାଆନ୍ତି ଏହି ଜନଜାତି, ଜାଣନ୍ତୁ କାହିଁକି କରନ୍ତି ଏଭଳି ଅଜବ କାମ



ଦୁନିଆରେ ବିଭିନ୍ନ ପ୍ରକାରର ଲୋକ ବାସ କରନ୍ତି ଏବଂ ପ୍ରତ୍ୟେକ ଅଂଶ ସହିତ ଜଡିତ ସେମାନଙ୍କର ନିଜସ୍ୱ ପରମ୍ପରା ମଧ୍ୟ ରହିଛି। କିନ୍ତୁ ଏଭଳି ଅନେକ ରୀତିନୀତି ରହିଛି ଯାହା ଶୁଣିବା ପରେ ଆମେ ଭୟଭୀତ ହୋଇଥାଉ। ଅନ୍ତିମ ସଂସ୍କାର ସହିତ ଜଡିତ ଏକ ସମାନ ପରମ୍ପରା ଦକ୍ଷିଣ ଆମେରିକୀୟ ଜନଜାତି ୟାନୋମାମୀ ରେ ଦେଖାଯାଏ, ଯାହା ଏତେ ଆଶ୍ଚର୍ଯ୍ୟଜନକ ଯେ ଏହା ଲୋକଙ୍କୁ ଚକିତ କରିଥାଏ କିନ୍ତୁ ଏହି ଲୋକଙ୍କ ପାଇଁ ଏହା ସମ୍ପୂର୍ଣ୍ଣ ସାଧାରଣ କଥା ଅଟେ । ଜନ୍ମ ଏବଂ ମୃତ୍ୟୁ ସହିତ ଜଡିତ ରୀତିନୀତି ପ୍ରତ୍ୟେକ ସମାଜ ଏବଂ ସମ୍ପ୍ରଦାୟରେ ଭିନ୍ନ । ଯଦିଓ କିଛି ଜିନିଷ ସବୁ ସ୍ଥାନରେ ସମାନ, ଯେପରିକି ଶବକୁ ଶେଷ ଯାତ୍ରାକୁ ସମ୍ମାନ ସହିତ ପଠାଇବା ।ଅନ୍ୟ ପଟେ, ଦକ୍ଷିଣ ଆମେରିକାରେ ମିଳୁଥିବା ୟାନୋମାମୀ ଜନଜାତି ବିଷୟରେ କଥାବାର୍ତ୍ତା କରନ୍ତୁ, ସେମାନେ ଶେଷ ରୀତିନୀତି ସହିତ ଜଡିତ ଏକ ଅଦ୍ଭୁତ ପରମ୍ପରାକୁ ଅନୁସରଣ କରନ୍ତି, ଯେଉଁଥିରେ ମୃତମାନଙ୍କୁ ଜାଳିବା ପରେ ଅବଶିଷ୍ଟ ପାଉଁଶ କୁ ସୁପ ତିଆରି କରି ପିଅନ୍ତି । ୟାନୋମାମୀ ଜନଜାତିର ପ୍ରଥା ଏହାଠାରୁ ଭିନ୍ନ। ସେନେମା ନାମରେ ପରିଚିତ ଏହି ଜନଜାତିରେ ମୃତ ଦେହ ଶେଷ ରୀତିନୀତି ପାଇଁ ପତ୍ର ଏବଂ ଅନ୍ୟାନ୍ୟ ଜିନିଷରେ ଆବୃତ କରନ୍ତି । ୩୦-୪୦ ଦିନ ପରେ ସେମାନେ ତାଙ୍କୁ ଫେରାଇ ଆଣି ଅବଶିଷ୍ଟ ଶରୀରକୁ ଜାଳି ଦିଅନ୍ତି । ଏହି ଲୋକମାନେ ସୁପ୍ ତିଆରି କରନ୍ତି ଏବଂ ଶରୀରକୁ ଜାଳିବା ପରେ ରହିଯାଇଥିବା ପାଉଁଶକୁ ପିଅନ୍ତି। ଏହି ପ୍ରଥାକୁ ପାରମ୍ପାରିକ ଭାବରେ ଏଠାରେ ପାଳନ କରାଯାଇଛି।

ଏହି ପରମ୍ପରାକୁ ମଦ୍ଧରଭୟଦ୍ଧମବଭଭସଭବକ୍ଷସଗ୍ୱଜ୍ଞ କୁହାଯାଏ । ଏହି ସମ୍ପ୍ରଦାୟ ବିଶ୍ୱାସ କରେ ଯେ ମୃତ ବ୍ୟକ୍ତିଙ୍କ ଆତ୍ମାଶାନ୍ତି ସେତେବେଳ ମିଳେ ଯେତେବେଳେ ତାଙ୍କ ମୃତ ସମ୍ପର୍କୀୟମାନେ ଖାଇବେ। ସେଥିପାଇଁ ସେମାନେ ଏହାକୁ ଖାଆନ୍ତି। ସେମାନଙ୍କ ଅନୁଯାୟୀ ସେମାନେ ଆତ୍ମାକୁ ଏହିପରି ରକ୍ଷା କରନ୍ତି। ଯଦି କୌଣସି ବ୍ୟକ୍ତିଙ୍କୁ ହତ୍ୟା କରାଯାଇଛି, କେବଳ ମହିଳାମାନେ ତାଙ୍କ ଶରୀରରକୁ ଖାଆନ୍ତି ଏବଂ ସେମାନଙ୍କର ଶେଷ ରୀତି ମଧ୍ୟ ଭିନ୍ନ ଭାବରେ କରାଯାଏ । ୟାନୋମାମୀ ଜନଜାତି ଆମାଜନ ଜଙ୍ଗଲରେ ରୁହନ୍ତି ଏବଂ ଏହାର ପ୍ରାୟ ୨୦୦-୨୫୦ ଗାଁ ଅଛି।



## କାହିଁକି ସ୍କୁଲ ବସ୍‌ର ରଙ୍ଗ ହଳଦିଆ ଜାଣନ୍ତୁ ଏହାପଛରେ ଥିବା ବୈଜ୍ଞାନିକ କାରଣ

ଆପଣ ନିଶ୍ଚିତ ଭାବରେ ରାସ୍ତାରେ ଯାଉଥିବା ଅନେକ ଯାନ ଦେଖିଥିବେ, ଯାହା ବିଭିନ୍ନ ରଙ୍ଗର ହେଇଥିବ , କିନ୍ତୁ ସ୍କୁଲ ବସର ରଙ୍ଗ ସବୁବେଳେ ସମାନ ରହିଥାଏ, ଯାହା ହଳଦିଆ। ଆପଣ କେବେ ଚିନ୍ତା କରିଛନ୍ତି କି ସ୍କୁଲ ବସର ରଙ୍ଗ ହଳଦିଆ କାହିଁକି , ଏହା ନାଲି କିମ୍ବା ନୀଳ ନୁହେଁ ? ଏହା ପଛରେ ଆପଣ କହିପାରିବେ ଯେ ରଙ୍ଗ ଆକର୍ଷଣୀୟ ମନେହୁଏ, ବୋଧହୁଏ ଏହା ପାଇଁ ଏପରି, କିନ୍ତୁ ନା, ଏହି ପ୍ରଶ୍ନର ଉତ୍ତର ବିଜ୍ଞାନ ସହିତ ଜଡିତ ।

'କିପରି ଷ୍ଟଫ୍ ୱାର୍କସ୍' ୱେବସାଇଟ୍ ରିପୋର୍ଟ ଅନୁଯାୟୀ, ସ୍କୁଲ ବସ୍ ହଳଦିଆ ହେବା ଆମେରିକାରୁ ଆରମ୍ଭ ହୋଇଥିଲା। କଲମ୍ବିଆ ୟୁନିଭରସିଟିର ଶିକ୍ଷକ ମହାବିଦ୍ୟାଳୟର ପ୍ରଫେସର ଫ୍ରାଙ୍କ ସାଇର ୧୯୩୦ ଦଶକରେ ଦେଶର ସ୍କୁଲ ପରିବହନ ଯାନ ଉପରେ ଗବେଷଣା ଆରମ୍ଭ କରିଥିଲେ। ସେ ନ୍ୟୁୟର୍କ ଟାଇମ୍ସକୁ ଦେଇଥିବା ଏକ ସାକ୍ଷାତକାରରେ କହିଛନ୍ତି ଯେ ସେପର୍ଯ୍ୟନ୍ତ କୌଣସି ନିର୍ଦ୍ଦିଷ୍ଟ ମାନଦଣ୍ଡ ନଥିଲା ଯେଉଁଥିରେ ସ୍କୁଲ ଯାନ, ବିଶେଷକରି ବସ୍ ର ଡିଜାଇନ୍ ସ୍ଥିର କରାଯିବା ଉଚିତ୍। ଆମେରିକୀୟ ସ୍କୁଲ ପିଲାମାନଙ୍କ ସୁରକ୍ଷା ପାଇଁ ସେ ଏକ ସ୍ୱତନ୍ତ୍ର ବୈଠକ ଡାକିଥିଲେ, ଯେଉଁଥିରେ ଦେଶର ବିଭିନ୍ନ ସ୍ଥାନରୁ ବିଶିଷ୍ଟ ଶିକ୍ଷକ, ପରିବହନ ଅଧିକାରୀ, ବସ୍ ଉତ୍ପାଦନକାରୀ ଇତ୍ୟାଦି ଅଂଶଗ୍ରହଣ କରିଥିଲେ।

ମିଳିତ ଭାବେ ସେମାନେ ସ୍ଥିର କଲେ ଯେ ବସର ରଙ୍ଗ କ'ଣ ହେବ। ସେ ସମ୍ମିଳନୀ କକ୍ଷର କାନ୍ଥରେ ରଙ୍ଗ ଲଗାଇ ଲୋକଙ୍କୁ ବାଛିବାକୁ କହିଥିଲେ। ସମସ୍ତେ ଏକାଠି ହଳଦିଆ-କମଳା ରଙ୍ଗ ବାଛିଲେ । ହଳଦିଆ ଏହାର ମୁଖ୍ୟ ରଙ୍ଗ ଥିଲା ଏବଂ ସେହି ଦିନଠାରୁ ହଳଦିଆ ବିଦ୍ୟାଳୟ ବସ୍ ର ପ୍ରାଧାନ୍ୟ ରଙ୍ଗ ହୋଇଗଲା। ସମସ୍ତେ ହଳଦିଆ ରଙ୍ଗ ବାଛିଥିଲେ କାରଣ ଅଧିକାଂଶ ଆଖିରେ ସମାନ ରଙ୍ଗ ଆସୁଥିଲା । ସେବେଠାରୁ ହଳଦିଆ ରଙ୍ଗର ବସ୍ ଅଭ୍ୟାସ ଆରମ୍ଭ ହେଲା କାରଣ ସେମାନେ ଏହି ରଙ୍ଗକୁ ଅଧିକ ସୁରକ୍ଷିତ ଭାବି ଥିଲେ ।

ପରେ, ବୈଜ୍ଞାନିକମାନେ ମଧ୍ୟ ସେମାନଙ୍କର ପସନ୍ଦକୁ ଯଥାର୍ଥ କଲେ କାରଣ ସେମାନଙ୍କ ଅନୁଯାୟୀ ହଳଦିଆ ରଙ୍ଗ ମନୁଷ୍ୟର ଆଖିରେ ସହଜରେ ଦେଖାଯାଏ। ଏହା ଭିଜିବିଲିଟି ସ୍ପେକ୍ଟ୍ରମର ଶୀର୍ଷରେ ଅଛି । ଏହାର କାରଣ ହେଉଛି ମାନବ ଆଖିରେ ଫୋଟୋରିସେପ୍ଟର କୋଷ ଅଛି ଯାହାକୁ କୋନ କୁହାଯାଏ । ଆଖିରେ ତିନି ପ୍ରକାରର କୋନ ଅଛି ଯାହା ଲାଲ, ସବୁଜ ଏବଂ ନୀଳ ରଙ୍ଗକୁ ଚିହ୍ନିବା ପାଇଁ ତିଆରି । ହଳଦିଆ ଆଲୋକ ଏକାସାଙ୍ଗରେ ଉଭୟ ଲାଲ ଏବଂ ସବୁଜ କୋଷକୁ ପ୍ରଭାବିତ କରିଥାଏ, ଯେଉଁ କାରଣରୁ ଏହା ଆଖିରେ ଅଧିକ ଦେଖାଯାଏ । ସେଥିପାଇଁ ସ୍କୁଲ ବସ କୁ ହଳଦିଆ ରଙ୍ଗ କରା ଯାଇଛି ।




## ରସୁଣ ଖାଆନ୍ତୁ ଶୁକ୍ରାଣୁ ବଢ଼ିବ

ରସୁଣରେ ଏଲିସିନ୍ ନାମକ ଏକ ରାସାୟନିକ ପଦାର୍ଥ ରହିଛି, ଯାହା ଜନନାଙ୍ଗକୁ ରକ୍ତ ପ୍ରବାହ ବଢ଼ାଇବା ସହ ଶୁକ୍ରାଣୁମାନଙ୍କ ଗୁରବତ୍ତା ବଢ଼ାଇଥାଏ । ରସୁଣରେ ଏମିତି କିଛି ଗୁଣ ରହିଛି, ଯାହା ରକ୍ତ ପ୍ରବାହକୁ ତୀବ୍ର କରିବା ସହ ଧମନୀକୁ ପରିଷ୍କାର କରିଥାଏ । ଅବଶ୍ୟକୀୟ ଶୁଦ୍ଧ ରକ୍ତ ପ୍ରବାହ ନ ହେବା ମଧ୍ୟ ନପୁଂସକତାର ଅନ୍ୟ ଏକ କାରର । ଏଥିରେ ଜିଙ୍କ ରହିଛି । ଜିଙ୍କ ଟେଷ୍ଟୋଷ୍ଟେରନ, ଶୁକ୍ରାଣୁର ଗତିଶୀଳତା ଓ ଶୁକ୍ରାଣୁଙ୍କ ସଂଖ୍ୟା ବଢ଼ାଇବାରେ ସହଯୋଗ କରିଥାଏ। ରସୁଣ ପୁରୁଷଙ୍କ ପ୍ରଜନନ କ୍ଷମତାକୁ ମଜଭୁତ କରୁଥିବାବେଳେ ମହିଳାମାନଙ୍କ ଗର୍ଭପାତ ସମ୍ଭାବନାକୁ ଏଡାଇଥାଏ । ସେହିପରି ମହିଳା ରସୁଣକୁ ଡାଏଟରେ ସାମିଲ କଲେ ଋତୁସ୍ରାବଜନିତ ଯନ୍ତ୍ରଣାରୁ ମୁକ୍ତି ମିଳିବା ସହ ସୁସ୍ଥ ଭାବେ ଗର୍ଭଧାରଣ ମଧ୍ୟ କରିପାରିଥାନ୍ତି ।



## ଡିପ୍ରେସନ ଭଳି ମାନସିକ ସମସ୍ୟା ଦୂର କରିବାରେ ସାହାଯ୍ୟ କରେ ଛତୁ : ରିସର୍ଚ୍ଚରୁ ଖୁଲାସା



ଯଦି ଆପଣଙ୍କୁ ଛତୁ ପସନ୍ଦ ତେବେ ଖୁସି ହୋଇଯାଆନ୍ତୁ, କାରଣ ଏହା କେବଳ ଶରୀର ପାଇଁ ନୁହେଁ ବରଂ ମାନସିକ ସ୍ୱାସ୍ଥ୍ୟ ପାଇଁ ମଧ୍ୟ ବହୁତ ଲାଭଦାୟକ। ଏଥିରେ ଏରଗୋଥିଅନାଇନ୍ ନାମକ ଏକ ଶକ୍ତିଶାଳୀ ଆଣ୍ଟିଅକ୍ସିଡାଣ୍ଟ ଉପାଦାନ ମିଳିଥାଏ, ଯାହା ଡିପ୍ରେସନ ଭଳି ମାନସିକ ସମସ୍ୟାରୁ ମୁକ୍ତି ଦେଇଥାଏ । ଆମେରିକୀୟ ବୈଜ୍ଞାନିକମାନେ ୨୦୦୫ ରୁ ୨୦୧୬ ମଧ୍ୟରେ ୨୪,୦୦୦ ରୁ ଅଧିକ ଆମେରିକୀୟ ବୟସ୍କଙ୍କ ଖାଦ୍ୟ ଏବଂ ମାନସିକ ସ୍ୱାସ୍ଥ୍ୟ ଅଧ୍ୟୟନ କରିବା ପରେ ଏହି ତଥ୍ୟ ସାମ୍ନାକୁ ଆସିଛି ।

ପରୀକ୍ଷା ଅନୁଯାୟୀ, ଛତୁରେ ମିଳିଥିବା ହାଲୁସିନୋଜେନିକ୍ ପଦାର୍ଥ ଆମ ମସ୍ତିଷ୍କକୁ ସ୍ଥାପିତ ଗଉଣ ସୁଇଚ୍ ସହିତ ବଦଳାଇପାରେ। ମନରେ ଏକ ନକାରାତ୍ମକ ଚିନ୍ତାଧାରା ଆସିବା ମାତ୍ରେ, ଏହି ସୁଇଚ୍ ସକ୍ରିୟ ହୋଇ ମନରେ ଆସୁଥିବା ଖରାପ ଚିନ୍ତାଧାରାର ପ୍ରବାହକୁ ବନ୍ଦ କରିବା କାର୍ଯ୍ୟ ଆରମ୍ଭ କରେ। ଏହି ଅଧ୍ୟୟନ କିଛି ଦିନ ପୂର୍ବରୁ ନେଚର ଚିକିତ୍ସାରେ ପ୍ରକାଶିତ ହୋଇଥିଲା। ଏଥିରେ, କ୍ଲିନିକାଲ୍ ପରୀକ୍ଷଣର ଧାଡ଼ିରେ, ଏହା କୁହାଯାଇଥିଲା ଯେ ଆମକୁ ଡିପ୍ରେସନ୍, ଚିନ୍ତା ଓ ମନୋବୃତ୍ତିର ସମସ୍ୟାରୁ ରକ୍ଷା କରିବା ପାଇଁ କ୍ଷ୍ରଗ୍ୱସକ୍ଷଦ୍ଧମଛଭସଭ ଭଳି ସାଇକେଡେଲିକ୍ ପଦାର୍ଥ କିପରି କାମ କରେ। ଏହାର ପ୍ରଭାବ ବୁଝିବା ପାଇଁ ବିଶେଷଜ୍ଞଙ୍କ ଦ୍ୱାରା ରୋଗୀଙ୍କୁ କ୍ଲିନିକାଲ୍ ପରୀକ୍ଷଣରେ ଅନ୍ତର୍ଭୁକ୍ତ କରାଯାଇଥିଲା। ଏଥିରେ ଉଭୟ ସୁସ୍ଥ ଏବଂ ଅସ୍ୱାସ୍ଥ୍ୟକର ବ୍ୟକ୍ତି ଅନ୍ତର୍ଭୁକ୍ତ ଥିଲେ। ଏହି କ୍ଲିନିକାଲ୍ ଟ୍ରାଏଲରେ, ବିଶେଷଜ୍ଞମାନେ ଦେଖିଲେ ଯେ ଛତୁରେଥିବା ସିଲୋସିବିନ୍ ନେବା ପରେ, ଅଂଶଗ୍ରହଣକାରୀଙ୍କ ମସ୍ତିଷ୍କର ତାର ଅଧିକ ସକ୍ରିୟ ହୋଇଗଲା। ସୁସ୍ଥ ପଦାର୍ଥର ମସ୍ତିଷ୍କ ଏହି ପଦାର୍ଥ ସହିତ ହାଇପରାକ୍ଟିଭ୍ ହୋଇଗଲା। ଯେଉଁମାନେ ଉଦାସୀନତା, ଚିନ୍ତା କିମ୍ବା ମନୋବଳ ପରିବର୍ତ୍ତନରେ ପୀଡିତ ଥିଲେ ସେମାନେ ଆରାମ ପାଇଲେ। ନକାରାତ୍ମକ ଚିନ୍ତାଧାରା କିମ୍ବା ଖରାପ ଚିନ୍ତାଧାରା ହଠାତ୍ ତାଙ୍କ ମନରେ ଅଟକି ଗଲା। ଏହି ଗବେଷଣା କିଛି ପରିମାଣରେ ସତ୍ୟ, କିନ୍ତୁ କେବଳ ଛତୁ ଖାଇ ମାନସିକ ସମସ୍ୟାକୁ ଏଡ଼ାଇବା ସମ୍ଭବ ନୁହେଁ । ଏଗୁଡିକର ସମାଧାନ ପାଇଁ ମାନସିକ ରୋଗ ବିଶେଷଜ୍ଞଙ୍କଠାରୁ ପରାମର୍ଶ ଏବଂ ଚିକିତ୍ସା ନେବା ମଧ୍ୟ ଆବଶ୍ୟକ ।

## ଗୋଲାପ କାହିଁକି ପ୍ରେମ ଏବଂ ବିଶ୍ୱାସର ସଙ୍କେତ: ଜାଣନ୍ତୁ ସମ୍ପୂର୍ଣ୍ଣ କାହାଣୀ



ଆପଣ କେବେ ଭାବିଛନ୍ତି କି, ଲାଲ୍ ଗୋଲାପ କାହିଁକି ପ୍ରେମର ପ୍ରତୀକ ଭାବରେ ବିବେଚନା କରାଯାଏ ? କିମ୍ବା ଆପଣ ପ୍ରାୟତଃ ଦେଖିଥିବେ ଯେ, ଯେତେବେଳେ କେହି ନିଜ ପ୍ରେମକୁ ପ୍ରକାଶ କରନ୍ତି, ସେ ଗୋଟିଏ ଗୋଲାପ ସହିତ କରନ୍ତି । ସର୍ବଶେଷରେ, ଗୋଲାପ ଏତେ ରୋମାଣ୍ଟିକ ବୋଲି ବିବେଚନା କରାଯିବାର କାରଣ କ'ଣ ? ଏହି ବିଷୟରେ ଜାଣିବା ପାଇଁ ଜଣେ ଡାକ୍ତରଙ୍କୁ ପଚରାଯାଇଥିଲା ।ଡାକ୍ତର ରବି ଭଟ୍ଟ କହିଛନ୍ତି ଯେ, ଗୋଲାପ ସବୁବେଳେ ଲୋକଙ୍କୁ ଆକର୍ଷିତ କରିଆସୁଛି। ପ୍ରେମ ବିଷୟରେ କହିବାକୁ ଗଲେ, ଗ୍ରୀକ୍ ପୁରାଣରେ ଏହା ଉଲ୍ଲେଖ କରାଯାଇଛି ଯେ, ଏକଦା ସୌନ୍ଦର୍ଯ୍ୟ, ପ୍ରେମ ଏବଂ ସମ୍ବେଦନଶୀଳତାର ଦେବୀ ଆଫ୍ରୋଡାଇଟ୍ ଗୋଲାପ ବଗିଚାରେ ବୁଲୁଥିଲେ। ଏହି ସମୟରେ କାମଦେବ ତାଙ୍କୁ ଦେଖି ବିସ୍ମିତ ହୋଇଗଲେ । ସେହିଦିନରୁ ଗୋଲାପ ପ୍ରେମର ପ୍ରତୀକ ଭାବରେ ପରିଗଣିତ ହୋଇଥିଲା । ଅନ୍ୟ ଏକ କାହାଣୀ ଏହା ମଧ୍ୟ କହିଛି ଯେ, ଯେତେବେଳେ ଆଫ୍ରୋଡାଇଟ୍ ର ପ୍ରେମିକା ଆଡୋନିସ୍ ଆହତ ହୋଇଥିଲେ, କାମଦେବ ଶୀଘ୍ର ତାଙ୍କ ନିକଟକୁ ପହଞ୍ଚିବା ପାଇଁ ଦୌଡ଼ିଥିଲେ । ଏହି ସମୟରେ ଧଳା ଗୋଲାପର କଣ୍ଟା ଉପରେ ତାଙ୍କର ପାଦ ପଡିଯାଇଥିଲା। ସେଠାରେ ଧଳା ଗୋଲାପ ତାଙ୍କ ପାଦ ରକ୍ତରେ ଲାଲ ହୋଇଯାଇଥିଲା। ସେଥିପାଇଁ ଲାଲ୍ ଗୋଲାପ ଅବିସ୍ମରଣୀୟ ପ୍ରେମର ପ୍ରତୀକ ଭାବରେ ପରିଗଣିତ ହେଲା । ସେବେଠାରୁ ପ୍ରତ୍ୟେକ ପ୍ରେମିକ ଏହି ଦିନ ନିଜ ଗର୍ଲଫ୍ରେଣ୍ଡ କିମ୍ବା ପ୍ରେମିକକୁ ନାଲି ଗୋଲାପ ଦେଇଥାଏ ।

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର


୨୫ ଏପ୍ରିଲ ୨୦୨୩, ମଙ୍ଗଳବାର

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

## ନିରପେକ୍ଷ ନିଷ୍କର୍ଷ ଆବଶ୍ୟକ...

ଏକୋଇଶି ବର୍ଷ ତଳର ଗୁଜରାଟର ଏକ ଦଙ୍ଗା ଘଟଣା ପୁଣିଥରେ ଆସିଛି ଚର୍ଚ୍ଚାକୁ- ଏଥର ଅଭିଯୁକ୍ତମାନଙ୍କୁ ଖଲାସ କରାଯିବାକୁ ନେଇ । ଗୋଧ୍ରା ଦଙ୍ଗା ପରେ ପରେ ୨୮ ଫେବୃଆରୀ ୨୦୦୨ରେ ସାମ୍ପ୍ରଦାୟିକ ଦଙ୍ଗା ସୃଷ୍ଟି ହୋଇଥିଲା ନରୋଦା ଗ୍ରାମ୍ (ଗାଁ)ରେ ଯେଉଁଥିରେ ଗୋଟିଏ ସମ୍ପ୍ରଦାୟର ୪ ମହିଳାଙ୍କ ସମେତ ୧୧ଜଣଙ୍କ ପ୍ରାଣ ଯାଇଥିଲା । ଏହି ନରସଂହାର ଘଟଣାରେ ସମ୍ପୃକ୍ତ ଥିବା ନେଇ ଅଭିଯୋଗ ହୋଇଥିଲା ୬୭ ଜଣଙ୍କ ନାମରେ । ନିକଟରେ ଏହି ମାମଲାର ବିଚାର କରୁଥିବା ଟ୍ରାୟାଲ କୋର୍ଟ ଏହି ସମସ୍ତ ୬୭ଜଣଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି, ଯାହା ଭାରତରେ ଅପରାଧିକ ନ୍ୟାୟ ପ୍ରଦାନରେ ରହିଥିବା ତ୍ରୁଟିକୁ ସମ୍ମୁଖକୁ ଆଣିଛି । ନରୋଦା ଗାଁ ଗଣହତ୍ୟା ଥିଲା ସେହିଭଳି ଘଟିଥିବା ଅନେକଗୁଡ଼ିଏ ଘଟଣାମଧ୍ୟରୁ ଗୋଟିଏ, ଯାହାସବୁ ଘଟିଥିଲା ଗୋଧ୍ରା ଟ୍ରେନ୍ ପୋଡ଼ି ଘଟଣା ପରେ ଯେଉଁଥିରେ ୫୯ଜଣ ହିନ୍ଦୁ ତୀର୍ଥଯାତ୍ରୀ ଜୀବନ୍ତ ଦଗ୍ଧ ହୋଇଥିଲେ । ଏହି ମର୍ମନ୍ତୁଦ କାଣ୍ଡ ପରେ ପରେ ଗୁଜରାଟ ହୋଇ ଉଠିଥିଲାର ଅଶାନ୍ତ ଏବଂ ସରକାରୀ ରେକର୍ଡ ମୁତାବକ ୭୯୦ ମୁସଲମାନ ଲଗାତାର ଭାବରେ ସଂଘଟିତ ହିଂସାକାଣ୍ଡମାନଙ୍କରେ ପ୍ରାଣ ହରାଇଥିଲେ, ଯେତେବେଳେ କି ବେସରକାରୀ ହିସାବ ଏହି ସଂଖ୍ୟାକୁ ସେତେବେଳେ ୨ ହଜାରରୁ ଅଧିକ ହୋଇଥିବା ଦର୍ଶାଇଥିଲା । ସେ ସମୟରେ ତେଣୁ ଏକଥା ଅନିବାର୍ଯ୍ୟ ହୋଇପଡ଼ିଥିଲା ଯେ ସାମ୍ପ୍ରଦାୟିକ ଦଙ୍ଗା ସମ୍ପର୍କିତ ପ୍ରତ୍ୟେକଟି ମାମଲାର ଉପଯୁକ୍ତ ତଦନ୍ତ ହେବା ସଙ୍ଗେ ସଙ୍ଗେ ସେଥି ସହିତ ସମ୍ପୃକ୍ତ ଦୋଷୀମାନଙ୍କ ଉପରେ କଠୋରରୁ କଠୋରତମ ଦଣ୍ଡ ବିଧାନ କରାଯିବା ଉଚିତ୍, କାରଣ ସେମାନେ ପ୍ରତ୍ୟେକ ଭାରତୀୟ ଜାତୀୟତାର ମୂଳଦୁଆକୁ ଦୋହଲାଇବାକୁ ଉଦ୍ୟମ କରିଥିଲେ । ଏହା ପରେ ଯେଉଁସବୁ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଥିଲା, ସେଥିମଧ୍ୟରୁ ପ୍ରଥମଟି ଯାହା ଦୃଷ୍ଟି ଆକର୍ଷଣ କରିଥାଏ, ତାହା ହେଉଛି- ଏ ସାମ୍ପ୍ରଦାୟିକ ନରସଂହାର ମାମଲାରେ କୋର୍ଟମାନଙ୍କୁ ଏକ ଉପସଂହାରରେ ପହଂଚିବା ନିମନ୍ତେ କୋଡ଼ିଏ ବର୍ଷରୁ ଅଧିକ ସମୟ ଲାଗିଗଲା । ଆଉ ଏଇ ସମୟ ଭିତରେ ଅଭିଯୁକ୍ତମାନଙ୍କ ମଧ୍ୟରୁ ୧୮ଜଣ ପ୍ରାଣ ହରାଇ ସାରିଛନ୍ତି, ଯାହା ଦେଶର ନ୍ୟାୟିକ ବ୍ୟବସ୍ଥା କେଉଁଭଳି ଭାବରେ କଚ୍ଛପ ଗତିରେ କାମ କରୁଛି, ତା'ର ପ୍ରତିଫଳନ କରୁଛି । ଏକଥା ସତ୍ୟ ଯେ ଏହି ମାମଲା ସହିତ ସମ୍ପୃକ୍ତ ପ୍ରତ୍ୟେକ ବ୍ୟକ୍ତି, ସେ ଅଭିଯୁକ୍ତ ହୁଅନ୍ତୁ କି ପୀଡ଼ିତ/ ପୀଡ଼ିତାଙ୍କର ଆଇନର ପ୍ରତ୍ୟେକଟି ପରିସରକୁ ଅନୁସନ୍ଧାନ କରିବାର ଅଧିକାର ରହିଛି, ଯଦ୍ୱାରା ଶେଷରେ ଯେଉଁ ସୈଦ୍ଧାନ୍ତିକ ଫଳାଫଳ ମିଳିବ, ତାହା ଯଥାର୍ଥ ଏବଂ ତ୍ରୁଟିଶୂନ୍ୟ ହୋଇପାରିବ । କିନ୍ତୁ ଉପରୋକ୍ତ ମାତ୍ରାର ଏକ ଅପରାଧ କ୍ଷେତ୍ରରେ ନ୍ୟାୟ ପ୍ରଦାନ କରିବା ନିମନ୍ତେ ନ୍ୟାୟିକ ପ୍ରକ୍ରିୟାକୁ ୨୦ବର୍ଷରୁ ଅଧିକ ସମୟ ଲାଗିଯବା କଦାଚିତ୍ ସ୍ପୃହଣୀୟ । ଏଭଳି ବିଳମ୍ବ ନିମନ୍ତେ ସ୍ୱୟଂ ନ୍ୟାୟିକ ପ୍ରକ୍ରିୟା ଏହାର ତଦନ୍ତକାରୀ ସଂସ୍ଥାମାନଙ୍କ ଭଳି ଅଂଶୀଦାରମାନଙ୍କ ସମେତ ସମ୍ପୃକ୍ତ ଅନ୍ୟମାନଙ୍କ ଉପରକୁ ଏହି ଉତ୍ତରଦାୟିତ୍ୱ ନେବା ଆବଶ୍ୟକ । ନରୋଦା କାଣ୍ଡ ଉପରେ ଗଠିତ ସ୍ୱତନ୍ତ୍ର ତଦନ୍ତକାରୀ ଦଳ ଯାହା ଏହାର ତଦନ୍ତ କରିଥିଲା ଏବଂ ମୋକଦ୍ଦମା ଚଳାଇଥିଲା, ତାର ମୁଖ୍ୟ ଥିଲେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋର ଜଣେ ପୂର୍ବତନ ନିର୍ଦ୍ଦେଶକ ଏବଂ ଏହି ଦଳରେ ତାଙ୍କ ବ୍ୟତୀତ ସଦସ୍ୟ ଭାବରେ ରହିଥିଲେ ଆଉ ଚାରିଜଣ ଭାରତୀୟ ପୁଲିସ ସେବାର ବରିଷ୍ଠ ଅଧିକାରୀ । ଦେଶର ସର୍ବୋଚ୍ଚ ଅଦାଲତ ସୁପ୍ରିମ୍‌କୋର୍ଟ, ଯିଏକି ଏହି ଏସ୍‌ଆଇଟି ଗଠନ କରିଥିଲେ, ସ୍ପଷ୍ଟ କରି ଦେଇଥିଲେ ଯେ ଏସ୍‌ଆଇଟି 'ପୁନଃ ତଦନ୍ତକୁ ମିଶାଇ ନିରପେକ୍ଷ ଅନୁସନ୍ଧାନ/ ତଦନ୍ତ ଉଦ୍ଦେଶ୍ୟରେ ଅନୁସୃତ ହେବାକୁ ଥିବା ପଦ୍ଧତି ଏବଂ ନୀତି ନିୟମଗୁଡ଼ିକ ଉପରେ ସମ୍ପୂର୍ଣ୍ଣ ସ୍ୱାଧୀନ ଭାବରେ କାର୍ଯ୍ୟ କରିବ । କୋର୍ଟ ସେମାନଙ୍କୁ ସ୍ମରଣ କରାଇ ଦେଇଥିଲେ ଯେ 'ଅପରାଧିକ ନ୍ୟାୟିକ ବ୍ୟବସ୍ଥାର ସର୍ବତୋ ଭାବେ ଲକ୍ଷ୍ୟ ହେଉଛି, ଜଣେ ବ୍ୟକ୍ତି ଯିଏକି ଅପରାଧୀ, ସେ ଦଣ୍ଡିତ ହେଉଥିବା ସମ୍ପର୍କରେ ସୁନିଶ୍ଚିତ କରାଇବା ।' ସାମ୍ପ୍ରତିକ କୋର୍ଟଙ୍କ ରାୟ ପରିପ୍ରେକ୍ଷୀରେ ତେଣୁ ସ୍ୱାଭାବିକ ଭାବରେ ଏସ୍‌ଆଇଟି ଏହି ପ୍ରଶ୍ନର ଉତ୍ତର ଦେବା ଆବଶ୍ୟକ ହୋଇ ପଡ଼ିଛି ଯେ ଏହା କରିଥିବା ତଦନ୍ତ ଅନୁସାରେ ଆଖ୍ୟାୟିତ ଦୋଷୀ ଦଣ୍ଡ ପାଇଛନ୍ତି କି ନାହିଁ । ଏଠାରେ ଉଲ୍ଲେଖ କରାଯାଇପାରେ ଯେ ନରୋଦା ଗାମ୍ ବା ଗାଁକୁ ଏଭଳି ମାମଲା କ୍ଷେତ୍ରରେ କୌଣସିମତେ ଏକ ବ୍ୟତିକ୍ରମ କୁହାଯାଇପାରିବ ନାହିଁ, କାରଣ ନିକଟ ଅତୀତରେ ଗୁଜରାଟ ହାଇକୋର୍ଟ ସର୍ଦ୍ଦାରପୁର ଗଣହତ୍ୟା ମାମଲା, ଯେଉଁଥିରେ ଗୋଟିଏ ସମ୍ପ୍ରଦାୟ ଅର୍ଥାତ ମୁସଲମାନ ସମ୍ପ୍ରଦାୟର ୩୩ଜଣଙ୍କୁ ଜାଳି ଦିଆଯାଇଥିଲା, ସେହି ମାମଲାରେ ଟ୍ରାୟଲ କୋର୍ଟ ଦ୍ୱାରା ଦୋଷୀ ସାବ୍ୟସ୍ତ ହୋଇଥିବା ୩୧ଜଣଙ୍କ ମଧ୍ୟରୁ ୧୪ଜଣଙ୍କୁ ଖଲାସ କରି ଦେଇଥିଲେ । ଏସବୁ ଭିତରେ ଉଲ୍ଲେଖନୀୟ ମଜାଦାର କଥାଟି ହେଉଛି, ଗତବର୍ଷ ସୁପ୍ରିମକୋର୍ଟ ଏସଆଇଟିକୁ ଏହା କରିଥିବା 'ଅକ୍ଳାନ୍ତ କାର୍ଯ୍ୟ' ନିମନ୍ତେ ଅଭିନନ୍ଦନ ଜଣାଇଥିଲେ । ଉପରୋକ୍ତ ମାମଲାରେ ପୀଡ଼ିତମାନଙ୍କ ପକ୍ଷରୁ ଅର୍ଥପୂର୍ଣ୍ଣ ତଦନ୍ତ ପାଇଁ କୋର୍ଟଙ୍କ ହସ୍ତକ୍ଷେପ ନିମନ୍ତେ ବାରମ୍ବାର ଅନୁରୋଧ କରାଯାଇଥିଲେ ସୁଦ୍ଧା କୋର୍ଟ ନିରନ୍ତର ଭାବରେ ସେହିସବୁ ଆବେଦନକୁ 'ସମୟ ଅତିବାହିତ ହେବା ସହିତ ଅନାବଶ୍ୟକ ହୋଇ ପଡ଼ିଥିବା କହି ଏଡ଼ାଇ ଯାଇଥିଲେ । ଏମିତିକି ଜାତୀୟ ମାନବାଧିକାର କମିଶନଙ୍କ ଦ୍ୱାରା ଏହି ଦଙ୍ଗାର ପୁନଃ ତଦନ୍ତ କରାଯିବା ସମ୍ପର୍କରେ କୋର୍ଟଙ୍କୁ ଅବଗତ କରାଇବାର ଉଦ୍ୟମ ମଧ୍ୟ ଏହାଙ୍କୁ ବୁଝାଇବାରେ ସକ୍ଷମ ହୋଇପାରିନଥିଲା । କୋର୍ଟ ବର୍ତ୍ତମାନ ଅନୁଭବ କରିବା ଉଚିତ୍ ଯେ ଏହା ଏସ୍‌ଆଇଟିଙ୍କୁ ଯେଉଁ ମୂଳ କ୍ଷମତାଟି ଦେଇଥିଲେ କି 'ଜଣେ ବ୍ୟକ୍ତି ଯିଏ ଏକ ଅପରାଧ କରିଥିବାରୁ ଦୋଷୀ ସାବ୍ୟସ୍ତ ହେବେ, ସେ ଦଣ୍ଡିତ ହୋଇଥିବାକୁ ସୁନିଶ୍ଚିତ କରାଯିବ'; ତାହା ପୂରଣ ହୋଇନାହିଁ, ଯଦିଓ ଏହା ସେହି ଦଳଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ସମ୍ପ୍ରତି ଏହି ମାମଲାରେ ଅଭିଯୁକ୍ତମାନେ ଖଲାସ ହୋଇଥିବା ନେଇ ସର୍ବୋଚ୍ଚ ଅଦାଲତ କ'ଣ କରିବେ- ଏହା ଯେଉଁମାନେ ନ୍ୟାୟକୁ ପଥ ପ୍ରଦର୍ଶନ କରନ୍ତି ଅର୍ଥାତ ଉପଯୁକ୍ତ ନ୍ୟାୟ ମିଳିବା ଦିଗରେ କାମ କରନ୍ତି, ସେମାନଙ୍କୁ ତାହା କରିବାରେ ବିଫଳ ହୋଇଥିବାରୁ ସୁରକ୍ଷା ପ୍ରଦାନ କରିବା ପରିବର୍ତ୍ତେ ଦଣ୍ଡିତ କରି ଇତିହାସ ପୃଷ୍ଠାରେ ବିଚାର ବିଭାଗର ନିରପେକ୍ଷତାର ସ୍ୱାକ୍ଷର ଛାଡ଼ିଯିବେ କି ? ସେ ଯାହା ବି ହେଉ, ଗୁଜରାଟ ଦଙ୍ଗାର ଏକ ନିରପେକ୍ଷ ନିଷ୍କର୍ଷ ବାହାରିବା ଆବଶ୍ୟକ ।

## ସାଇଦର୍ଶନ ଓ ସାଇକୃପା

ଇଂ. ସଚ୍ଚିଦାନନ୍ଦ ନନ୍ଦ

ଭଗବାନ ଶ୍ରୀସତ୍ୟସାଇ ବାବା ମହାସମାଧି ଗ୍ରହଣ କରିଛନ୍ତି । ସେ ତାଙ୍କ ସ୍ଥୁଳ ଶରୀର ତ୍ୟାଗ କରିଛନ୍ତି ସତ କିନ୍ତୁ ଆଶ୍ରିତ ମାନଙ୍କୁ ତ୍ୟାଗ କରିନାହାନ୍ତି । ଏବେ ମଧ ସୂକ୍ଷ୍ମରେ ସମସ୍ତ ଦୈବୀକର୍ତ୍ତବ୍ୟ ମାନ ପୂର୍ବବତ୍ ସମ୍ପାଦନ କରିଚାଲିଛନ୍ତି । ଏଥିରୁ ସୂଚିତ ହେଉଛି ଯେ ଅବତାରଙ୍କ ଉପସ୍ଥିତି ଓ ଅନୁପସ୍ଥିତି ଭକ୍ତ ବା ଆଶ୍ରିତମାନଙ୍କ ପକ୍ଷରେ ସମାନ କଥା । ସେମାନଙ୍କ ବଳ ତାଙ୍କ ପ୍ରାର୍ଥନା ଓ ଅନ୍ତରର ପବିତ୍ରତା ଯାହାକୁ ନିର୍ଭର କରି ସେମାନେ ନିଶ୍ଚିନ୍ତରେ ରହିପାରନ୍ତି ଓ ଭଗବତ୍ କୃପା ଲାଭ କରିପାରନ୍ତି । ସେ ସ୍ଥୁଳ ଶରୀରରେ ଥିଲାବେଳେ କହୁଥିଲେ ''ମୋ କଥା ମାନିବା ହିଁ ମୋ କୃପା ପାଇବାର ଉପାୟ'' । ମହାସମାଧି ଗ୍ରହଣ କରିବା ପରେ ମଧ ତାଙ୍କ ପୂର୍ବ ପ୍ରଦତ୍ତ ବାକ୍ୟ ରକ୍ଷା କରିବାରେ ସେ ପୂର୍ଣ୍ଣ ମାତ୍ରାରେ ସମର୍ଥ । ଦିବ୍ୟସମ୍ଭାଷଣ ଓ ସେ ନିଜର ଦୈବୀଶକ୍ତି, ଦିବ୍ୟପ୍ରେମ, ଦିବ୍ୟ ଆନନ୍ଦକୁ ବ୍ୟବହାର କରି କୋଟି କୋଟି ବ୍ୟକ୍ତିଙ୍କ ଅନ୍ତରରେ ଆନନ୍ଦ ଖେଳାଇ ପାରିଛନ୍ତି । ସେବାକାର୍ଯ୍ୟରେ ନିୟୋଜିତ କରି ସହସ୍ର ସହସ୍ର ବ୍ୟକ୍ତିଙ୍କୁ ସ୍ୱାଭାବିକ ଆନନ୍ଦ ଉପଲବ୍ଧି କରାଇପାରିଛନ୍ତି । ଭଜନ ଓ ନାମ ସ୍ମରଣ ଯୋଜନା ମାଧମରେ ଲକ୍ଷ ଲକ୍ଷ ନରନାରୀଙ୍କ ଠାରେ ଆନନ୍ଦ ପ୍ଳାବନ କରିପାରିଛନ୍ତି । ଦିବ୍ୟ ସମ୍ଭାଷଣ ମାଧମରେ ପ୍ରଦାନ କରୁଥିବା ଭାବାତୀତ ଶିକ୍ଷାକୁ ଜୀବନରେ ଯେଉଁମାନେ ବ୍ୟବହାର କରିଛନ୍ତି ସେ ସମସ୍ତେ ଅପାର ଆନନ୍ଦ ଲାଭ କରିଛନ୍ତି । ସର୍ବୋପରି ଏଭଳି ଐଶ୍ୱରିକ ଶକ୍ତି ସମ୍ପନ୍ନ ବ୍ୟକ୍ତିତ୍ୱଙ୍କୁ ଚର୍ମ ଚକ୍ଷୁରେ ଦର୍ଶନ ପୂର୍ବକ ନିଜର ଭାଗ୍ୟକୁ ପ୍ରଶଂସା କରି ସମଗ୍ର ମାନବଜାତି ନିଜକୁ ଧନ୍ୟ ମନେକରୁଛି । ସମୟର ପ୍ରଭାବ, ଯୁଗ ଧର୍ମ, ଅଜ୍ଞାନ ଓ ଅହଂକାରର ବଶବର୍ତ୍ତୀ ହୋଇ ଆଜି ମଣିଷ ଅମଣିଷ ପାଲଟି ଯାଉଛି । ଦୈନିକ ସମ୍ବାଦପତ୍ର ତାହାର ପ୍ରମାଣ ।




ମଣିଷ ଜାଣିପାରୁନାହିଁ କ'ଣ କରଣୀୟ, କ'ଣ ଅକରଣୀୟ, ବିବେଚନାଶକ୍ତି ହରାଇ ମଣିଷ ତାହାଠାରୁ ନିମ୍ନ ପ୍ରବୃତ୍ତି ସମ୍ପନ୍ନ କର୍ମମାନ କରିବସୁଛି । ବିବେକ କ'ଣ, କେଉଁଠି ଥାଏ, ସେ କଣ କରେ, ତାହା ଜାଣିଥିବା ଲୋକେ ଆଜି ବିରଳ । ଜୀବନଯାପନ କରିବାର ସଠିକ ମାର୍ଗ ଆଜି ବିସ୍ମୃତ ଏବଂ ତାହାର ପରିଣାମ କି କଷ୍ଟଦାୟକ ! ଅଧିକାଂଶ ଏକ ଉତ୍ତପ୍ତ, ଅନୁତପ୍ତ ଓ ଚାପଗ୍ରସ୍ତ ଜୀବନର ଅସହ୍ୟ ଦୁଃଖରେ ବଞ୍ଚିବାକୁ ବାଧ ହେଉଛନ୍ତି । ବାବା କିନ୍ତୁ ଏଥିରୁ ଉଦ୍ଧାର ପାଇବା ପାଇଁ ପ୍ରାୟଶ୍ଚିତ କରିବାକୁ କହନ୍ତି ନାହିଁ । ତାଙ୍କର ପ୍ରଚଣ୍ଡ କ୍ଷମାଶକ୍ତି ବ୍ୟବହାର କରି କହନ୍ତି 'ତୁମେ କିଛିଟା ଭୁଲ କରିଦେଇଛ ମୁଁ, ସେସବୁକୁ କ୍ଷମା କରିଦେଉଛି, ଅତୀତକୁ ଭୁଲିଯାଅ, ନୂଆ କରି ଏକ ଜୀବନ ଆରମ୍ଭ କର ।' ସେ ସ୍ନେହରେ ଆମ ହାତକୁ ଧରି ସତ୍ ପଥକୁ ଘେନି ଆସନ୍ତି, ଅନ୍ତରରେ ସଂସ୍କାର ଭରି ଦିଅନ୍ତି, ମନରେ ଦୃଢ଼ତା ବୃଦ୍ଧି କରି ନୂତନ ଜୀବନ ପଥରେ ଆମକୁ କେବଳ ଛାଡ଼ି ଦିଅନ୍ତି ନାହିଁ, ଆମ ସହିତ ନିଜେ ମଧ ଚାଲନ୍ତି । ନୈତିକ ଜୀବନର ସ୍ୱାଦ ଚଖାଇ ଅନୈତିକ ମାର୍ଗର ତିକ୍ତତା ଅନୁଭବ କରାଇ ଦିଅନ୍ତି । ଶୃଙ୍ଖଳିତ ଜୀବନର ନିରାପତ୍ତା ଭୋଗ କରାଇ ବିଶୃଙ୍ଖଳିତ ଜୀବନ ପାଇଁ ଅରୁଚି ସୃଷ୍ଟି କରି ଦିଅନ୍ତି । ତାଙ୍କ ଦିବ୍ୟଜୀବନର ନିର୍ଦ୍ଦେଶନ ମାଧମରେ ମଣିଷ ଠାରେ ଦିବ୍ୟ ଜ୍ଞାନ ଉଦ୍ରେକ କରାଇ ଦିଅନ୍ତି ଯାହାଫଳରେ ଲୋକେ ପ୍ରେୟ ମାର୍ଗ ଛାଡ଼ି ଶ୍ରେୟ ମାର୍ଗ ଅବଲମ୍ବନ କରିଥାନ୍ତି ଏବଂ ସ୍ୱଅର୍ଜିତ ଆନନ୍ଦ ଉପଭୋଗ କରିପାରନ୍ତି । ଅଭାବି ଲୋକଙ୍କର ଅଭାବ ପୂରଣ କରିବା ଭଗବାନଙ୍କ ପାଇଁ ଖୁବ୍ ସହଜ, ସେମାନଙ୍କର ନିତାନ୍ତ ଆବଶ୍ୟକ ହୁଏ, ଖାଦ୍ୟ, ବସ୍ତ୍ର ଓ ବାସଗୃହ । ଏଗୁଡ଼ିକ ଯିଏ ପୂରଣ କରେ ସେମାନେ ପୁଣ୍ୟ ଅର୍ଜନ କରନ୍ତି । ଅନ୍ୟପକ୍ଷରେ ଅଭାବିର ଅଭାବ ଦୂର ହୁଏ । ଅଭାବ ମୁଖ୍ୟତଃ ଦୁଇପ୍ରକାରର ଥାଏ । ପ୍ରଥମଟି ପ୍ରକୃତ ଅଭାବ ଓ ଦ୍ୱିତୀୟଟି ଲୋଭ ଜନିତ ଅଭାବ, ଯାହା କେବେହେଲେ ପୂରଣ ହୋଇପାରିବ ନାହିଁ । ସଂସାରରେ ଏଭଳି ଲୋକ ଅଛନ୍ତି ଯେଉଁମାନେ ଦରିଦ୍ର ମାନଙ୍କ ଆବଶ୍ୟକତା ପୂରଣ କରିପାରିବେ କିନ୍ତୁ ଲୋଭଜନିତ ଅଭାବର ପରିସମାପ୍ତି ନ ଥାଏ । ସଂଗଠନ ମାଧମରେ ତାଙ୍କ ଆଶ୍ରିତମାନଙ୍କୁ ଶିକ୍ଷା ଦେଇ ବାବା ଲୋଭ କମାଇବା ଓ ତ୍ୟାଗଭାବ ବଢ଼ାଇବାର ଶିକ୍ଷା ଦେଇ ଅଭାବି ମାନଙ୍କ ଇଚ୍ଛା ପୂରଣ କରିଦେଇଥାନ୍ତି । ସବୁଠାରୁ ବଡ଼କଥା ହେଲା ପରିସ୍ଥିତିର ଦାସ ହୋଇ ମଣିଷ ଯେତେବେଳେ ବିପଦର ସମ୍ମୁଖୀନ ହୋଇଛି କେବଳ ଗୋଟିଏ ନିଷ୍ପାପର ପ୍ରାର୍ଥନା ବଦଳରେ ସେ ପାଇଛି ଅଭୟ ଏବଂ ସକାରାତ୍ମକ ପ୍ରତିଶ୍ରୁତି । ଦୁର୍ଘଟଣାରୁ ଉଦ୍ଧାର ପାଇବା, ପ୍ରାକୃତିକ ବିପର୍ଯ୍ୟୟରୁ ରକ୍ଷା ପାଇବା ଓ ଦୂରାତ୍ମାଙ୍କ କବଳରୁ ବର୍ତ୍ତିଯିବାର ଉଦାହରଣ ଅସଂଖ୍ୟ । ନିଜ ଜୀବନର ଦୃଷ୍ଟାନ୍ତ ଦେଇ ସମଗ୍ର ମାନବ ଜାତିକୁ ପ୍ରେମ ଓ ସେବା ମନ୍ତ୍ରରେ ଦୀକ୍ଷିତ କରାଇ ଭଗବାନ ବାବା ଆଶ୍ରିତ ମାନଙ୍କ ସହ ଆଣ ଆଶ୍ରିତମାନଙ୍କ ବହୁ ଉପକାର ଏପରିକି ଆତ୍ମଜ୍ଞାନ ସାଧନା କରାଇଛନ୍ତ । ସର୍ବଧର୍ମ ସମନ୍ୱୟ ପ୍ରତିଷ୍ଠା କରି, ଧର୍ମ ଧର୍ମ ଭିତରେ ଥିବା ବିଦ୍ୱେଷ ଭାବ ଦୂରକରି, ସମାଜରେ ସହାବସ୍ଥାନ ସମ୍ଭବ କରାଇ ପାରିଛନ୍ତି । ତାଙ୍କ ଦିବ୍ୟ ପ୍ରେମର ପ୍ରସାର ଘଟାଇ ଲୋକ ମାନଙ୍କ ପ୍ରେମ ବଳୟକୁ ଅଧିକ ସମ୍ପ୍ରସାରିତ କରାଇ ମାନବ ଜୀବନକୁ ସରଳ, ତରଳ ଓ ଉପଭୋଗ୍ୟ କରାଇ ପାରିଛନ୍ତି । ତାଙ୍କ ପାଇଁ ଯେତେ କୋଟି ଜୟକାର ଦେଲେ ବି ତାହା ଯଥେଷ୍ଟ ନୁହେଁ ।

ଅଲିଶା ବଜାର, କଟକ,
ମୋ : ୯୩୩୭୨୪୨୯୫୫

## ମାଲେରିଆ ଓ ଯକୃତ

ଡାକ୍ତର ଉମେଶ ଚନ୍ଦ୍ର ପାତ୍ର



ପ୍ରତିବର୍ଷ ବିଶ୍ୱରେ ୩.୩ ନିୟୁତ ଲୋକ ମାଲେରିଆ ଦ୍ୱାରା ଆକ୍ରାନ୍ତ ହେଉଛନ୍ତି । ୨୦୨୨ରେ ହୋଇଥିବା ଅଧ୍ୟୟନ ଅନୁଯାୟୀ ମାଲେରିଆରେ ଆକ୍ରାନ୍ତ ହୋଇ ପ୍ରତି ବର୍ଷ ୬ଲକ୍ଷ ୮୪ ହଜାର ଲୋକ ମୃତ୍ୟୁବରଣ କରୁଛନ୍ତି । ଏସିଆ, ଆଫ୍ରିକ ଓ ଲାଟିନ୍ ଆମେରିକୀୟ ଦେଶଗୁଡ଼ିକରେ ମାଲେରିଆ ଆକ୍ରାନ୍ତ ଏବଂ ମୃତକଙ୍କ ସଂଖ୍ୟା ଅଧିକ । ମାଲେରିଆ ମୃତ୍ୟୁ ଏବଂ ପ୍ରଭାବ ରୋକିବା ଦିଗରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଏପ୍ରିଲ ୨୫ ତାରିଖକୁ ବିଶ୍ୱ ମ୍ୟାଲେରିଆ ଦିବସ ଭାବେ ପାଳନ କରାଯାଇଥାଏ । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ଅନୁମୋଦନ ଲାଭ କରିଥିବା ଏହି ଦିବସରେ ବିଶ୍ୱବ୍ୟାପୀ ବିଭିନ୍ନ ପ୍ରକାର ସଚେତନତା ଏବଂ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରାଯାଇଥାଏ । ସାଧାରଣତଃ ମଶା କାମୁଡ଼ିବା ଦ୍ୱାରା ମାଲେରିଆ ବ୍ୟାପିଥାଏ । ମଶା କାମୁଡ଼ାରୁ ବର୍ତ୍ତିବାକୁ ହେଲେ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିବାର ଆବଶ୍ୟକତା ରହିଛି । ମାଲେରିଆର ପ୍ରଭାବ ବୃଦ୍ଧିକୁ ଆଖି ଆଗରେ ରଖି ଚଳିତ ବର୍ଷ ମାଲେରିଆ ନିରାକରଣ ଦିଗରେ ଅଧିକ ନିବେଶ କରିବାକୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ବିଶ୍ୱ ସମୁଦାୟକୁ ଆହ୍ୱାନ ଜଣାଇଛି । ମାଲେରିଆ ଜୀବାଣୁ ସ୍ପୋରୋଜୋଏଟସ୍ ମନୁଷ୍ୟ ଶରୀରକୁ ପ୍ରବେଶ କରି ପ୍ରଥମେ ଯକୃତକୁ ଆକ୍ରମଣ କରେ । ଯକୃତରେ ଥିବା ରକ୍ତନଳୀରୁ ତାହା ଯାଇ ଯକୃତ କୋଷ ଭିତରେ ପ୍ରବେଶ କରେ । ଯକୃତ କୋଷ ଭିତରେ ତାହା ବୃଦ୍ଧିପ୍ରାପ୍ତ ହୋଇ ଶରୀରର ରକ୍ତକୋଷକୁ ଆକ୍ରମଣ କରେ । ମାଲେରିଆ ଜୀବାଣୁ ଲିଭର ଭିତରେ ଥାଇ ରୋଗ ପ୍ରତିରୋଧକ ଶକ୍ତିକୁ ଅତିକ୍ରମ କରି ଲୋହିତ ରକ୍ତ କଣିକାକୁ ଆକ୍ରମଣ କରେ । ମାଲେରିଆରେ ଯକୃତ ଆକ୍ରାନ୍ତ ହେଲେ ଜଣ୍ଡିସ ହୁଏ । ରକ୍ତରେ ଲିଭର ଏନଜାଇମ୍‌ସ ଗୁଡ଼ିକ ବଢ଼ିଯାଆନ୍ତି । ଲୋହିତ ରକ୍ତ କଣିକା ନଷ୍ଟ ହୁଏ । ଗ୍ଳୁକୋଜ-୬ ଫସ୍‌ପେଟ ଅଭାବ ଥିଲେ ଲୋହିତ ରକ୍ତ କଣିଆ ଆହୁରି ବେଶୀ ଭାବରେ ନଷ୍ଟ ହୁଏ । ମାଲେରିଆ ଔଷଧ ସେପ୍ଟିସିମିଆ ଓ ଡିଆଇସି ଇତ୍ୟାଦି କାରଣ ଯୋଗୁଁ ମଧ ଜଣ୍ଡିସ୍ ଦେଖାଦିଏ ।

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ନିର୍ଦ୍ଦିଷ୍ଟ ଭାବେ ମାଲେରିଆ ପ୍ରବଣ ଦକ୍ଷିଣ ଏସିଆ ଅଞ୍ଚଳରେ ଏ ଘାତକ ଜ୍ୱରର ପ୍ରକୋପ ନେଇ ଏକ ରିପୋର୍ଟ ପ୍ରକାଶ ପାଇଛି । ବିଶ୍ୱର ସବୁଠାରୁ ଅଧିକ ମାଲେରିଆ ପ୍ରବଣ ୧୦ଟି ଦେଶ ମଧ୍ୟରୁ ଛଅଟି ଦେଶ ଏହି ଅଞ୍ଚଳରେ ଅବସ୍ଥିତ । ବିଶ୍ୱର ପ୍ରାୟ ଚଉଠେ ଲୋକ ବସବାସ କରୁଥିବା ଏ ଅଞ୍ଚଳରେ ମାଲେରିଆର ପ୍ରକୋପ ଏତେ ବେଶି ଯେ, ପ୍ରତି ଚାରିଜଣରେ ତିନିଜଣ ଏହାଦ୍ୱାରା ଆକ୍ରାନ୍ତ ହେବାର ଆଶଙ୍କା ରହିଛି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ରିପୋର୍ଟ ଅନୁଯାୟୀ ବିଗତ ଗୋଟିଏ ଦଶକ ମଧ୍ୟରେ ଦକ୍ଷିଣ ପୂର୍ବ ଏସୀୟ ଅଞ୍ଚଳରେ ମାଲେରିଆ ଆକ୍ରାନ୍ତ ଓ ମାଲେରିଆ ଜନିତ ମୃତ୍ୟୁ ସଂଖ୍ୟା ହ୍ରାସ ପାଇଥିଲେ ମଧ୍ୟ ଏବେ ବି ଏହା ଜୀବନ ପାଇଁ ଘାତକ ଏବଂ ଜୀବିକା ପାଇଁ ବିପଦ ହୋଇ ରହିଛି । ଦକ୍ଷିଣ ପୂର୍ବ ଏସିଆର ଅନ୍ୟ ମାଲେରିଆ ପ୍ରବଣ ଦେଶ ଅପେକ୍ଷା ଭାରତ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଏ ରିପୋର୍ଟକୁ ଅଧିକ ଗୁରୁତ୍ୱର ସହ ନେଇ ଏକ ଚେତାବନୀ ଭାବେ ବିଚାର କରୁଛି । ବିଶ୍ୱର ସର୍ବାଧିକ ମାଲେରିଆ ପ୍ରବଣ ୧୦ଟି ଦେଶର ତାଲିକାରେ ଭାରତ ରହିଛି । ଅନ୍ୟ ଦେଶମାନେ ଯେଉଁ, ଅନୁପାତରେ ମାଲେରିଆ ନିୟନ୍ତ୍ରଣରେ ସଫଳତା ହାସଲ କରି ପାରିଛନ୍ତି, ଭାରତ ସେ ଅନୁପାତରେ ଏ ଘାତକ ଜ୍ୱରର ମୁକାବିଲାର ସଫଳ ହୋଇପାରିନାହିଁ । ୨୦୦୦ ମସିହାରୁ ୨୦୧୨ ମଧ୍ୟରେ ନେପାଳ, ଭୁଟାନ, କୋରିଆ, ବାଙ୍ଗଲାଦେଶ, ଶ୍ରୀଲଙ୍କା ଆଦି ଦେଶମାନେ ମାଲେରିଆ ଆକ୍ରାନ୍ତଙ୍କ ସଂଖ୍ୟା ୭୫ ପ୍ରତିଶତ ହ୍ରାସ କରିବାରେ ସଫଳ ହୋଇଛନ୍ତି । କିନ୍ତୁ ଭାରତ ଏ କ୍ଷେତ୍ରରେ ପଛରେ ପଡ଼ିଯାଇଛି । ୨୦୨୫ ଶେଷ ବେଳକୁ ଯାଇ ଭାରତ ମାଲେରିଆ ଆକ୍ରାନ୍ତଙ୍କ ସଂଖ୍ୟା ୫୦ରୁ ୭୫ ପ୍ରତିଶତ ପର୍ଯ୍ୟନ୍ତ ହ୍ରାସ କରିବାରେ ସମର୍ଥ ହୋଇପାରେ । ଏଠାରେ ଉଲ୍ଲେଖ କରାଯାଇପାରେ ଯେ ଏ ଅଞ୍ଚଳର ଅନ୍ୟତମ ଦେଶ ମାଳଦ୍ୱୀପରେ ୧୯୮୪ରୁ ଆଉ କେହି ଜଣେ ହେଲେ ମାଲେରିଆରେ ଆକ୍ରାନ୍ତ ହୋଇ ନାହାନ୍ତି । ଶ୍ରୀଲଙ୍କା ମଧ ମାଲେରିଆର ସମ୍ପୂର୍ଣ୍ଣ ନିରାକରଣ ଲକ୍ଷ୍ୟ ହାସଲର ନିକଟତର । ଭାରତରେ ଏବେ ବି ମାଲେରିଆର ପ୍ରକୋପ ଭୟଙ୍କର । କେବଳ ଦୁଇଟି ରାଜ୍ୟ ଜାମ୍ମୁ-କାଶ୍ମୀର ଓ ହିମାଚଳ ପ୍ରଦେଶକୁ ଛାଡ଼ିଦେଲେ ଦେଶର ଅବଶିଷ୍ଟ ସବୁ ରାଜ୍ୟ ମାଲେରିଆ ପ୍ରବଣ । ଲୋକସଂଖ୍ୟାର ପାଖାପାଖି ୭୦ ପ୍ରତିଶତ ମାଲେରିଆ ଦ୍ୱାରା ଆକ୍ରାନ୍ତ ହେବାର ଆଶଙ୍କା ରହିଛି । ଆକ୍ରାନ୍ତ ଓ ମୃତ୍ୟୁ ସଂଖ୍ୟା ହିଁ ମାଲେରିଆ ଭାରତ ପାଇଁ କେମିତି ଏକ ଗୁରୁତର ସ୍ୱାସ୍ଥ୍ୟ ସମସ୍ୟା ତାର ସୂଚନା ଦିଏ । ପ୍ରତିବର୍ଷ ପ୍ରାୟ ୯୫ଲକ୍ଷ ଲୋକ ଦେଶର ମାଲେରିଆ ଦ୍ୱାରା ଆକ୍ରାନ୍ତ ହେଉଛନ୍ତି ଏବଂ ସେଥିରୁ ପ୍ରାୟ ୪୫ ହଜାର ପୀଡ଼ିତଙ୍କ ମୃତ୍ୟୁ ହୁଏ । ଉଲ୍ଲେଖନୀୟ ହେଲା ସମଗ୍ର ବିଶ୍ୱରେ ମାଲେରିଆ ଜନିତ ବାର୍ଷିକ ମୃତ୍ୟୁ ସଂଖ୍ୟା ଯେତେ, ସେଥିରେ ଦକ୍ଷିଣ ପୂର୍ବ ଏସିଆର ଭାଗ ୯୮ ପ୍ରତିଶତ ଏବଂ ସମଗ୍ର ଦକ୍ଷିଣ ପୂର୍ବ ଏସିଆର ମାଲେରିଆରେ ଯେତିକି ମୃତ୍ୟୁ ହୁଏ ସେଥିରେ ଭାରତର ଭାଗ ୩୮ ପ୍ରତିଶତ । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ତାହା ରିପୋର୍ଟ ଅନୁଯାୟୀ, ଶିଳ୍ପାୟନ ଓ ସହରୀକରଣ ଯୋଗୁଁ ମାଲେରିଆ ପ୍ରାଦୁର୍ଭାବ ବୃଦ୍ଧି ପାଉଛି । କ୍ରମଶଃ ଦେଶର ଗ୍ରାମାଞ୍ଚଳ ଅପେକ୍ଷା ସହରାଞ୍ଚଳ ଅଧିକ ମାଲେରିଆ ପ୍ରବଣ ହୋଇପଡୁଛି । ଅନିୟନ୍ତ୍ରିତ ସହରୀକରଣ ଏବଂ ଯୋଜନା ବିହୀନ ଶିଳ୍ପାୟନ ଯୋଗୁଁ ଠିକ୍ ଭାବେ ଜଳ ନିଷ୍କାସନ ହୋଇପାରୁ ନାହିଁ । ଫଳରେ ଅନେକ ସ୍ଥାନରେ ଦୂଷିତ ଆବର୍ଜନାପୂର୍ଣ୍ଣ ପାଣି ଜମି ରହୁଛି । ଏହା ହିଁ ମଶା ବଂଶ ବୃଦ୍ଧିର କାରଣ ହୋଇ ମାଲେରିଆ ସଂକ୍ରମଣର ଆଶଙ୍କାକୁ ବୃଦ୍ଧି କରୁଛି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ସଦ୍ୟତମ ରିପୋର୍ଟ ସରକାର ଓ ସାଧାରଣ ଜନତାଙ୍କ ପାଇଁ ଆଉ ଏକ ସତର୍କ ସଙ୍କେତ । ରିପୋର୍ଟରେ ଥିବା ତଥ୍ୟରୁ ଏହା ସ୍ପଷ୍ଟ ଯେ ଦୀର୍ଘ ବର୍ଷ ହେଲା ଜାତୀୟ ସ୍ତରରେ ମାଲେରିଆ ନିୟନ୍ତ୍ରଣ ଅଭିଯାନ ଚାଲିଥିଲେ ସୁଦ୍ଧା, ସେଥିରୁ ଇପ୍‌ସିତ ସୁଫଳ ମିଳି ନାହିଁ । ମାଲେରିଆ ନିରାକରଣ ଅଭିଯାନକୁ ଆହୁରି ଜୋରଦାର କରାଯିବାର ଆବଶ୍ୟକତା ରହିଛି । ଅବଶ୍ୟ ସବୁ ରୋଗର ନିୟନ୍ତ୍ରଣ ପରି ମାଲେରିଆର ମୁକାବିଲା ପାଇଁ ମଧ ସରକାରୀ ଅଭିଯାନ ଅପେକ୍ଷା ଜନସଚେତନତା ଉନ୍ନତ ପରିମଳ ବ୍ୟବସ୍ଥା ଅଧିକ ଆବଶ୍ୟକ ।

+ପ୍ରଫେସର, ହେପାଟୋଲୋଜି
ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ
ମେଡ଼ିକାଲ କଲେଜ, କଟକ,
ମୋ : ୯୪୩୭୦୫୧୯୫୭




### ଶୂନର କରାମତି
**ରାମ ଚନ୍ଦ୍ର ପ୍ରଧାନ**

ଗଣିତ ହେଉ ଜ୍ୟାମିତି ହେଉ
ହେଉ ବା ପରିମିତି
ଅଙ୍କ ଖେଳରେ ବଡ଼ ଚାତୁରୀ
ଶୂନର କରାମତି ।
ବଦଳେ ନାହିଁ ଶୂନର ମୂଲ୍ୟ
ବାମେ ରହିଲେ ଜାଣ
ସଂଖ୍ୟାର ଆଗେ ରହିଲେ ସିଏ
ହୁଅଇ ଦଶଗୁଣ ।
ସବୁ ସଂଖ୍ୟାକୁ ଶୂନେ ହରିଲେ
ହୁଅଇ ଅର୍ଥହୀନ
ଶୂନକୁ ହରି ସବୁ ସଂଖ୍ୟାରେ
ମିଳଇ ଖାଲି ଶୂନ ।
ଯୋଗ ବିୟୋଗେ ରହେ ସେ ସ୍ଥିର
ଗୁଣନେ ଖାଏ ଭାଉ
ସଂଖ୍ୟାଟି ଯେତେ ବଡ଼ ହେଲେ ବି
କିଛି ନ ରହେ ଆଉ ।
ଗଣିତ ପାଠେ ଶୂନର ଗୁଣ
ମନ ଦେଇ କି' ଶୁଣ
ବୁଝି ବିଚାରି ପ୍ରୟୋଗ କଲେ
ସଫଳ ହେବା ଜାଣ ।

+ଶିକ୍ଷକ, ସାନ୍ତରାପଲ୍ଲୀ, ଗଞ୍ଜାମ
ମୋ:୯୮୬୧୬୩୮୭୩୬

### ସୁନେଲି ପ୍ରଭାତ
**ଧ୍ରୁବ ଚରଣ ବେହେରା**

ଧରଣୀ କୋଳରେ ସକାଳ ହସୁଛି
ସୁନେଲି ଓଢଣା ନାଇ
ପ୍ରଭାକର ତେଜେ ଘନ ବନ ରାଜି
ବାଢୁଛି ଅପୂର୍ବ ଛଇ ।
ଭବ୍ୟତାର ବେଶେ ହସଇ ପାଦପ
କିରଣର ପ୍ରତିବିମ୍ବେ
ଢଳ ଢଳ ହୋଇ ରୂପେଲୀ ଶିଶିର
ଝଟକେ ପ୍ରୀତି ନ୍ୟତ୍ୟମ୍ବେ ।
ଶାନ୍ତି ପାଦ ଥାପି ଉଷା ଗାଏ ଗୀତି
କୋମଳ ସମୀର ତୀରେ
ତୃଣ ମୁଖେ ଭରେ ଶଶାଙ୍କର ଠାଣି
ଚକ୍ଷୁ ଭରି ଚାହେଁ ଧିରେ ।
ତାଳ ବଣ କୋଳୁ ଭାସଇ କାକଳି
ପ୍ରଜାପତି ତେଜେ ବାସ
ଭ୍ରମର ଗାଆଇ ସ୍ଫୁରିତ ରାଗିଣୀ
ନୂଆ ପଲ୍ଲବିତ ରସ ।
ବସନ୍ତ ପ୍ରଭାତ ବୈଚିତ୍ରତା ଭରି
ମହକାଏ ବକୁଳକୁ
କୋକିଳ କଣ୍ଠର ପଞ୍ଚମ ତାନରେ
ପାଛୋଟେ ପୁଷ୍ପ ବନକୁ ।
ରମ୍ୟତାର କୋଳେ ମଳୟ ଭାସଇ
କୁସୁମ ମହକ ନେଇ
ସ୍ୱଚ୍ଛତାର ଏହି କମନୀୟ କାନ୍ତି
ବିଧାତାର ସୃଷ୍ଟି ପାଇଁ ।
ଧନ୍ୟ କାରିଗର ତା'ର ଉପହାର
ଅପୂର୍ବ କାନ୍ତି ପସରା
ଦେଖିଲେ ଲାଗଇ ସୁରଭି ସକାଳ
ବାଃ...କେତେ ଆତ୍ମହରା ।

+ଭାରତୀୟ ସାମରିକ ସେବା ।
ଅଠରବାଟିଆ,ବାଲୁଗାଁ, ଖୋର୍ଦ୍ଧା
ମୋ-୮୩୨୮୯୩୦୫୫୪

### ଶେଷ ଅଂକ
**ରତ୍ନକାନ୍ତି ମିଶ୍ର**

ଛାତିରେ ତୀର
ଖଣ୍ଡ ବିଖଣ୍ଡିତ ଡେଣା
ରକ୍ତରଞ୍ଜିତ
ଆଉ କେତେ କାଳ
ଗାଇ ପାରିଥାନ୍ତା
ଯନ୍ତ୍ରଣାରେ, ଜୀବନ ସଙ୍ଗୀତ !
ଏତେ କଅଁଳ ବୟସରେ
ବୁଝି ପାରିଥାନ୍ତା କେମିତି ସେ
କେତେ ସବୁ ଦୁର୍ବୋଧ ଶବ୍ଦ !
କଷି ପାରିଲା ନାହିଁ ବୋଧେ
ଅଛିଣ୍ଡା ଗଣିତ
ଶିଖିପାରିନଥିଲା ଯେଣୁ ସୂତ୍ରସବୁ
ଭୁଲି ଯିବାକୁ
ଯେତେ ସବୁ ନିନ୍ଦା ଅପବାଦ !
ସହାନୁଭୂତିର ଆଖିମାନଙ୍କର ବି
ଥିଲା ତୀର୍ଯ୍ୟକ ଚାହାଣି
ନିଜ ନିଜ ଢଙ୍ଗରେ,
ଆତ୍ମାମାତ୍ମା କପୋତୀ ଟିଏ
ଆଉ କେତେକାଳ ଭିଜିଥାନ୍ତା
ଲୁହର ଲାଭାରେ !
କାହାଠୁ କିଭଳି ମାଗିଥାନ୍ତା ସେ
ନ୍ୟାୟର ଭିକ
କାହା କାହାକୁ
ସେ ଭେଟି ଦେଇଥାନ୍ତା
ଖବର ଖୋରାକ !
ବରଂ....
ଶେଷ ହେଉ ଏ ମଞ୍ଜୁସ୍ଥ ନାଟକ
ଚରିତ୍ରଟିଏ ଚର୍ଚ୍ଚିତ ଥାଉ
ଦେଖିବା ପୂର୍ବରୁ
ଜୀବନର ଶେଷ ଅଂକ...!!!!

+ଆଳି, କେନ୍ଦ୍ରାପଡା

### ଦୁଃଖ ମୋ ଭାଗ୍ୟରେ ଲେଖା
**ସତ୍ୟ ସିଂ ବାଗ**

ମାତା କୁନ୍ତୀଙ୍କର
କଷ୍ଟକର ସେହି ବେଦନା
ହୃଦୟେ ବହୁ ଦୁଃଖ ଭରା
ତାର ଅଶଲେସ ଲୁହର ଝରଣା !
ଗୁରୁିଦ୍ୟା ପ୍ରେୟୋଗରୁ
ହେଲେ କର୍ଣ୍ଣ ରୁ ଜାତ କର୍ଣ୍ଣବୀର
ଲାଜ ଲଜ୍ୟା ରକ୍ଷାଲାଗି ମାତା
କୁନ୍ତୀ ପୁତ୍ରେ ଜଳେ ଭସାଇ ଆତୁର !
କୁନ୍ତୀ କହନ୍ତି ହେ କୃଷ୍ଣ
ତୁହି ମୋ ଜୀବନ ସାହା ରେଖା
ଦୁଃଖ ମୋ ଭାଗ୍ୟରେ ଲେଖା.......
କୁରୁସଭା ତଳେ କୁଳ
ବଧୂ ଦ୍ରୌପଦୀ ବସ୍ତ୍ର ହରଣ
ସଭେ ରଥି ମହାରଥୀ ଥାଇକି
ଏକି ଅନ୍ୟାୟ ଲଜ୍ୟା ର ମାନ !
ତେର ବରଷ ଗୁପ୍ତ ବନବାସ
ପୁତ୍ରେ ଅଠିକାଣେ ବ୍ୟତୀତ କରି
ଅନେକ ଦୁଃଖେ କଷ୍ଟେ ଜୀବନ
ବିତିଲା ଭୁକ ଉପାସ ତରି !
କୁନ୍ତୀ କହନ୍ତି ହେ କୃଷ୍ଣ
ତୁହି ମୋ ଜୀବନ ସାହା ରେଖା
ଦୁଃଖ ମୋ ଭାଗ୍ୟରେ ଲେଖା.......
ଦୁର୍ଯ୍ୟୋଧନ ର କୂଟନୀତି ରୁ
ମୁହାଭାରତ ଯୁଦ୍ଧ ର ସୃଷ୍ଟି
ବନ୍ଧୁ ବାନ୍ଧବ କୁଟୁମ୍ବ ହରାଇ
ମୁକେତେ ଅସହାୟ ଜୀବନମୁଷ୍ଟି !
ଅନେକ ବଧୂ ମୋର ତାର ପତି
ହରାଇଲେ ହେଲେ ବିଧବା
ଦେଖି ମୋ ହୃଦୟ ନୟନେ
ଦୁଃଖେ ଜର୍ଜରିତ କିଆଁ !!
କୁନ୍ତୀ କହନ୍ତି ହେ କୃଷ୍ଣ
ତୁହି ମୋ ଜୀବନ ସାହା ରେଖା
ଦୁଃଖ ମୋ ଭାଗ୍ୟରେ ଲେଖା.......
ଆହେ ଭାବଗ୍ରାହୀ
ପଦ୍ମଲୁଚନ ଶ୍ରୀ ହରି
ତୋହରି ନୀଳା କୁ ତୁହି ଜାଣ
ମୁଁ ସଦା ସମର୍ପଣେ ତୋହରି !!
କୁନ୍ତୀ କହନ୍ତି ହେ କୃଷ୍ଣ
ତୁହି ମୋ ଜୀବନ ସାହା ରେଖା
ଦୁଃଖ ମୋ ଭାଗ୍ୟରେ ଲେଖା.......

+ତେରେସିଂହା, ରିଷିଡା
କଳାହାଣ୍ଡି- ୭୬୬୦୩୧
ମୋ - ୬୩୫୩୩୭୪୫୦୯


## ଏ ମାଟି ଛୁଆଁଇ
### ଶ୍ରୀ ଚନ୍ଦ୍ରଶେଖର ସାହୁ

ଏ ମାଟି ଛୁଆଁଇ କପାଳରେ ଥରେ କେତେଯେ ଭାବନା ଆସେ
ବୀର ଅଛୁ ଆମେ ଦେଶ ଜାତି ପାଇଁ ପରାଣ ଦେବାକୁ ହସେ ।(୦)

ଆମ ସମ କେହି ନାହିଁ ଦୁନିଆରେ ଆମେ କରମର ବୀର
ଯେତେ ବାଧା ଆସୁ ମାଆକୁ ଆମର ରକ୍ଷା କରୁ ବାରମ୍ବାର
ଏ ମାଟିରେ ଆମେ ଲେଖିଅଛୁ ଗାଥା ରହିଅଛି ଇତିହାସେ ।
ଏ ମାଟି ଛୁଆଁଇ କପାଳରେ ଥରେ....(୧)

ଜନମିଲେ ଏଠି ଅମର ହୋଇବା ମରଣକୁ ଭୟ ନାହିଁ
ତ୍ରିରଙ୍ଗା ପତାକା ଉଡୁଅଛି ଦେଖ ଗଉରବ ଗାଥା ଗାଇ
ଉଚ୍ଚ ହିମାଳୟ ସୁଧାମୟୀ ଗଙ୍ଗା ଏଠାରେ ଦେବତା ବାସେ ।
ଏ ମାଟି ଛୁଆଁଇ କପାଳରେ ଥରେ....(୨)

ଏ ମାଟି ଛୁଆଁଇ କପାଳରେ ଥରେ କେତେଯେ ଭାବନା ଆସେ
ବୀର ଅଛୁ ଆମେ ଦେଶ ଜାତି ପାଇଁ ପରାଣ ଦେବାକୁ ହସେ ।(୦)




କସପା, ଅହିୟାସ,
ଯାଜପୁର-୭୫୫୦୩୬
ମୋ- ୭୮୭୩୬୯୩୮୦୭


## ଏମିତି ହୁଅନ୍ତାନି
### ସତ୍ୟବ୍ରତ ଦାସ



ଏମିତି ହୁଅନ୍ତାନି,
ପୁଣି ଆମେ ଫେରିଯା'ନ୍ତେ
ସେଇ ଦୁର୍ଗମ ଅତୀତକୁ
ସେ ପ୍ରେମ ନଈ ଧାରକୁ
ବ୍ରାହ୍ମଣୀର କୋଳକୁ,
ଠିକ୍ ଯେମିତି କିଛି ବର୍ଷ ତଳେ
ହାତରେ ହାତକୁ ଛନ୍ଦି
ନୀରବ ନିସ୍ତବ୍ଧ ହେଇ
ବ୍ରାହ୍ମଣୀ କୂଳ ପଥରରେ ବସି
ଆମେ ହଜି ଯାଉଥିଲେ
କଳ୍ପନାର ରାଇଜରେ

ଆଜି ସେ ସବୁ ଅତୀତ ସ୍ମୃତି କେବଳ,
ତଥାପି କାହିଁକି କେଜାଣି....
ଆଜି ସେ ଅତୀତ ସ୍ମୃତିରେ
ଭିଜିବାକୁ ମନ


ତୁ ଗଲା ପରେ ସହରଟା ମୋର
ଅଚିହ୍ନା ଅଚିହ୍ନା ଲାଗୁଥିଲା
ଏବେ ଏବେ ପୁଣି ଚିହ୍ନା ଚିହ୍ନା ଲାଗେ
ଲାଗୁଛି ତୋ ଆଗମନ ହେଲା

ତୁ ଆସିବୁ କି ଆଉଥରେ

ମୁଁ ତୋ ଅପେକ୍ଷାରେ
ବୁଢ଼ୀ ବ୍ରାହ୍ମଣୀର ତୀରେ
ବୟସର ଅପରାହ୍ନରେ...

ହଁ, ତୁ ଏବେ କୂଳବଧୂ
ତୋ ସ୍ୱପ୍ନର ସହରେ
ଆଉ ମୁଁ ବିଧୂରା ପ୍ରେମିକଟିଏ
ଆଜି ବି ତୋ ପ୍ରେମରେ....


❤ ସୁଭଦ୍ରା କଲୋନୀ, କୋଏଲ
ନଗର, ରାଉରକେଲା
ମୋ: ୯୩୩୭୩୭୬୨୬୪

## ଗୁପ୍ତ ଧନ
### ସୁଭାଷ ଚନ୍ଦ୍ର ପଣ୍ଡା



ପୂର୍ଣ୍ଣତା ଲୋଭରେ ଶୂନ୍ୟତା
ମାଗିଲି ସିନା,
ଶୂନ୍ୟ ପ୍ରାନ୍ତରେ ଅସହାୟ ଲାଗେ
କିଛିର ଅଭାବେ ଅନ୍ତର କାନ୍ଦେ ମନ
ହୁଏ ଆନମନା ।
କାହାର ଅଭାବ ପାରେ ନାହିଁ ଜାଣି
କାହାକୁ ଖୋଜୁଛି ମନ,
ସବୁ ପ୍ରାପ୍ତି ପରେ ଅଶାନ୍ତ ହୃଦୟ
ଜାଣି ପାରେନା ମୁଁ
କେଉଁଠି ଲୁଚିଛି ଜୀବନର ଗୁପ୍ତ ଧନ ।
ଗତିଶୀଳ ଏହି ସମୟର ସ୍ରୋତ
ଅବିରତ ଯାଏ ବହି,
ସଙ୍ଗେ ନେଇ ଯାଏ ସୁଖ ଦୁଃଖ ଆଉ
ମାନ ଅଭିମାନ, ଏଇତ ଜୀବନ ନଈ ।
ସୃଷ୍ଟି ଏଇଠି ପ୍ରଳୟ ଖୋଜୁଛି
ଜୀବନ ଖୋଜେ ମରଣ,
କ୍ଳାନ୍ତ ଆଲୋକ ହାଇମାରେ ସିନା
ନୀରବେ ଦେଖୁଛି ଅନ୍ଧକାରର ସ୍ୱପ୍ନ ।
ନିଃଶ୍ୱାସ ଥରେ ମୃତ୍ୟୁ ଭୟରେ
ଖୋଜେ ପ୍ରଶ୍ୱାସର ଛାୟା,
ବିଶ୍ୱାସ ଖୋଜୁଛି ଆଶ୍ୱାସ ଆହା
ବାସ୍ତବତା ଖୋଜେ ମାୟା ।
ପ୍ରବୃତ୍ତି ଆଉ ନିବୃତ୍ତି ଭିତରେ
ବହୁଛି ଜୀବନ ନଈ,
ସୁଖ ଖୋଜୁଅଛି ଦୁଃଖର ସଂଳାପ
ପ୍ରାଣାୟମ ଖୋଜେ
ପ୍ରତ୍ୟାହାରର ଛାଇ ..।


❤ (ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ)
ଗହଗା ନରସିଂହପୁର,
କେନ୍ଦ୍ରାପଡ଼ା, ଓଡ଼ିଶା


## କବିତା ଗୋ ତୁମେ
### ରାଖାଲ ଚନ୍ଦ୍ର ସ୍ୱାଇଁ



କବିତା ଗୋ ତୁମେ
ଭୋକିଲା ପେଟର,
ଅକୁହା ବେଦନା ସ୍ୱର ।

ଜୀଅନ୍ତା ଶବର ପଟୁଆରେ ସାଜ
ଶାଣିତ ଖଡ୍ଗ ଧାର ।

କବିତା ଗୋ ସାଜ ରଣ ଦୁନ୍ଦୁଭି,
କଙ୍କାଳ ଆଖିରେ ବହ୍ନି ।
ବିଦ୍ରୋହୀ ଓଠରେ ପଞ୍ଚଜନ୍ୟ ତୁମେ,
ବିପ୍ଳବର ପ୍ରତିଧ୍ୱନି ।

କବିତା ଗୋ ତୁମେ ଜାଗ୍ରତ କର,
ସୁପ୍ତ ସିଂହର ବଳ
ଛିଡେ ଶୃଙ୍ଖଳ ଜାଗେ ଦୁର୍ବଳ,
ନାଚେ କଙ୍କାଳ ଦଳ ।

କବିତା ଗୋ ତୁମେ କ୍ରୌଞ୍ଚ ଯୁଗଳ,
ବେଦନାର ଭାବାବେଗ
ଗୀତା ଗୁରୁ ଗ୍ରନ୍ଥ ପରମାତ୍ମା ତତ୍ତ୍ୱ,
ଭଗବତ୍ ପ୍ରାପ୍ତି ମାର୍ଗ ।

କେବେ ସାଜ ଶିଶୁ ସରଳ କଣ୍ଠରେ,
ଧୋଅ ରେ ବାଇଆ ଧୋଅ
କେବେ ବି ଜଗାଅ ଦେଶଭକ୍ତ ପ୍ରାଣେ,
ସହିଦ୍ ହେବାର ମୋହ ।

କବିତା ଗୋ ତୁମେ ଶାନ୍ତି କପୋତ,
ସ୍ନେହ ପ୍ରେମ ବାର୍ତ୍ତାବହ
କବି କଳ୍ପନାର ଉଚ୍ଛୁଳା ରାଗିଣୀ,
ଆବେଗ ଉନ୍ମତ୍ତ ସୁଅ ।

କେବେ ସାଜ ବ୍ରହ୍ମା
କେବେ ସାଜ ବିଷ୍ଣୁ,
କେବେ ସାଜ ଭାବଭୋଳା
କେବେ ସିଞ୍ଚ ସ୍ନେହ ମୃତ୍ୟୁ ସଞ୍ଜିବନୀ,
କେବେ ରଚ ଧ୍ୱଂସ ଲୀଳା ।

କେବେ ଦିଅ ନିଃସ୍ୱ ନିଃସଙ୍ଗ
ଜୀବନେ,
ଏକ୍ ଲା ଚଲୋର ନାରା
କେବେ ଦେଶପ୍ରେମ ବହ୍ନି ଜଳାଇ,
ବାଣ୍ଟି ଚାଲ ଭାଇଚାରା ।

କବିତା ଗୋ ତୁମେ ସୃଜନୀର ଉତ୍ସ,
ସାରସ୍ୱତ ଦିବ୍ୟ ଜ୍ଞାନ
ସମାଜ ହିତରେ କର ସମାହିତ,
ଛୁଇଁ ମୋ କଲମ ମୁନ ।


❤ ଏଡଭୋକେଟ୍, ଭଦ୍ରକ
ମୋ:୯୩୩୭୬୨୩୬୮୫ ।


## ହାତରେଖା... !
### ଉମ୍ବରୁଧର ବେହେରା



ହାରିଛ କ'ଣ ... ?
ପାଇବ ତୁମେ
ହାତରେ କେବଳ ରେଖା ହିଁ ରେଖା
ନ ମିଳେ କେବେ ଦେଖା
ନ ଥିବ ଯଦି
ତୁମ ହାତରେ ଲେଖା... ।
ହାରିଛ ଯାହା
ପାଇଛ ତାହା
ଯା' ନାହିଁ
ତା' ଆସିବ କାହିଁ... ?
ଆଣିନ କିଛି
ନେବନି କିଛି
ତୁମରି ସହ ମିଶି ମିଶି... ।
ରାତିରେ ଥାଏ
ଆକାଶେ ତାରା
ଦିନ ଆସିଲେ
ନ ଦିଏ ଧରା
ଏଇ ତ ଆମ
ସଂସାର ପରା... ।
ହାରିଛ କ'ଣ
ପାଇବ ତୁମେ
ମିଛି ମିଛିକା
ହାତର ରେଖା
ଯା' ହୋଇନି ଲେଖା... !!


❤ (ଶିକ୍ଷକ)
ନବୋଦୟ ବିଦ୍ୟାଳୟ
ସୁରଳ(ଗଞ୍ଜାମ)


## ଏକଜିଦିଆ ସମୟ
### ବିବୁଲ ମହାକୁର



ଏ ସମୟ ବି ଭାରି ଅଜିବ୍
ଏକାପଣେ ଏକଜିଦିଆ
ବର୍ଷକୁ ଦିନ କରିବାରେ
ଦିନକୁ ବର୍ଷ କରିବାରେ
ଭାରି ଆଗ୍ରହୀ ।
କେବେ ତା ଉପସ୍ଥିତିରେ
ପୁଣି କେବେ ଅନୁପସ୍ଥିତିରେ
ଅନେଇ ଥାଏ ଅମାବାସ୍ୟାରେ
ମେଦିନୀ ସେ ପାର୍ଶ୍ୱ ପୂର୍ଣ୍ଣମୀଇନ୍ଦୁକୁ
ଅନ୍ଧାର ସହ ଗପିଗପି ।
ସତେ ବା ସିଏ ଚାହିଁଦେବ
ମୁଦ୍ରିତ ନୟନରେ
ଆଉ ଜୀବନ ଡେଇଁଯିବ
ଶତାବ୍ଦୀଟିଏ ।
ସ୍ୱତନ୍ତ୍ରତା ପାଇ ମଧ
ବନ୍ଦୀ ହେବାକୁ ଚାହେଁ
କଳାପାଣିରେ
କାହା ସ୍ୱପ୍ନ କାରାଗାରେ
ଅଦୃଶ୍ୟ ସ୍ୱର୍ଶ ଟିକକ ପାଇଁ ।
କେଇବାର ବୁଲି ଆସେ
ଭାନୁମତୀ ଦେଶରୁ
ଅଜାଣତରେ ଜଳିଯିବା ପାଇଁ
ତା ନିଷ୍ପ୍ରଭ ନୟନ ଯୁଗଳରେ ।
ମୃତ୍ୟୁ ସୀମାରେଖା ଡେଇଁ ମଧ
ଜୀବନ ଚାହେଁ
ସତେ ଯେମିତି ସାକ୍ଷୀ ସାଜିବ
କେଉଁ ମହାଭାରତର ।


ଗ୍ରାମ/ପୋଷ୍ଟ - ବୁର୍ଡ଼ା
ଥାନା - ଲୋଇସିଂହା
ଜିଲ୍ଲା - ବଲାଙ୍ଗୀର
ମୋ. ନଂ - ୮୨୪୯୭୦୨୨୫୨


## ମୃତ୍ୟୁର ଦ୍ୱାର ଦେଶରୁ
### ବାଉରିବନ୍ଧୁ ଲେଙ୍କା



ଶୁଭ୍ରୋଜ୍ଜ୍ୱଳ ଦିବସର
ଚଳଚଞ୍ଚଳତା ଭିତରେ
ଜଣା ପଡୁନଥିଲା
କେଉଁଠି ସେ ଲୁଚି ରହିଥିଲା ବୋଲି ।
ରାତ୍ରିର ଘନଘୋର ଅନ୍ଧକାର
ସୃଷ୍ଟି କଲା ଭୟ ଆଉ ଆବେଗର
ବାତାବରଣଟିଏ ।
ମନର ନିଭୃତ କେଉଁ ଏକ କୋଣରୁ
ଅତି ଶୀତଳ ତା'ର ସେ ହସ୍ତ ପଞ୍ଝା
ଧୀରେ ଧୀରେ
ଜାବୁଡି ଧରିବାକୁ ଆରମ୍ଭ କଲେ
ମୋର ପ୍ରାଣସତ୍ତାରୁ କିଛି ?
ହଠାତ୍ କଣ କିଛି ଘଟିଯିବ କି ଆଉ ?
ତାହେଲେ ତ ମୃତ୍ୟୁକୁ ଦେଖିହେବ
ସେ କିପରି ଆସେ ଆଉ
ହୃଦୟର ସେ କୋରଡ ଭିତରୁ
ଜୀବନଟାକୁ ଝାମ୍ପିନେଇ କିପରି
ନିମିଷେକରେ ଅନ୍ତର୍ଦ୍ଧାନ ହୋଇଯାଏ ।
ଓଃ ଏହି ତାହେଲେ ସେ ମହାମାରୀ
ଆଜି ତାକୁ ଦେଖିବାର ସୁଯୋଗ
ଆସିଛି ?

ନା ତାକୁ ମୁଁ ଦେଖି ପାରିଲିନାହିଁ ।
ତା ସହିତ ମୋତେ ଭେଟ
କରେଇ ଦିଆଗଲାନାହିଁ ।
ମୋ ଓ ତା ମଧ୍ୟରେ
ଅନେକ ପ୍ରତିବନ୍ଧକ ରଖିଦିଆଗଲା ।
ଆଉ ସେ ସବୁ ଭିତରେ ଥିଲା
ଅମ୍ଳଜାନ ସିଲିଣ୍ଡରଟିଏ ।
ସେଇ ସିଲିଣ୍ଡର୍ ଭିତରୁ
ମୁଁ ଜୀବନକୁ ସାଉଁଟୁଥିଲି
ଆଉ ମଝିରେ ମଝିରେ ଚାହିଁ
ଦେଖୁଥିଲି
କେତେ ଦୂରରେ ସେ ମୋ ଠାରୁ,
ଛକି ବସିଛି ତାର ଅତି ପ୍ରିୟ 'ମୋ
ଜୀବନ ଫରୁଆଟାକୁ' ଝାମ୍ପିନେଇ
ଚାଲିଯିବ ବୋଲି ?


+ ଦି ପର୍ଲ ରେସିଡେନ୍ସି,
ଦୁର୍ଗାମାଧବ ନଗର
ଭୁବନେଶ୍ୱର,
ମୋ: ୯୮୫୩୫୩୫୮୪୪


## ଚିଠି
### ପ୍ରଶାନ୍ତ କୁମାର ନାଥ



ମୁଁ ସେତେବେଳେ ନୂଆ ନୂଆ
ଲେଖୁଥାଏ, ଲେଖୁଥାଏ କମ୍
କିନ୍ତୁ ପଢୁଥାଏ ବେଶି ।
ତଥାପି ମୋ ପାଖକୁ ଆସୁଥିଲା
ଅନେକ ଚିଠି
ଆଉ ପ୍ରତିଟି ଚିଠି
ହୃଦୟକୁ ଛୁଉଁଥିଲା ହସିହସି ।

ମୁଁ ମଧ୍ୟ ଚିଠି ଲେଖିଛି ଅନେକ
କେତେବେଳେ ଲେଖକମାନଙ୍କ
ପାଖକୁ ତ କେତେବେଳେ
ପ୍ରକାଶକମାନଙ୍କ ପାଖକୁ
ଭଲ ଲାଗିଲେ କାହାର ଲେଖା
ହେଲେ ଆଜିକାହିଁ ନାହିଁ ଜମା
ସେଇ ଚିଠିର ଦେଖା ।

ଏବେ ଅନେକ ଲେଖୁଛି
ଅନେକ ଲେଖା ପ୍ରକାଶିତ ହେଉଛି
ଶହଶହ ଫୋନ୍‌କଲ୍ ଆସୁଛି
ଅନେକ ମେସେଜ୍ ଆସୁଛି
ହେଲେ ମୁଁ ଆଜି ଅନୁଭବ କରୁଛି
ସେହି ଶହଶହ କଲ୍ ଆଉ
ମେସେଜଠାରୁ
ଗୋଟାଏ ଚିଠିହିଁ ବେଶି
ଖୁସି ଦେଉଥିଲା ।

ଚିଠିର ପ୍ରତିଟି ଅକ୍ଷର
ମନରେ ନୂଆ ଉନ୍ମାଦନା
ଭରି ଦେଉଥିଲା ।
ଥରେ ନୁହେଁ ଅନେକଥର
ପଢିବାକୁବାଧ କରୁଥିଲା ।


❤ ସୁନ୍ଦରପୁର, ଉତ୍ତରକୂଳହାଟ୍,
ପ୍ରୀତିପୁର, ଯାଜପୁର
ମୋ-୦୮୮୯୨୩୦୧୧୪୩


## ଚେରରେ ରକ୍ତ
### ଗଜାନନ ମିଶ୍ର

ଚେରରେ ରକ୍ତ,
ଏତେବେଳେ ଝଲମଲଉଛି
ରଙ୍ଗ ପଡିଆ ସକାଳର ଖରାରେ ।

ଘୂର୍ଣ୍ଣିଝଡ ଚାରିଆଡେ,
ମିଛି ମିଛିକା ଖେଳ
ଜମୁଛି ପବନରେ ।

ରହିଛି କିଏ କେଉଁଠାରେ ?
ପୁଣି ପୁଣି ହେଉଛି ପଚରା
ଘଟିଥିଲା କି କଣ କେତେବେଳେ !


❤ ତପୋବନ, ଟିଟିଲାଗଡ


## ପ୍ରେୟସୀ ମୋ' ଋତୁପ୍ରିୟା
### ବିନୟ କୁମାର ସାମଲ

ତୁମେ ବୈଶାଖର ମନ ସାହାରାରେ
ନିରିଜନ ମରୁ ଉଦ୍ୟାନ ଝର,
ତୃଷିତ ପରାଣେ ତୃଷା ନିବାରଣେ
ଅମୃତ ପରାୟେ ଶୀତଳନୀର ।

ତୁମେ ଶ୍ରାବଣର ରୂପସୀ ନାୟିକା
ନୀଳ ମେଘେ ଖେଳ ଚପଳା ପରି,
ମନ ଉପବନେ ଉଭା ପ୍ରତିକ୍ଷଣେ
ଶୃଙ୍ଗାର ଦିଅ ମୋ ଜୀବନେ ଭରି ।

ମୋ ମନ ଆକାଶେ ଶରଦର ଶଶୀ
ବିମଳ ଜୋଛନା ଦେଉଛ ବୁଣି,
କାହା ଇସାରାରେ ଚପଳ ଛନ୍ଦରେ
ସପନ ରାଇଜେ ନେଉଛ ଟାଣି ।

ତୁମେ ହେମନ୍ତର କଅଁଳ ଖରାରେ
ବିରୁଚି ଶିଶିର ମୁକୁତା ବିନ୍ଦୁ,
ବିନ୍ଦୁ ପରେ ଅନୁରାଗ ପ୍ରତିବିମ୍ବ
ସତେକି ଉଦିତ ପୂର୍ଣ୍ଣିମା ଇନ୍ଦୁ ।

ଶୀତ ସକାଳର ସୁନେଲି କିରଣେ
ସୁନାର ଲହରୀ ସୋରିଷ କ୍ଷେତେ,
ବୁଣିଦେଇ ଲକ୍ଷେ ସୁନାର ମୁରୁଜ
ହଜିଯାଅ ପ୍ରଜାପତିଙ୍କ ସାଥେ ।

ମଧୁଝରା ବସନ୍ତରେ ଆସ ଝରି
କୃଷ୍ଣଚୂଡ଼ା ରଙ୍ଗ ଜୀବନେ ଭରି
ତୁମକଣ୍ଠେ ପୁଣି ପିକ ମିଠା ସୁର
ସକଳ ବେଦନା ନେଉଛ ହରି


❤ (ଅବସର ପ୍ରାପ୍ତ ଶିକ୍ଷକ)
ଗ୍ରାମ/ପୋ-ବେଡାପଡ଼ା
ଜିଲ୍ଲା-ଢେଙ୍କାନାଳ-୭୫୯୦୧୯
ମୋ:୯୩୩୭୨୪୯୦୬୮



## ଅବଶୋଷ୍
### ଆଦ୍ୟାଶା ମହାପାତ୍ର

ଏଠାରେ ଅଛନ୍ତି
ଦସ୍ୟୁ ଲମ୍ପଟ ଆତତାୟୀ
ଅଛନ୍ତି ବି
ଚିତା ଚୈତନ୍ୟ ଧାରୀ
ଛଦ୍ମବେଶୀ ସଇତାନ
ଅଛି ବି ପୁରୋହିତଙ୍କ ମନ୍ତ୍ରଧ୍ୱନି
ଶୂନ୍ୟ ରୁ ଆଚମନ ହେଉଥିବା
ବିଭୂତି
ଏଠାରେ ଅଠା କାଠିରେ ପଡିଛି
ଶିଶୁକନ୍ୟା ବଞ୍ଚିରହିବାର ନୀତି

ଏବେ ତୁମେ
କେଉଁଠି ସ୍ଥାପନ କରିବ
ତୁମ କମକୁଟ ସ୍ୱପ୍ନକୁ
ଯଜ୍ଞ ଆହୂତି ଅର୍ପି
କାହାକୁ ଆବାହନ କରିବ ?
ରାତିର ଅନ୍ଧାର ବି ବନ୍ଦୀ
ଅଦୃଶ୍ୟ ମାୟାଜାଲରେ
ତୁମେ ଏବେ କେଉଁଠି ଫିଙ୍ଗିବ
ତୁମର ଦୀର୍ଘଶ୍ୱାସ କୁ... !!!


+ ନୂଆପଡା, କଟକ


## ଭୁଲ
### ବର୍ଷାରାଣୀ ମହାମଲ୍ଲିକ





କେତେ ଭୁଲ କେତେ ଭଲ
କରିଚାଲେ ଏ ଜୀବନ
ହୋଇଯାଏ କିଛି ଅଜାଣତ ରେ ଭୁଲ
ଆଉ କିଛି ହୋଇଯାଏ ଜାଣତ ରେ...
ଜାଣତ ରେ କଣ ଯେ ?
ଜାଣି ଜାଣି କରିବାକୁ ହୁଏ
ଏଇ ଯେମିତି କାହାର ଜୀବନ ବଞ୍ଚାଇବାକୁ ଯାଇ
ମିଛ କହିବା ଭୁଲ ନୁହେ, ନୂହେଁ ବି ପାପ ।
ଭୁଲ ବେଳେବେଳେ ଭୁଲ୍ ହୋଇ ନ ଥାଏ ଜମା ବି
ଭୁଲ କୁ ଭଲ କରିବାକୁ ହୁଏ...
ସେ ଯାହା ହେଉ ଭୁଲ୍ କିନ୍ତୁ ଭୁଲ୍
ଦୁନିଆ ଆଗରେ, ଆଗରେ ମଧ ଜନସମାଜ ର ।
ଭୁଲ କଣ ଖୁସି ରେ କରିହୁଏ
ଭୁଲ୍ ଟା ତ ହୋଇଯାଏ ପରିସ୍ଥିତି ରେ
କିଛି ଚାପରେ, କିଛି କାରଣ ଆଉ କିଛି ସମ୍ଭାବନା ରେ ।
ଭୁଲ ହୋଇଯାଏ କିଛି ଦ୍ୱନ୍ଦ, କିଛି ଉଦ୍ଦେଶ୍ୟ, କିଛି
ଗୋଟେ ହେବାର ହେବାର ହେଉଥିବା ଆଶାରେ....
ଭୁଲ ପରେ କ୍ଷମା ର ଆଶା କରାଯାଇପାରେ କେଉଁ
ଦୟାଳୁ ଲୋକ ପାଖରୁ...
ହୁଏତ କିଛିଟା ସହାନୁଭୂତି ଦେଖାଇପାରେ,
ଭୁଲ କରିଥିବା ମଣିଷ ର ଅବସ୍ଥା ଦେଖି
କିନ୍ତୁ ସଭିଏଁ ଦେଇପାରନ୍ତି ନି କ୍ଷମା,
ନ ଥାନ୍ତି ସମସ୍ତେ ଗୋଟିଏ ପ୍ରକାର ର..
ଭୁଲ ସେମିତି ବି ଦିଏ ପରବର୍ତ୍ତୀ ମୁହୂର୍ତ୍ତ ରେ
କେତେ ଯନ୍ତ୍ରଣା,
ଏ ଯନ୍ତ୍ରଣା ପାଇବା ଠୁଁ ଭଲ
ଭୁଲ ନ କରିବା ଶ୍ରେୟସ୍କର,
ଅତୀତ ର ଭୁଲ ସବୁ କୁ ଭୁଲି
ବର୍ତ୍ତମାନ ଭଲ ହେବାକୁ ପଡ଼ିବ
ଜୀବନ କୁ ଆଉ ନ କରିକି ତିଲତିଳ ।


ବର୍ଷାରାଣୀ ମହାମଲ୍ଲିକ
ଜିଲ୍ଲା :ବରଗଡ଼
ଫୋନ :-୮୨୬୦୬୫୯୩୩୨ମାଗୁଛି


## ତୁମେ ଗଲା ପରେ
### ତପନ ସାହୁ



ଶେଷରେ ତୁମକୁ ବି
ଛାଡ଼ି ଯିବାର ଥିଲା ?
କିଛି କ୍ଷଣ ଆଗରୁ ତ
ସବୁ କିଛି ଠିକ୍ ଠାକ୍ ଥିଲା
ମୁଁ ବି ହସୁଥିଲି ଆଉ ତମେ ବି...
ରାଗ,ରୁଷା,ଅଭିମାନ ତ' ସମ୍ପର୍କର
ରଙ୍ଗକୁ ଗାଢ଼ କରେ
ଆମ ସଂପର୍କ ବି ଖୁବ୍ ରଙ୍ଗୀନ ଥିଲା
କିଛି ମୁହୂର୍ତ୍ତ ଆଗରୁ...

ତୁମେ କୋଳ ପାତି ଦେଉଥିଲ
ଆଉ ମୁଁ ମୁଣ୍ଡ ରଖି ଶୋଇ ଯାଉଥିଲି
ତୁମ କୋଳରେ
ଓଃ... କି ଆନନ୍ଦ
ତୁମ ହାତ ସ୍ୱର୍ଶ ମୋ ମୁଣ୍ଡ ଉପରେ
ଗାଢ଼ ନିଦ୍ରା ଆଖିକୁ ଚୁମି ଯାଉଥିଲା

ତୁମେ ଜହ୍ନ ଦେଖୁ ଥାଅ
ଆଉ ମୁଁ ତୁମକୁ ଜହ୍ନ ଭାବି ଦେଖୁଥାଏ
ତୁମେ ତାରା ଗଣୁ ଥାଅ
ଆଉ ତୁମ ଦୁଇ ଆଖି ତାରା ପରି ଝଲସୁ
ଥାଏ
ତୁମେ ଫୁଲ କୁ ଚୁମୁ ଥାଅ
ଆଉ ମୁଁ ତୁମ ଓଠକୁ ଫୁଲ ଭାବି

ଭୁଲ୍ ଥିଲା ଜଦି ଭୁଲେଇ ଦେଲନି
ତୁମେ ତ କହିଥିଲ
ଜମାରୁ ରାଗିବିନି ତୁମ ଉପରେ
ତଥାପି ରାଗିଗଲ ବୋଧେ !
ରାଗି ଥିଲେ ବି ସହି ଯାଇ ଥାଆନ୍ତି
ସତ କହୁଛି ତୁମ ବିନା
ସବୁ ପିତା ଲାଗେ
ଏ ଜୀବନ...
ଏ ନିଃଶ୍ୱାସ...
ଏ ବଞ୍ଚିରହିବା ସବୁ ପିତା ମୋ ପାଇଁ

କିଛି କ୍ଷଣ ଆଗରୁ
ଫୁଲ ଥିଲା ଫଗୁଣ ବି
ମେଘ ଥିଲା ମୟୂର ବି
ଈଶ୍ୱର ଥିଲେ ବିଶ୍ୱାସ ବି

ହଠାତ୍ ତୁମେ
ଉଭାନ୍ ହୋଇଗଲା ପରେ
ଫୁଲରୁ ବାସ୍ନା
ଜହ୍ନରୁ ଶୀତଳତା
ଓ ଏ ବାଟୋଇର ଠିକଣା
ସବୁ ହଜିଗଲା
ହଁ, ସବୁ ହଜିଗଲା ଆପଣା ଛାଏଁ...


❤ ବେଲଗାଁ, ମ.ରାମପୁର
କଳାହାଣ୍ଡି,
ମୋ: ୯୦୧୯୩୧୧୮୬୮

# ଟିୟୁଏସିସି ପକ୍ଷରୁ ବିଶ୍ୱ ଶ୍ରମିକ ଦିବସ ପ୍ରସ୍ତୁତି




ବାଲେଶ୍ୱର, ୨୪/୦୪ (ନି.ପ୍ର): ବାଲେଶ୍ୱରର ଶ୍ରମିକ-କର୍ମଚାରୀ ସଂଘଙ୍କ ମିଳିତ ମଞ୍ଚ 'ଟିୟୁଏସିସି' ପକ୍ଷରୁ ଆସନ୍ତା ମଇ ପହିଲା ବିଶ୍ୱ ଶ୍ରମିକ ଦିବସ ପାଳନ ସମ୍ପର୍କିତ ଏକ ପ୍ରସ୍ତୁତି ବୈଠକ ଉଠା ଜଳସେଚନ କର୍ମଚାରୀ ଭବନରେ ଅନୁଷ୍ଠିତ ହୋଇଯାଇଛି । ଟିୟୁଏସିସିର ଅଧ୍ୟକ୍ଷ ତଥା ପୂର୍ବତନ ବିଧାୟକ ପ୍ରଦୀପ୍ତ ପଣ୍ଡା ଏହି ବୈଠକରେ ସଭାପତିତ୍ୱ କରିଥିଲେ । ସାଧାରଣ ସଂପାଦକ ଗୌରାଙ୍ଗ ପାଣିଗ୍ରାହୀ ଚଳିତବର୍ଷ ଶ୍ରମିକ ଦିବସ ପାଳନର ରୂପରେଖ ସମ୍ପର୍କରେ ସୂଚନା ଦେଇଥିଲେ । ସ୍ୱାଧୀନ ଭାରତରେ ଶ୍ରମିକ ଶ୍ରେଣୀ ହାସଲ କରିଆସୁଥିବା ସୁବିଧା ସୁଯୋଗ ପ୍ରତ୍ୟାହାର ପାଇଁ କେନ୍ଦ୍ର ସରକାର ପ୍ରଣୟନ କରିଥିବା ଆଇନକୁ ରାଜ୍ୟ ସରକାରମାନେ କାର୍ଯ୍ୟକାରୀ କରିବାକୁ ଉଦ୍ୟମ କରୁଛନ୍ତି । ତେଣୁ ଚଳିତ ବର୍ଷ ମଇ ପହିଲାରେ ଶ୍ରମିକମାନେ ଅଧିକ ସଂଗଠିତ ହୋଇ କେନ୍ଦ୍ର ସରକାରଙ୍କର ଅଗଣତାନ୍ତ୍ରିକ ନିଷ୍ପତ୍ତିକୁ ପ୍ରତିବାଦ କରିବା ଅତ୍ୟନ୍ତ ଜରୁରୀ ବୋଲି ସାଥୀ ପାଣିଗ୍ରାହୀ ଆହ୍ୱାନ ଦେଇଥିଲେ । କେନ୍ଦ୍ର ଓ ରାଜ୍ୟ କର୍ମଚାରୀ ସଂଗଠନଙ୍କ ସମେତ ବିଭିନ୍ନ କଳକାରଖାନା ଓ ବ୍ୟବସାୟ ପ୍ରତିଷ୍ଠାନ ଶ୍ରମିକ ସଂଘର ପ୍ରତିନିଧିମାନେ ଆସନ୍ତା ମଇ ଦିବସର ସଫଳତା ପାଇଁ ବିଭିନ୍ନ ପ୍ରସ୍ତାବ ଆଗତ କରିଥିଲେ । ଚଳିତବର୍ଷ ଏପ୍ରିଲ୍ ୩୦ ତାରିଖ ସନ୍ଧ୍ୟାରେ ସହରରେ ମଶାଲ ଶୋଭାଯାତ୍ରା, ମଇ ପହିଲା ଦିନ ସକାଳେ ଲାଲ୍ ପତାକା ଉତ୍ତୋଳନ ଓ ଅପରାହ୍ନରେ ରେଳଷ୍ଟେସନରୁ ଶୋଭାଯାତ୍ରା ସହର ପରିକ୍ରମା କରିବା ପରେ ସନ୍ଧ୍ୟାରେ ସ୍ଥାନୀୟ ଗାନ୍ଧିସ୍ମୃତି ଭବନ ସମ୍ମୁଖରେ ଶ୍ରମିକ ସମାବେଶ ଅନୁଷ୍ଠିତ ହେବ । ଚଳିତ ବର୍ଷ 'ମଇ ଦିବସ ପାଳନ କମିଟି'ର ସଂପାଦକ ଭାବେ ସାଥୀ ରବିନାରାୟଣ ମିଶ୍ର ଓ କୋଷାଧ୍ୟକ୍ଷ ଭାବେ ସାଥୀ ଶ୍ୟାମସୁନ୍ଦର ଜେନାଙ୍କୁ ଏହି ଅବସରରେ ମନୋନୀତ କରାଯାଇଥିଲା । ବୈଠକ ଆରମ୍ଭରେ ସମାଜବାଦୀ ରାଷ୍ଟ୍ର ଗଠନର ମହାନାୟକ ଭ୍ଲାଦିମିର ଲେନିନ୍‌ଙ୍କ ୧୫୩ତମ ଜୟନ୍ତୀ ଅବସରରେ ତାଙ୍କ ଫଟୋଚିତ୍ରରେ ପୁଷ୍ପ ଅର୍ପଣ ସହ ତାଙ୍କ ଦର୍ଶନ ସମ୍ପର୍କରେ ଉପସ୍ଥିତ ଶ୍ରମିକ ନେତାମାନେ ଆଲୋକପାତ କରିଥିଲେ । ସାଥୀ ଶିଶିର ହୁଇ, ଜଗଦୀଶ ବାରିକ, ରାଜକିଶୋର ଲେଙ୍କା, ଶ୍ୟାମସୁନ୍ଦର ଜେନା, ଜଗଦୀଶ ବେହେରା, ପ୍ରେମରଂଜନ ପାତ୍ର, ସୁବ୍ରତ ପଣ୍ଡା, ସେକ୍ ସଲ୍ଲାଉଦ୍ଦିନ୍, ହରେକୃଷ୍ଣ ବିନ୍ଧାଣୀ, ଶରତ ଚନ୍ଦ୍ର ଦଳାଇ, ସର୍ବେଶ୍ୱର ମିଶ୍ର, କାର୍ତ୍ତିକ ଚନ୍ଦ୍ର ଦାସ, ପ୍ରଶାନ୍ତ କୁମାର ଦାସ, ବନ୍ଦନା ପାତ୍ର, ରାଜେନ୍ଦ୍ର ମଲ୍ଲିକ, ପ୍ରତାପ ଚନ୍ଦ୍ର ନାୟକ, ଷ୍ଟାଲିନ୍ ମିଶ୍ର ଓ ତପନ ସିଟ୍ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଜୀବନବୀମା କର୍ମଚାରୀ ନେତା ଶ୍ୟାମସୁନ୍ଦର ଜେନା ଧନ୍ୟବାଦ ଦେଇଥିଲେ ।

# ବାଲେଶ୍ୱରର ୮ ଟି ଜଗନ୍ନାଥ ମନ୍ଦିରରୁ ପଟିଦିଅଁ ଅଙ୍କନ ପାଇଁ ଚିତ୍ରକରଙ୍କୁ ସ୍ୱୀକୃତି ପ୍ରଦାନ

♦ଚିତ୍ରକର ଅରୁଣ ବାରିକ, ଭବାନୀ ଶଙ୍କର ନାୟକ ଓ କେଶୁଦାସଙ୍କୁ ସ୍ୱୀକୃତି ପ୍ରଦାନ

♦ନୋସିରେ ମଇ ୩୦ରୁ ପଟିଦିଅଁ ଅଙ୍କନ ଉତ୍ସବ ଓ ଜୁନ ୪ରେ ପଟିଦିଅଁ ବିଜେ



ବାଲେଶ୍ୱର, ୨୪/୦୪ (ନି.ପ୍ର): ବିଗତ ବର୍ଷ ପରି ଚଳିତ ବର୍ଷ ପବିତ୍ର ଅକ୍ଷୟ ତୃତୀୟା ଅବସରରେ ବାଲେଶ୍ୱରର ୮ଟି ଜଗନ୍ନାଥ ମନ୍ଦିରରୁ ପଟିଦିଅଁ ଅଙ୍କନ ପାଇଁ ଚିତ୍ରକର ତିନିଜଣ ସ୍ୱୀକୃତି ପ୍ରଦାନ କରାଯାଇଛି । ଚଳିତ ବର୍ଷ ଅନନ୍ତ ନାରାୟଣ (ବଳଭଦ୍ର) ଅରୁଣ ବାରିକ, ମାଆ ଭୁବନେଶ୍ୱରୀ (ସୁଭଦ୍ରା) ଭବାନୀ ଶଙ୍କର ନାୟକ ଓ ଅନନ୍ତ ବାସୁଦେବ (ଜଗନ୍ନାଥ) କେଶୁଦାସ ନୀଳଗିରି, ଶାସଙ୍ଗ, ଜୟଦେବ କସବା, ରେମୁଣା, ଗଣେଶ୍ୱରପୁର, ଦୁବଲାଗଡି ଓ ମଛଡିହା ପ୍ରମୁଖ ଜଗନ୍ନାଥ ମନ୍ଦିରରୁ ଯଥାବିଧି ସ୍ୱୀକୃତି ଗ୍ରହଣ କରିଛନ୍ତି । ନୋସି କଲଚ୍ୟୁରାଲ ଏକାଡେମୀ ଓ ବାଲେଶ୍ୱରୀ କଳା କେନ୍ଦ୍ର ଦ୍ୱାରା ଆୟୋଜିତ ୯ମ ପଟିଦିଅଁ ଅଙ୍କନ ଉତ୍ସବ ଓ ୨ୟ ବାଲେଶ୍ୱରୀ ଚଢେଇୟା ନାଟ ପ୍ରତିଯୋଗିତା ମଇ ୩୦ ତାରିଖରୁ ଜୁନ ୪ ତାରିଖ ପର୍ଯ୍ୟନ୍ତ ନୋସି ବିଜିନେସ ପାର୍କର ଉତ୍କଳା ମୁକ୍ତମଞ୍ଚରେ ଅନୁଷ୍ଠିତ ହେବାକୁ ଥିବା ବେଳେ ୪ ଜୁନରେ ସନ୍ଧ୍ୟାରେ ଜଗନ୍ନାଥ ମନ୍ଦିର ମାନଙ୍କୁ ପଟିଦିଅଁ ବିଜେ କରିବେ । ଚିତ୍ରକର ସ୍ୱୀକୃତି କାର୍ଯ୍ୟକ୍ରମରେ ସବୁ ଜଗନ୍ନାଥ ମନ୍ଦିର କମିଟିର କର୍ମକର୍ତ୍ତା, ପୂଜକ ସହ ଦେବାଶିଷ ପତି, ଦୀନକୃଷ୍ଣ ଧଳ, ବିକାଶ ଦାସ, ପ୍ରଭାସ ଦାସ, ଜୀବନ ଶତପଥୀ, ଶ୍ରୀବ୍ରହ୍ମା ସରୋଜ ନନ୍ଦ, ଶ୍ରୀବ୍ରହ୍ମା ପୁଣ୍ୟଶ୍ଲୋକ ନନ୍ଦ ପ୍ରମୁଖ ସହଯୋଗ କରିଥିଲେ ।

# ଜିଲ୍ଲାସ୍ତରୀୟ ଅକ୍ଷୟ ତୃତୀୟା ଦିବସ ପାଳନ ତଥା ଅକ୍ଷିମୁଠି ଅନୁକୂଳ

ଭଦ୍ରକ, ୨୪/୦୪ (ନି.ପ୍ର): ବନ୍ତ ବ୍ଲକ୍ ଓଡ଼ଙ୍ଗ ଗ୍ରାମ ପଞ୍ଚାୟତର ସରମରା ଗ୍ରାମରେ ଭଦ୍ରକ ଜିଲ୍ଲାସ୍ତରୀୟ ଅକ୍ଷୟ ତୃତୀୟ ଦିବସ ତଥା ଅକ୍ଷିମୁଠି ଅନୁକୁଳ ପର୍ବ ପାଳିତ ହୋଇଯାଇଛି । ଉପଜିଲ୍ଲାପାଳ ମନୋଜ ପାତ୍ର ମୁଖ୍ୟ ଅତିଥି ଭାବେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ଭୂମିପୂଜା ପୂର୍ବକ ଅକ୍ଷିମୁଠି ଅନୁକୁଳ କରି ଉକ୍ତ ଦିବସ ପାଳନ ଉପଲକ୍ଷେ ଆୟୋଜିତ ସାଧାରଣ ସଭାରେ ଯୋଗ ଦେଇଥିଲେ । କୃଷି ଭିତ୍ତିକ ପର୍ବ ଅକ୍ଷୟ ତୃତୀୟା ଓ ପ୍ରତ୍ୟେକ କୃଷକ ପରିବାରର ସାମାଜିକ ପରମ୍ପରା ଅକ୍ଷିମୁଠି ଅନୁକୁଳ ର ଆଭିମୁଖ୍ୟ ପ୍ରକାଶ କରିବା ସହିତ କୃଷକ ହିଁ ଆମ ରାଜ୍ୟ ତଥା ଦେଶର ଆର୍ଥିକ ମେରୁଦଣ୍ଡ ବୋଲି ସେ ବକ୍ତବ୍ୟ ପ୍ରସଙ୍ଗରେ ପ୍ରକାଶ କରିଥିଲେ । ସ୍ୱାଧୀନତା ପୂର୍ବରୁ କୃଷକ ପାଇଁ ଥିବା ଜମି ସମସ୍ୟା କି କୃଷିରେ ଅନଗ୍ରସରତା ଆଜି ଦୂରୀଭୁତ ହୋଇ କୃଷି ଓ କୃଷକ କ୍ଷେତ୍ରରେ ଏକ ବୈପ୍ଳବିକ ପରିବର୍ତ୍ତନ ଆସିଛି । ତଥାପି ଆମ ଦେଶର ଲୋକ ସଂଖ୍ୟା ବୃଦ୍ଧି ଅନୁଯାୟୀ ଆଗାମୀ ଦିନରେ ବି କୃଷିର ଆହୁରି ଉନ୍ନତି ଆବଶ୍ୟକ । କୃଷିର ଉନ୍ନତି ବ୍ୟତିରେକେ ଦେଶର କି ସମାଜର ଉନ୍ନତି ଅସମ୍ଭବ ବୋଲି ସେ କହିଥିଲେ । ଏବେର ସମନ୍ବିତ କୃଷି, ପର୍ଯ୍ୟାୟ ଫସଲ, ଧାଡ଼ି ରୁଆ ଆଦି ପଦ୍ଧତିର ବ୍ୟବହାର କୃଷକ କୁ ଯଥେଷ୍ଟ ସ୍ୱାବଲମ୍ବୀ କରାଇବାରେ ସକ୍ଷମ ହୋଇଛି । ଅଧିକ ରୁ ଅଧିକ ଚାଷୀ ଏହି ସବୁ ପଦ୍ଧତିକୁ ଆପଣେଇଲେ ପରିବାର ସହିତ ସମାଜର ଆର୍ଥିକ ମେରୁଦଣ୍ଡ ସଳଖି ପାରିବ ବୋଲି ପରାମର୍ଶ ପ୍ରଦାନ ଦେଇଥିଲେ । ବନ୍ତ ବ୍ଲକ୍ ପଞ୍ଚାୟତ ସମିତିର ଅଧ୍ୟକ୍ଷ ମନୋରଞ୍ଜନ ଘଡ଼େଇ ଏହି କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ଅତିଥି ଭାବେ ଯୋଗ ଦେଇ କୃଷକ ମାନଙ୍କ ପାଇଁ ସରକାରଙ୍କ ଦ୍ୱାରା ପ୍ରଣୀତ ସମସ୍ତ ଯୋଜନା ବିଷୟରେ ସଚେତନ ହେବା ସହିତ ସେଗୁଡ଼ିକର ସଦୁପଯୋଗ କରିବା ପାଇଁ ସ୍ଥାନୀୟ ଚାଷୀମାନଙ୍କୁ ଆହ୍ୱାନ କରିଥିଲେ । ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ମଳୟ କୁମାର ଦ୍ୱାରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ କୃଷି ବିଭାଗର ସହକାରୀ ନିର୍ଦ୍ଦେଶକ ଶ୍ରୀଧର ଦାସ ପରିଚାଳନା କରିଥିଲେ । ଅନ୍ୟତମ ସମ୍ମାନିତ ଅତିଥି ଭାବେ କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ବରିଷ୍ଠ ବୈଜ୍ଞାନିକ ଡ଼. ଅରବିନ୍ଦ ଦାସ, କୃଷି ଗବେଷକ ଡ଼. ୟୁ.ଏସ୍. ନାୟକ, ସହକାରୀ ମୃତ୍ତିକା ସଂରକ୍ଷଣ ଅଧିକାରୀ ରଶ୍ମିରଞ୍ଜନ ପାତ୍ର, ଅତିରିକ୍ତ ତହସିଲଦାର ବନ୍ତ ବୀନିତା ରାଣୀ କିସ୍କୁ, ଜିଲ୍ଲା ମତ୍ସ୍ୟାଧିକାରୀ ପ୍ରକାଶ କୁମାର ନାୟକ, ଓଡ଼ଙ୍ଗ ସରପଞ୍ଚ ଲକ୍ଷ୍ମୀପ୍ରିୟା ଦାସ, ସମିତି ସଭ୍ୟା ରଜନୀ ଜେନା, ଯୁବ ବି.ଜେ.ଡ଼ି ସଭାପତି ସତ୍ୟ ସୋଧନ ବେଜ୍, ଏ.ଡ଼ି.ଏଚ୍. ବିନୋଦ ଜେନା, ବ୍ଲକ୍ ପ୍ରାଣୀ ଚିକିତ୍ସା ଅଧିକାରୀ ଡ଼ା ନିର୍ମଳ ଚନ୍ଦ୍ର ବାରିକ୍, ସହକାରୀ ଉପନିବନ୍ଧକ ସମବାୟ ସତ୍ୟ ପ୍ରକାଶ ସେଠୀ, ଲୋକ ସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଉଲ୍ଲେଖନୀୟ ସଫଳତା ପାଇଁ କୃଷି, ଉଦ୍ୟାନ କୃଷି, ମତ୍ସ୍ୟ ଚାଷ, ପ୍ରାଣୀ ପାଳନ ଓ ମୃତ୍ତିକା ସଂରକ୍ଷଣ ଏହି ୫ଟି କ୍ଷେତ୍ରରେ ଜଣକୁ ଲେଖାଏଁ ୫ଜଣଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଯଥେଷ୍ଟ ଉତ୍ପାଦନ ବୃଦ୍ଧି ଆଳରେ ଅତ୍ୟଧିକ ରାସାୟନିକ ସାର ଓ କୀଟନାଶକ ବ୍ୟବହାର ଯୋଗୁଁ ଏବେ ମୃତ୍ତିକା, ଫସଲ ଫସଲ ପନିପରିବା ଆଦି ପ୍ରଦୂଷଣ ଯୁକ୍ତ ଓ ବିଷାକ୍ତ ହେବା ଏକ ସମସ୍ୟା ରୂପେ ଦେଖାଦେଇଛି । ଏଥିରୁ ମୁକ୍ତି ପାଇଁ ଆମକୁ ପ୍ରଥମେ ରାସାୟନ ମୁକ୍ତ ହୋଇ ପାରମ୍ପରିକ ଜୈବିକ ଖତ ରୂପେ ଗୋବର ଖତ, ଜିଆଖତ, କମ୍ପୋଷ୍ଟ ଖତ ଆଦିର ବ୍ୟବହାର ସାଙ୍ଗକୁ ନିମ୍ବ ଭଳି ଜୈବିକ କୀଟ ନାଶକ ର ବ୍ୟବହାର ନେଇ ଜ୍ଞାନ କୌଶଳ ଶିଖିବାକୁ ପଡ଼ିବ ବୋଲି ବୈଜ୍ଞାନିକ ଓ ଗବେଷକ ମାନେ ମତ ପ୍ରକାଶ କରିଥିଲେ । ସମ୍ପୃକ୍ତ କୃଷି ବିଭାଗୀୟ ଅଧିକାରୀମାନେ ନିଜ ନିଜ ବିଭାଗର ଯୋଜନା, ସବ୍‌ସିଡ଼ି, ସୁବିଧା ସୁଯୋଗ ସମ୍ବନ୍ଧରେ ଚାଷୀମାନଙ୍କୁ ଅବଗତ କରାଇଥିଲେ । ଆଗରପଡ଼ାର ସହକାରୀ କୃଷି ଅଧିକାରୀ ତୁଷାରକାନ୍ତ ପତି ଏବଂ ଭି.ଏ.ଡ଼ବ୍ଲ୍ୟୁ ଭୀମସେନ୍ ସାମଲ, ମନୋଜ କୁମାର ଜେନା, ବିଦ୍ୟାଧର ସେଠୀ ଓ ରାଜେଶ କୁମାର ପଣ୍ଡା ଏହି କାର୍ଯ୍ୟକ୍ରମ ଆୟୋଜନରେ ଆନୁସଙ୍ଗିକ ସହଯୋଗ କରିଥିଲେ ।

# ଅକ୍ଷୟ ତୃତୀୟାରେ କୃଷି ବିଭାଗ ପକ୍ଷରୁ ଅଖିମୁଠି ଅନୁକୂଳ




ବାଲେଶ୍ୱର, ୨୪/୦୪ (ନି.ପ୍ର): ପବିତ୍ର ଅକ୍ଷୟ ତୃତୀୟା ଅବସରରେ ଜିଲା କୃଷି ବିଭାଗ ପକ୍ଷରୁ ଜିଲ୍ଲାସ୍ତରୀୟ କୃଷକ ଦିବସ ଆଜି ପାଳିତ ହୋଇଯାଇଛି । ଶେରଗଡ଼ସ୍ଥିତ ସରକାରୀ କୃଷି ଫାର୍ମରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ପ୍ରଥମେ ବିଧିପୂର୍ବକ ଭୂମିପୂଜନ ଓ ହଳ ଲଙ୍ଗଳ ପରେ ଜିଲାପାଳ ଦତାତ୍ରୟ ଭାଉସାହେବ ଶିନ୍ଦେ ଆନୁଷ୍ଠାନିକ ଭାବେ ଅଖିମୁଠି ଅନୁକୂଳ କରିଥିଲେ । ଓଡ଼ିଶା ଏକ କୃଷି ପ୍ରଧାନ ରାଜ୍ୟ ହୋଇଥିବା ବେଳେ ଭଗବାନଙ୍କ ଆଶୀର୍ବାଦରୁ ଚଳିତ ବର୍ଷ ଭଲ ବର୍ଷା ହେବା ସାଙ୍ଗକୁ କୃଷି ଉତ୍ପାଦନରେ କୃଷକମାନଙ୍କୁ ସଫଳତା ମିଳୁ ବୋଲି ସେ କାମନା କରିଥିଲେ । ତେବେ ରାଜ୍ୟ ସରକାରଙ୍କ ସ୍ୱତନ୍ତ୍ର କୃଷିନୀତିରେ କୃଷକଙ୍କ ପାଇଁ ଉପଲବ୍ଧ ବିଭିନ୍ନ ଯୋଜନାର ସୁଯୋଗ ନେବାକୁ ଜିଲାପାଳ ଶ୍ରୀ ଶିନ୍ଦେ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ । ଜିଲାମୁଖ୍ୟ କୃଷି ଅଧିକାରୀ ସରୋଜ କୁମାର ମାହାପାତ୍ର ଏଥିରେ ଯୋଗଦେଇ ସାମ୍ପ୍ରତିକ ଓଡ଼ିଶାରେ କୃଷି ଓ କୃଷକର ବିକାଶ ପାଇଁ ସରକାରଙ୍କ ପକ୍ଷରୁ କାର୍ଯ୍ୟକାରୀ ବିଭିନ୍ନ ଯୋଜନା ସମ୍ପର୍କରେ ସୂଚନା ଦେଇଥିଲେ । ତେବେ ବିହନ, ସାର ଓ କୀଟନାଶକ ଔଷଧ ଏମିତିକି ସହଜ କୃଷି ଋଣ ପ୍ରଦାନ କ୍ଷେତ୍ରରେ ସମସ୍ତ ପ୍ରକାର ସରକାରୀ ରିଆତି ମିଳୁଥିବା ବେଳେ ଚଳିତ ବର୍ଷର ଅନୁକୂଳ ପାଣିପାଗ କୃଷକଙ୍କୁ ବେଶ୍ ସହାୟ ହେବ ବୋଲି ଶ୍ରୀ ମହାପାତ୍ର ଆଶା ପ୍ରକାଶ କରିଥିଲେ । ଜିଲା କୃଷି ବିଭାଗର ଅନ୍ୟାନ୍ୟ ଅଧିକାରୀଙ୍କ ସମେତ କୃଷି ବିଶେଷଜ୍ଞ ଏବଂ କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକଙ୍କ ସମେତ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିଭାଗର ଅଧିକାରୀ, ବହୁ ଅଗ୍ରଣୀ ଚାଷୀ ତଥା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ କୃଷି ଉତ୍ପାଦକ ସଂଘର କର୍ମକର୍ତ୍ତାମାନେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ।

## କେନ୍ଦ୍ରମନ୍ତ୍ରୀ ବିଶେଶ୍ୱର ଟୁଡୁଙ୍କୁ ସମ୍ବର୍ଦ୍ଧନା

କେନ୍ଦ୍ରାପଡ଼ା, ୨୪/୦୪ (ନି.ପ୍ର): କେନ୍ଦ୍ର ମନ୍ତ୍ରୀ ବିଶେଶ୍ୱର ଟୁଡୁଙ୍କୁ ସମ୍ବର୍ଦ୍ଧନା ପ୍ରଦା କରାଯାଇଛି । କେନ୍ଦ୍ର ସରକାରଙ୍କର ଜଳଶକ୍ତି ଓ ଆଦିବାସୀ କଲ୍ୟାଣ ମନ୍ତ୍ରୀ ମାନ୍ୟବର ବିଶେଶ୍ୱର ଟୁଡୁ କେନ୍ଦ୍ରାପଡାରେ ପହଁଚିବା ପରେ ତାଙ୍କ ସମ୍ବର୍ଦ୍ଧନା ଦିଆଯାଇ ଏକ ବିରାଟ ଶୋଭାଯାତ୍ରାରେ ଜଝାଙ୍ଗ ସ୍ଥିତ ସର୍କିଟ୍ ହାଉସକୁ ପାଛୋଟି ନିଆଯାଇ ଥିଲା । କୃଷି ଭିତିକ ପର୍ବ ଅକ୍ଷୟ ତୃତୀୟା କାର୍ଯ୍ୟକ୍ରମରେ ଯୋଗ ଦେବାକୁ ଆସିଥିବା ତାଙ୍କୁ ଏହି ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ଶ୍ରୀ ମନ୍ତ୍ରୀ କେନ୍ଦ୍ରାପଡାରେ ଭୂତଳ ଜଳସ୍ତର କାହିଁକି କମୁଛି ସେ ବିଷୟରେ ମଧ ପ୍ରତିକ୍ରିୟା ପ୍ରକାଶ କରିଥିଲେ । ଏହି ସମ୍ବର୍ଦ୍ଧନା ଉତ୍ସବରେ ଜିଲ୍ଲା ସଭାପତି କିଶୋର କୁମାର ପଣ୍ଡା, ସୁନାକର ବେହେରା, ସାଧାରଣ ସଂପାଦକ ଅଭିମନ୍ୟୁ ଗୋଛାୟତ, ବିକ୍ରମ କେଶରୀ ରାଉତରାୟ, ନେହେରୁ ସାହୁ, ପ୍ରସନ୍ନ ନାୟକ, ମହିଳା ମୋର୍ଚ୍ଚା ସଭାନେତ୍ରୀ ପ୍ରିୟଦର୍ଶିନୀ ନନ୍ଦ, ବନ୍ଦନାରାଣୀ ରାଉତରାୟଙ୍କ ସମେତ ବହୁନେତା ଓ କର୍ମୀ ଉପସ୍ଥିତ ଥିଲେ ।

# ସଦର ବ୍ଲକସ୍ତରୀୟ ଅଖିମୁଠି ଅନୁକୂଳ ଓ କୃଷକ ସଚେତନତା



ବାଲେଶ୍ୱର, ୨୪/୦୪ (ନି.ପ୍ର): ପବିତ୍ର ଅକ୍ଷୟ ତୃତୀୟା ଅବସରରେ ସଦର ବ୍ଲକ କୃଷି ବିଭାଗ ପକ୍ଷରୁ ଓଲନ୍ଦା ସାରଗାଁ ପଞ୍ଚାୟତରେ ଅଖିମୁଠି ଅନୁକୂଳ ଓ କୃଷି ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଆୟୋଜିତ ଉତ୍ସବରେ ବ୍ଲକ କୃଷି ଅଧିକାରୀ ତ୍ରିଲୋଚନ ମହାପାତ୍ର ପୌରୋହିତ୍ୟ କରିବା ସହିତ କୃଷି ଓ କୃଷକର ଉନ୍ନତି ପାଇଁ ସରକାରଙ୍କ ପକ୍ଷରୁ କାର୍ଯ୍ୟକାରୀ ବିଭିନ୍ନ ଯୋଜନା ସମ୍ପର୍କରେ ସୂଚନା ଦେଇଥିଲେ । ଓଲନ୍ଦା ସାରଗାଁ ସରପଞ୍ଚ ଆରତୀ ଦାସ, କୃଷି ଓଭରସିୟର ବିଶ୍ୱନାଥ ଦେ, ଭିଏଡବ୍ଲ୍ୟୁ ରାଜୀବ କୁମାର ପାତ୍ର ପ୍ରମୁଖ ଏଥିରେ ଯୋଗଦେଇ ଅକ୍ଷୟ ତୃତୀୟାରେ କୃଷିକାର୍ଯ୍ୟ ଶୁଭାରମ୍ଭର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ । ବିଶେଷ କରି କୃଷକ ଓ କୃଷିର ବିକାଶ ପାଇଁ ସରକାରଙ୍କ ପକ୍ଷରୁ ଉପଲବ୍ଧ ବିଭିନ୍ନ ରିଆତି ଓ ସହାୟତାର ସୁଯୋଗ ନେବାକୁ ସେମାନେ ଉପସ୍ଥିତ ଚାଷୀଙ୍କୁ ପରାମର୍ଶ ଦେଇଥିଲେ । ଏହି ଅବସରରେ ଅଗ୍ରଣୀ ଚାଷୀଙ୍କୁ କୃଷି ବିଭାଗ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା ।ଭିଏଡବ୍ଲ୍ୟୁ ମାନସୀ କର ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ବାଲିମେଳା ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ପରିସରରେ ବୃକ୍ଷ ରୋପଣ


ମାଲକାନଗିରି, ୨୪/୦୪ (ନି.ପ୍ର): ପବିତ୍ର ଅକ୍ଷୟ ତୃତୀୟା ଓ ଜୟଦେବ ଜୟନ୍ତୀ ଅବସରରେ ସ୍ୱେଚ୍ଛାସେବୀ ସଂଗଠନ, ବାଲିମେଳା, ମାଲକାନଗିରି ତରଫରୁ ବାଲିମେଳା ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ପରିସରରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଶୁଭାରମ୍ଭ କରାଯାଇଛି । ଆରୋଗ୍ୟ କେନ୍ଦ୍ର ପରିସରରେ ଥିବା ଏକ ବିରାଟ ଶୂନ୍ୟ ଖୋଲା ପଡିଆକୁ ସବୁଜ ବନାନୀରେ ପରିଣତ କରିବାକୁ ସ୍ୱପ୍ନ ଦେଖିଥିବା ବିଜୟ କୁମାର ପାଢ଼ୀ କିଛି ବଦାନ୍ୟ ବ୍ୟକ୍ତିଙ୍କ ସହଯୋଗରେ ତାର ବାଡ କରାଇ ଏହି ମହତ୍ କାର୍ଯ୍ୟର ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ସର୍ବପ୍ରଥମେ ଡଃ ତାପସ ରଂଜନ ପଣ୍ଡା ନିମ୍ବ ଗଛ ଲଗାଇ ଶୁଭାରମ୍ଭ କରିଥିଲେ । ୫ ନମ୍ବର କାଉନସିଲର ସୁନୀତା ଗୁରୁ,୨ ନମ୍ବର କାଉନସିଲର ସନ୍ତୋଷ କୁମାର ପଣ୍ଡା, ଷ୍ଟାଫ୍ ନର୍ସ ମୀରାରାଣୀ ସେଠୀ, ଅବସରପ୍ରାପ୍ତ ଶିକ୍ଷକ ରମେଶ ଚନ୍ଦ୍ର ସ୍ୱାଇଁ,ବିଜୟ କୁମାର ପାଢ଼ୀ, ଦେବେନ୍ଦ୍ର ଭୋଳ, ଚିତରଞ୍ଜନ ପ୍ରଧାନ,ନଳିନୀ ପଣ୍ଡା,ପ୍ରଧାନଶିକ୍ଷକ ଅଜୟ କୁମାର ନାୟକ, ରାଜ୍ୟ ସମ୍ମାନ ପ୍ରାପ୍ତ ଶିକ୍ଷକ ପ୍ରକୃତି ବନ୍ଧୁ କବି କରୁଣାକର ମଲିକ, ଶିକ୍ଷକ ଅଶ୍ୱିନୀ ମିଶ୍ରି, ଅମରେଶ ବେହେରା, ସତ୍ୟସେନ ଜେନା, ସାମ୍ବାଦିକ ଅରୁଣ କୁମାର ପାତ୍ର ,ସଞ୍ଜିବ୍ ଦୋରା,ଚଗଲା ବିଶ୍ୱାଳ , ବୀର ପୂଜାରୀ, ମୋହନ ବେହେରା, ମନୋଜ କୁମାର ଜେନା,ହର ସୁନା, ତ୍ରିଲୋଚନ ମାଝି ପ୍ରମୁଖ ଶତାଧିକ ଲୋକ ଯୋଗ ଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ । ଆଗାମୀ ଦିନରେ କିପରି ଏହି ଶୂନ୍ୟ ପଡ଼ିଆ ସବୁଜିମାରେ ପରିଣତ ହେବ, ସମସ୍ତଙ୍କ ସହଯୋଗ କାମନା କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଆରୋଗ୍ୟ କେନ୍ଦ୍ରର ଡାକ୍ତର ଡଃ ପଣ୍ଡା ସମ୍ପୂର୍ଣ୍ଣ ସହଯୋଗ କରିଥିଲେ ଓ ଆଗାମୀ ଦିନରେ ସହଯୋଗ କରିବେ ବୋଲି ପ୍ରତିଶୃତି ଦେଇଛନ୍ତି । ଏଭଳି ମହତ୍ କାର୍ଯ୍ୟକ୍ରମକୁ ବାଲିମେଳା ବିଜ୍ଞାପିତ ଅଂଚଳ ପରିଷଦର ଲୋକମାନେ ଭୂୟସୀ ପ୍ରଶଂସା କରିଛନ୍ତି ।

# ପାହାଡ଼ ନିକଟ ଝରରୁ ଜଳଉତ୍ସ କରି ବିଶୁଦ୍ଧ ପାଣି ଯୋଗାଣ

ମାଲକାନଗିରି, ୨୪/୦୪ (ନି.ପ୍ର): ପାହାଡି ଗାଁରେ ଲୋକଙ୍କ ହାତ ପାହାନ୍ତାରେ ପହଂଚିଲାଣି ଝରଣା ପାଣି । ଦଶନ୍ଧି ଦଶନ୍ଧି ଧରି ଲାଗି ରହିଥିବା ଜଳ ସମସ୍ୟାରୁ ମୁକୁଳିଲେ ପାହାଡି ମଣିଷ । ଦିନେ ଯେଉଁଠି ପ୍ରଶାସନର ସବୁ ଚେଷ୍ଟା ଫେଲ ମାରିଥିଲା ଏବେ ପଂଚାୟତ ନିର୍ବାହୀ ଅଧିକାରୀଙ୍କ ଉଦ୍ୟମ କାମ କରିଛି । ଝରରୁ ପାଣି ଆଣି ଗାଁ ଲୋକଙ୍କୁ ଯୋଗାଇ ଦେଉଛନ୍ତି । ମାଥିଲିରୁ ଆସିଛି ଏମିତି ଏକ ଭଲ ଖବର ।

ଖରା ବଢିଲେ ସବୁଆଡେ ଜଳକଷ୍ଟ ବଢ଼େ । ସାରା ରାଜ୍ୟରୁ ପାଣି ସମସ୍ୟା ଖବର ଆସେ । ଏଠି କିନ୍ତୁ ଭିନ୍ନ ଖବର ଆସିଛି । ଜଳ ସମସ୍ୟା ନୁହେଁ, ପାହାଡି ମଣିଷଙ୍କ ଖୁସି ଖବର ଆସିଛି । ଗାଁ ଦାଣ୍ଡରେ ପହଂଚିଛି ପାହାଡି ଝରର ପାଣି । ପଂଚାୟତ ନିର୍ବାହୀ ଅଧିକାରୀଙ୍କ ଉଦ୍ୟମରେ ବିଶୁଦ୍ଧ ପାନୀୟ ଜଳ ପିଉଛନ୍ତି ପାହାଡ ତଳ ଗାଁର ଲୋକେ । ଏ ହେଉଛି, ମାଲକାନଗିରି ଜିଲା ମାଥିଲି ବ୍ଲକ ଅନ୍ତର୍ଗତ ଭଇରକୁଣ୍ଡ ଗାଁର ଚିତ୍ର । ଷ୍ଟାଣ୍ଡପୋଷ୍ଟରୁ ପାଣି ବାହାରୁଛି, ପାଣିକୁ ଦେଖି ସ୍ଥାନୀୟ ଲୋକଙ୍କ ମୁହଁରେ ହସ ଫୁଟିଛି । ଉଦୁଲିବେଡା ପଂଚାୟତ ନିର୍ବାହୀ ଅଧିକାରୀ ଅଶୋକ ମହାରଣାଙ୍କ ଚେଷ୍ଟାରେ ପାହାଡ ନିକଟ ଏକ ଝରରୁ ଜଳଉତ୍ସ ହୋଇଛି । ପାଣିକୁ ଶୁଦ୍ଧ କରି ମୋଟର ମାଧମରେ ଉଠାଇ ଲୋକଙ୍କୁ ଯୋଗାଇ ଦିଆଯାଉଛି । ଆଦିବାସୀ ମଣିଷ ପାଇଁ ଝରରୁ ଜଳ ସଂଗ୍ରହ କରୁଛି ମାଥିଲି ପ୍ରଶାସନ । ଜଳ କୁଣ୍ଡ ନାଁରେ ଯୋଜନା କରି ଉପାନ୍ତ ଅଂଚଳର ଜଳ ସମସ୍ୟାକୁ ସମାଧାନ କରିବାକୁ ଚେଷ୍ଟା କରାଯାଉଛି । ଛୋଟ ବଡ ଝରର ପାଣିକୁ ବିଶୁଦ୍ଧ କରି ଲୋକଙ୍କୁ ଯୋଗାଇ ଦିଆଯାଉଛି । ଫଳରେ ତୁଟିଛି ବର୍ଷ ବର୍ଷର ସମସ୍ୟା । ପାହାଡି ଝରରୁ ପାଣି ସଂଗ୍ରହ କରି ଜଳ ଜନ୍ତ୍ରଣା ଭୋଗୁଥିବା ଭଇରକୁଣ୍ଡର ଗାଁ ଲୋକେ ତୃଷ୍ଣା ମେଂଟାଉଛନ୍ତି ।

# ଜିଲା ପ୍ରଶାସନ ପକ୍ଷରୁ କବି ଜୟଦେବ ଜୟନ୍ତୀ




ବାଲେଶ୍ୱର, ୨୪/୦୪ (ନି.ପ୍ର): ଜିଲା ପ୍ରଶାସନ ପକ୍ଷରୁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପରମ ଭକ୍ତ କବି ଶ୍ରୀଜୟଦେବଙ୍କ ଜୟନ୍ତୀ ଉତ୍ସବ ସ୍ଥାନୀୟ ସଦଭାବନା ସଭାଗୃହରେ ରବିବାର ପାଳିତ ହୋଇଯାଇଛି । ଜିଲାପାଳ ଦତାତ୍ରୟ ଭାଉସାହେବ ଶିନ୍ଦେ ଏଥିରେ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଉତ୍କଳୀୟ ସଂସ୍କୃତିକୁ ଶ୍ରୀଜଗନ୍ନାଥଙ୍କ ପରମ ଭକ୍ତ ଜୟଦେବଙ୍କ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ । କବି ଜୟଦେବଙ୍କ କାବ୍ୟକୃତି ଆଜି ସମଗ୍ର ଦେଶରେ ପ୍ରସିଦ୍ଧି ଅର୍ଜନ କରିପାରିଥିବା ସେ ମତବ୍ୟକ୍ତ କରିଥିଲେ । କବି ପ୍ରଶାନ୍ତ ଦାସ ଏଥିରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ଜୟଦେବଙ୍କ ଦ୍ୱାରା ରଚିତ ତଥା ଅପ୍ରକାଶିତ ବହୁ ତଥ୍ୟ ଉପସ୍ଥାପନ କରିଥିଲେ । କବି ଜୟଦେବଙ୍କ ପ୍ରତିଟି ରଚନାରେ ତାଙ୍କର ଆବେଗ ତଥା ମହାନତା ପ୍ରତିଫଳିତ ହୋଇପାରିଛି ବୋଲି ସେ କହିଥିଲେ । ବରିଷ୍ଠ ସାମ୍ବାଦିକ ତଥା କାବ୍ୟଶିଳ୍ପୀ ସର୍ବେଶ୍ୱର ଦାସ କବିତା ମାଧ୍ୟମରେ ଜୟଦେବଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ ସହ ଜୟଦେବଙ୍କ କୃତି ଓ ଆଦର୍ଶର ପ୍ରଚାର ପ୍ରସାର ଉପରେ ଗୁରୁତ୍ୱାରୋପ କରିଥିଲେ । ଅତିରିକ୍ତ ଜିଲାପାଳ ନୀଲୁ ମହାପାତ୍ର ଏଥିରେ ଅଧ୍ୟକ୍ଷତା କରିଥିଲେ । ପ୍ରାରମ୍ଭରେ କବିଙ୍କ ପ୍ରତିକୃତିରେ ମାଲ୍ୟାର୍ପଣ ପରେ ନୃତ୍ୟ ସଙ୍ଗୀତ କଳା ମନ୍ଦିରର ଛାତ୍ରଛାତ୍ରୀଙ୍କ ଦ୍ୱାରା ଜୟଦେବଙ୍କ ରଚନାରୁ ପ୍ରାରମ୍ଭିକ ସଙ୍ଗୀତ ଗାନ କରାଯାଇଥିଲା । ସଭାକାର୍ଯ୍ୟର ଆରମ୍ଭରେ ଜିଲା ସଂସ୍କୃତି ଅଧିକାରୀ ଜଗନ୍ନାଥ ବେହେରା ସ୍ୱାଗତ ଅଭିଭାଷଣ ସହ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ବିଶ୍ୱନାଥ ଏକାଡେମୀ ପ୍ଲଟିନମ ଜୁବୁଲିରେ ଯୋଗ ଦେବେ ରାଜ୍ୟପାଳ

ଜଳେଶ୍ୱର ୨୪/୪(ନି.ପ୍ର):ବାଲେଶ୍ୱର ଜିଲାର ଅନ୍ୟତମ ପୁରାତନ ହାଇସ୍କୁଲ ଜମାଳପୁରସ୍ଥିତ ବିଶ୍ୱନାଥ ଏକାଡେମୀର ପ୍ଲାଟିନମ ଜୁବୁଲି ଆସନ୍ତା ମେ ୨୪ତାରିଖରେ ହେବାକୁ ଥିବା ବେଳେ ଏଥିରେ ମହାମହିମ ରାଜ୍ୟପାଳ ଯୋଗ ଦେବାକୁ ସ୍ଥିର ହୋଇଛି । ଆଜି ସଂଧ୍ୟାରେ ଜଳେଶ୍ୱର ବିଧାୟକ ତଥା ମନ୍ତ୍ରୀ ଅଶ୍ୱିନୀ ପାତ୍ର ରାଜ ଭବନରେ ରାଜ୍ୟପାଳଙ୍କ ସହ ସାକ୍ଷାତ କରି ତାଙ୍କୁ ନିମନ୍ତ୍ରଣ କରିଛନ୍ତି । ସେ ସେଠାକୁ ଆସିବାର ସଦୟ ସ୍ୱୀକୃତି ପ୍ରଦାନ କରିଥିବା ଶ୍ରୀ ପାତ୍ର କହିଛନ୍ତି । ତାଙ୍କ ସହିତ ମଧୁସୂଦନ ସେନାପତି, ତରଣୀ ଭୂୟାଁ ପ୍ରମୁଖ ଉପସ୍ଥିତ ଥିଲେବୋଲି ଜଣାଯାଇଛି ।

# ଏମ.ଏସ.ସି.ବି. ବିଶ୍ୱବିଦ୍ୟାଳୟକୁ ଆସୁଛନ୍ତି ମହାମହିମ ରାଷ୍ଟ୍ରପତି : ସ୍ଥାୟୀ କୁଳପତି ନିଯୁକ୍ତି ନେଇ ତେଜିଲା ଦାବୀ




ବାରିପଦା,୨୪/୪(ନିପ୍ର) : ସ୍ଥାନୀୟ ମହାରାଜା ଶ୍ରୀରାମ ଚନ୍ଦ୍ର ଭଂଜଦେଓ ବିଶ୍ୱବିଦ୍ୟାଳୟର ଦ୍ୱାଦଶତମ ସମାବର୍ତନ ଉତ୍ସବକୁ ଆସନ୍ତା ମେ ୯ ତାରିଖରେ ଭାରତର ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସୁଥିବା ବେଳେ ସାରା ଜିଲ୍ଲାରେ ଖୁସିର ଲହରୀ ଖେଳିଯାଇଛି । ତେବେ ଗତ ନଭେମ୍ବର ୧୯ ତାରିଖ ଦିନ ପୂର୍ବତନ କୁଳପତି ପ୍ରଫେସର କିଶୋର କୁମାର ବସା ଜାତୀୟ ସ୍ମାରକୀ ପ୍ରାଧିକରଣ ଅଧ୍ୟକ୍ଷ ଭାବେ ନିଯୁକ୍ତ ହେବାପରେ ବିଶ୍ୱବିଦ୍ୟାଳୟର ସ୍ନାତକୋତର ପରିଷଦର ଅଧ୍ୟକ୍ଷ ପ୍ରଫେସର ପ୍ରମୋଦ କୁମାର ଶତପଥୀ ଙ୍କୁ ରାଜଭବନର ନିର୍ଦ୍ଦେଶ କ୍ରମେ କୁଳପତି ଭାବେ ଦାୟିତ୍ୱ ହସ୍ତାନ୍ତର କରିଥିଲେ । କିନ୍ତୁ ମାସେ ନପୁରୁଣୁ ଠିକ୍ ଡିସେମ୍ବର ୧୪ ତାରିଖକୁ ସେହି ରାଜଭବନର ନିର୍ଦ୍ଦେଶ କ୍ରମେ ଫକୀରମୋହନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଙ୍କୁ କୁଳପତି ଦାୟିତ୍ୱ ଦିଆଯାଇଥିଲା. ତେବେ ଭାରପ୍ରାପ୍ତ କୁଳପତି ପ୍ରଫେସର ତ୍ରିପାଠୀ ଦୀର୍ଘ ୪ ମାସରୁ ଅଧିକ ସମୟ ହେଲାଣି ଏଠାରେ ଅବସ୍ଥାପିତ ହେବା ଭିତରେ ବର୍ତମାନ ସେ ବିବାଦ ଘେରକୁ ଆସିଛନ୍ତି । ଚଳିତ ମାସ ୧୮ ତାରିଖରେ ବିଶ୍ୱବିଦ୍ୟାଳୟର ସମ୍ମିଳିତ ବି.ଇଡି. ଏମ.ଇଡି. ଛାତ୍ରଛାତ୍ରୀ ମାନେ ତାଙ୍କ ମାର୍କସିଟ କୁ ନେଇ ଥିବା ସମସ୍ୟାର ସମାଧାନ ପାଇଁ ବିଶ୍ୱବିଦ୍ୟାଳୟର ପ୍ରଶାସନିକ ଭବନ ଆଗରେ ଧାରଣା ଦେବା ସହ ଆନ୍ଦୋଳନ କରିଥିବା ବେଳେ କୁଳପତି ପ୍ରଥମେ ଛାତ୍ରଛାତ୍ରୀଙ୍କ ଆନ୍ଦୋଳନକୁ ଅଗଣତାନ୍ତ୍ରିକ କହିବା ସହ ସେମାନଙ୍କ ଦାବୀକୁ ଅଯୌକ୍ତିକ ବୋଲି କହିଥିଲେ । ଯାହାକୁ ନେଇ ବେଶ କିଛି ସମୟ କୁଳପତି ଓ ଛାତ୍ରଛାତ୍ରୀଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା । ପରବର୍ତୀ ସମୟରେ କୁଳପତି ପୁଣି ଛାତ୍ରଛାତ୍ରୀ ମାନଙ୍କୁ ନ୍ୟାୟ ଦେବାକୁ ଓ ତାଙ୍କ ଦାବୀକୁ ସମ୍ମାନ ଦେଇ ନିଜେ ମଧ୍ୟ ଆମ୍ବ ଗଛ ତଳେ କାର୍ଯ୍ୟାଳୟ କାମ କରିବା ସହ ସେଠାରେ ନିଜ କର୍ମଚାରୀଙ୍କ ସହ ଧାରଣାରେ ବସିଥିଲେ ଯାହା ସେତେବେଳେ ଚର୍ଚ୍ଚାର ବିଷୟ ପାଲଟିଥିଲା । ଗତବର୍ଷ ଜୁନ୍ ୨୨ତାରିଖ ରେ ରାଷ୍ଟ୍ରପତି ଦାୟିତ୍ୱ ନେବାପରେ ପାଖାପାଖି ୧୧ ମାସ ପରେ ମହାମହିମ ରାଷ୍ଟ୍ରପତି ଦ୍ରୌପଦି ମୁର୍ମୁ ନିଜ ଜନ୍ମମାଟି ସ୍ଥିତ ବିଶ୍ୱବିଦ୍ୟାଳୟର ସମାବର୍ତନ ଉତ୍ସବରେ ଯୋଗ ଦେବାକୁ ଆସୁଥିବା ବେଳେ ଏଠାରେ କୌଣସି ସ୍ଥାୟୀ କୁଳପତିଙ୍କ ଅନୁପସ୍ଥିତିକୁ ବୁଦ୍ଧିଜୀବୀ ମାନେ ନିନ୍ଦା କରିଛନ୍ତି । ତେବେ ବିଶ୍ୱସ୍ତ ସୂତ୍ରରୁ ଖବର ମୁତାବକ, ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ମଧ୍ୟ ସ୍ଥାୟୀ କୁଳପତି ନେଇ ଓଡ଼ିଶାର ମହାମହିମ ରାଜ୍ୟପାଳ ତଥା ବିଶ୍ୱବିଦ୍ୟାଳୟର କୁଳାଧିପତି ପ୍ରଫେସର ଗଣେଶୀ ଲାଲ୍, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଏନେଇ ଏକ ଦାବୀପତ୍ର ଦେବା ସହ, ଏହାର ଏକ ନକଲ ଉଚ୍ଚଶିକ୍ଷା ମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ୫ଟି ସଚିବ ଓ ଉଚ୍ଚଶିକ୍ଷା ସଚିବଙ୍କୁ ମଧ୍ୟ ପ୍ରଦାନ କରିଛନ୍ତି ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ....

## ଓଡ଼ିଶା ଷ୍ଟାଫ୍ ସିଲେକ୍ସନ କମିସନ ପ୍ରଶ୍ନପତ୍ର ବିଭ୍ରାଟ...

କରିଥିଲେ ମଧ କିଛି ଲାଭ ହୋଇନଥିଲା । ଶେଷରେ କାନମୁଣ୍ଡା ଆଉଁସି ଫେରିଥିଲେ ପରୀକ୍ଷାର୍ଥୀ । ଏପରି ତ୍ରୁଟି ଲୋକଲୋଚନକୁ ଆସିବା ପରେ ହଇଚଇ ଖେଳି ଯାଇଥିଲା । ଏ ନେଇ ଷ୍ଟାଫ୍ ସିଲେକ୍ସନ କମିସନର ଅଧ୍ୟକ୍ଷ କୌଣସି ପ୍ରତିକ୍ରିୟା ନଦେଇ ଗଣମାଧ୍ୟମକୁ ଏଡାଇ ଚାଲି ଯାଇଥିଲେ । ତେବେ ପ୍ରବଳ ପ୍ରତିକ୍ରିୟା ପରେ ଶେଷରେ ପରୀକ୍ଷାକୁ ବାତିଲ କରିବାକୁ ବାଧ ହୋଇଛନ୍ତି କର୍ତୃପକ୍ଷ । ହେଲେ ଯେଉଁ ତ୍ରୁଟି ହୋଇଛି, ସେଥିପାଇଁ କିଏ ଦାୟୀ ରହିବ, ତାହା ଏବେ ବଡ଼ ପ୍ରଶ୍ନ । ପରୀକ୍ଷାକୁ ବାତିଲ ତ କରାଗଲା, କିନ୍ତୁ ପରୀକ୍ଷାର୍ଥୀଙ୍କ ପାଇଁ ଯେଉଁ ସମସ୍ୟା ସୃଷ୍ଟି ହେଲା, ତା'ର ଭରଣା କିଏ କରିବ? କାହିଁକି ହେଲା ତ୍ରୁଟି, ପରୀକ୍ଷା ପ୍ରଶ୍ନ କିପରି ତିଆରି କରେ ଷ୍ଟାଫ୍ ସିଲେକ୍ସନ କମିସନ, ପ୍ରଶ୍ନପତ୍ର ହେବା ପରେ ଯାଂଚ କରାଯାଏ ନାହିଁ କି, ଶୁଦ୍ଧ ଓଡ଼ିଆରେ ପ୍ରଶ୍ନପତ୍ର ଲେଖିବା ପାଇଁ ଅପାରଗ କି ବ୍ୟବସ୍ଥା, କମ୍ପୁଟର ମୁଦ୍ରଣଜନିତ ତ୍ରୁଟି ନା' ଗୁଗୁଲ ଟ୍ରାନ୍ସଲେଟ୍‌କୁ ଭରସା କରାଯାଇଥିଲା, ପ୍ରଶ୍ନପତ୍ର ମୁଦ୍ରଣ କରୁଥିବା ସଂସ୍ଥା ଓଡ଼ିଆ ଭାଷା ସଂପର୍କରେ ଅଜ୍ଞ କି ବୋଲି ସାଧାରଣରେ ଉଠୁଥିବା ପ୍ରଶ୍ନର ଉତ୍ତର ଦେବ କିଏ ବୋଲି ଚର୍ଚ୍ଚା ହେଉଛି ।

## ୧୫ ପ୍ରସ୍ତାବକୁ କ୍ୟାବିନେଟ୍...

ଏହାଦ୍ୱାରା କଟକ ସହରର ଟ୍ରାଫିକ ସମସ୍ୟା ଅନେକାଂଶରେ ଦୂର ହୋଇପାରିବ। ଓଡିଶା ବନସେବା କ୍ୟାଡରର ପୁନଃଗଠନ କରାଯିବା ପ୍ରସ୍ତାବ ଉପରେ ମୋହର ଲାଗିଛି। ଏହାଦ୍ୱାରା ଅତିରିକ୍ତ ୭୬ଟି ପଦବୀ ସୃଷ୍ଟି ହେବ। ଏଥିସହ ବିଦ୍ୟୁତ ବଂଟନ କମ୍ପାନୀଙ୍କୁ ଆର୍ଥିକ ସହାୟତା ଦିଆଯିବା ନେଇ ପ୍ରସ୍ତାବ ମଧ୍ୟ ଅନୁମୋଦନ ହୋଇଛି। ରାଜ୍ୟ କ୍ୟାବିନେଟ୍ ୨୩୪୨ କୋଟି ଟଙ୍କାର ରାଜ୍ୟ ଅଂଶ ସମେତ ୬୨୮୪ କୋଟି ଟଙ୍କା ବ୍ୟୟ ବିନିମୟରେ ୩ ବର୍ଷରେ ରାଜ୍ୟରେ ଆରଡିଏସଏସ ଯୋଜନା କାର୍ଯ୍ୟକାରୀ କରିବାକୁ ଅନୁମୋଦନ ଦେଇଛି। ଓଡ଼ିଶାରେ ୨ଥର ବିଶ୍ୱକପ୍ ହକି ପୁରୁଷ ପ୍ରତିଯୋଗିତା ଆୟୋଜନ କରିଥିବା ଓଡ଼ିଶା ଖଣି ନିଗମ ୨୦୩୩ ମସିହା ପର୍ଯ୍ୟନ୍ତ ଭାରତୀୟ ଜାତୀୟ ହକି ଟିମ୍ ଗୁଡ଼ିକର ପ୍ରାୟୋଜକ ରହିବେ । ୨୦୧୮ ମସିହାରେ ଓଡ଼ିଶା ଉଭୟ ଜାତୀୟ ପୁରୁଷ ଓ ମହିଳା ହକି ଟିମର ପ୍ରାୟୋଜକ ରହିଛି । ୨୦୨୩ ମସିହାରେ ଏହି ପ୍ରାୟୋଜକ ଅବଧି ଶେଷ ହେଉଥିଲା । ଏହି ପ୍ରାୟୋଜକ ହେବା ନିମନ୍ତେ ଓଡ଼ିଶା ଖଣି ନିଗମ(ଓଏମସି) ପକ୍ଷରୁ ରାଜ୍ୟ ସରକାରଙ୍କ ଅନୁମତି ଲୋଡ଼ାଯାଇଥିଲା । ଯାହାକୁ ରାଜ୍ୟ କ୍ୟାବିନେଟ୍ ଆଜି ମଞ୍ଜୁରୀ ଦେଇଛନ୍ତି । ୨୦୨୩ ଫେବୃୟାରୀ ୧ରୁ ୨୦୩୩ ଜାନୁୟାରୀ ୩୧ ପର୍ଯ୍ୟନ୍ତ ଭାରତୀୟ ହକି ଟିମ(ଉଭୟ ପୁରୁଷ ଓ ମହିଳା)ର ପ୍ରାୟୋଜକ ଭାବେ ଓଏମସି ୪୩୪.୧୨କୋଟି ଟଙ୍କା(ଟିକସକୁ ବାଦ୍ ଦେଇ) ପ୍ରଦାନ କରିବ । ସାଧାରଣ ଭବିଷ୍ୟନିଧି ପାଣ୍ଠି ନିୟମରେ ସଂଶୋଧନକୁ ରାଜ୍ୟ କ୍ୟାବିନେଟର ମଂଜୁରୀ ମିଳିଛି ।ଗ୍ରାହକଙ୍କ ପାଇଁ ପରିବାର ସଜ୍ଞାରେ ପରିବାର ସଦସ୍ୟଙ୍କୁ ଗ୍ରହଣ କରାଯିବ।

## ରାଜ୍ୟରେ ପାୱାର କଟ ନୁହେଁ...

ଏହି ମାମଲାରେ ସ୍ପଷ୍ଟୀକରଣ ଦେଇ ଶକ୍ତି ମନ୍ତ୍ରୀ ପ୍ରତାପ ଦେବ ଏହା କହିଛନ୍ତି । ସେ କହିଛନ୍ତି ଯେ ପାୱାର କଟ୍ ହେଉନି, ଓଭର ଲୋଡିଂ ପାଇଁ ପାୱାର ଲାଇନ ଟ୍ରିପ୍ କରୁଛି । ସେ ପୁଣି ଦୋହରାଛନ୍ତି ଯେ ରାଜ୍ୟରେ ଇଲେକ୍ଟ୍ରିସିଟି ଯୋଗାଣରେ କୌଣସି ଅଭାବ ନାହିଁ । ସେ କହିଛନ୍ତି ଯେ ନେକ ସ୍ଥାନରେ ଓଭର ଲୋଡିଂ ଦ୍ୱାରା ଟ୍ରିପ୍ ହୋଇ ଯାଉଛି । ସେ କହିଛନ୍ତି ଯେ ଭୁବନେଶ୍ୱରରେ ଥରେ ଟ୍ରିପ୍ କଲେ ସଜାଡିବାକୁ ୬/୭ ଘଣ୍ଟା ଲାଗୁଛି । ଗାଁ ଗହଳିରେ ଟିକେ ଅଧିକ ସମୟ ନେଉଛି । ନିରବଚ୍ଛିନ୍ନ କରିବାକୁ ଚେଷ୍ଟା କରାଯାଉଥିବା ସେ ପ୍ରକାଶ କରିଛନ୍ତି । ସେ କହିଛନ୍ତି ଯେ ଲୋ ଭୋଲଟେଜ୍ ଅଭିଯୋଗ ପଛରେ ଟେକ୍ନିକାଲ ତ୍ରୁଟି ରହିଛି । ପିକ୍ ପିରିୟଡରେ ୫ ହଜାର ୬୦୦ ମେଗାୱାଟ୍ ଆବଶ୍ୟକତା ରହିଛି । ଗତ ବର୍ଷ ଏହା ୫ ହଜାର ୫୦୦ ମେଗାୱାଟ ରହିଥିଲା ବୋଲି ସେ କହିଛନ୍ତି ।

# ସମ୍ବଲପୁର ହତ୍ୟା ଘଟଣା ପ୍ରଯୋଜିତ : ବିଜେପିର ବ୍ଲକ ସମ୍ମୁଖରେ ଗଣବିକ୍ଷୋଭ



ଜଳେଶ୍ୱର ୨୪/୪(ନି.ପ୍ର): ସମ୍ବଲପୁରଠାରେ ଜନୁମାନ ଜୟନ୍ତୀ ସମନ୍ୱୟ ସମିତି ପକ୍ଷରୁ ଶାନ୍ତିପୂର୍ଣ୍ଣ ବାଇକ୍ ଶୋଭାଯାତ୍ରା ବେଳେ ଦୁବୃ ଙ୍କ ଖଣ୍ଡା ଚୋଟ ଓ ପଥର ଆକ୍ରମଣରେ ଚନ୍ଦ୍ରମଣି ମିର୍ଦ୍ଧାଙ୍କୁ ହତ୍ୟା କରାଯାଇଥିବାରୁ ରାଜ୍ୟ ସରକାରଙ୍କ ବିଫଳତାକୁ ଦାୟୀ କରି ଆଜି ବିଶ୍ୱ ହିନ୍ଦୁ ପରିଷଦ ପକ୍ଷରୁ ବ୍ଲକ ସମ୍ମୁଖରେ ଗଣ ବିକ୍ଷୋଭ ଅନୁଷ୍ଠିତ ହୋଇ ଯାଇଛି । ବିଶ୍ୱ ହିନ୍ଦୁ ପରିଷଦର ଜଳେଶ୍ୱର ଖଣ୍ଡର ସଭାପତି ଗରିଶ ଚନ୍ଦ୍ର ପାଣିଗ୍ରାହୀଙ୍କ ପୌରହିତ୍ୱରେ ଅନୁଷ୍ଠିତ ବିକ୍ଷୋଭ ଓ ପ୍ରତିବାଦ ସଭା ବ୍ଲକ ସମ୍ମୁଖରେ ଅନୁଷ୍ଠିତ ହୋଇ ଯାଇଛି । ଗତ ଏପ୍ରିଲ ୧୨ ତାରିଖରେ ସମ୍ବଲପୁରଠାରେ ଏକ ଶାନ୍ତିପୂର୍ଣ୍ଣ ବାଇକ ଶୋଭାଯାତ୍ରା ଚାଲିଥିବା ବେଳେ କେତେକ ଅସାମାଜିକ ବ୍ୟକ୍ତି ଖଣ୍ଡା ଓ ପଥର ଧରି ଆକ୍ରମଣ କରିଥିଲେ। ୧୪ ତାରିଖ ରାତିରେ ଚନ୍ଦ୍ରମଣି ମିର୍ଦ୍ଧାଙ୍କୁ ହତ୍ୟା କରାଯାଇଥିବା ବେଳେ ଏହା ଏକ ପ୍ରଯୋଜିତ ଘଟଣା ବୋଲି ସେମାନେ ଅଭିଯୋଗ ବାଢିଛନ୍ତି । କାର୍ଯ୍ୟରତ ପୋଲିସ୍ ପ୍ରଶାସନ ଓ ରାଜ୍ୟ ସରକାର ଚୁପ୍ ରହିଥିବା ବେଳେ ଚନ୍ଦ୍ରମଣିଙ୍କ ହତ୍ୟା ସଂପର୍କରେ କୌଣସି ଠୋସ୍ କାରଣ ଦେଇପାରିନାହିଁ । ତେଣୁ ଆର୍‌ଏସ୍‌ଏସ୍ ପକ୍ଷରୁ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ଜରିଆରେ ମହାମହିମ ରାଜ୍ୟପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିବା ସଂପର୍କରେ ବଜରଙ୍ଗ ଦଳର ଜିଲା ସଂଯୋଜକ ସତ୍ୟରଂଜନ ପରିଡା, ଜିଲା ପ୍ରଚାର ପ୍ରମୁଖ ମନିନ୍ଦ୍ର ସୁନ୍ଦର ଦାସ, ଖଣ୍ଡବିସ୍ତାରକ ଉମାକାନ୍ତ ରାଉତ, ଅଜୟ ଦାସ, ପ୍ରଦୀପ ବାରିକ, ବିଶ୍ୱହିନ୍ଦୁ ପରିଷଦର ଉପସଭାପତି ଶିବଶଂକର ଭୂୟାଁ, ରାଧାରଂଜନ ବାଗ, ଫାଲଗୁନୀ ପାଣିଗ୍ରାହୀ, ସମିର ପାତ୍ର, ସିଦ୍ଧାର୍ଥ ଶଂକର ପାଳ, ରଂଜିତ ସାହୁ, ଅରବିନ୍ଦ ଘୋଷ, ସୁଭ୍ରାଂଶୁ ମହାନ୍ତି, ଅନନ୍ତ ଦାସ, ଚନ୍ଦନ ଦାସ, ସାବିତ୍ରୀ ଜେନା, ସୁମତି ଦେ, ସୁମତି ରଣା, ମୁକ୍ତରାଣି ପାଳ, ହେମନ୍ତ ଦାସ, ପ୍ରବିର ପ୍ରଧାନ, ପ୍ରଣବ ପଣ୍ଡା, ମନୋଜ ସାସମଲ, ବି୍ୱରୂପ ଦାସ, ବିପ୍ଳବ ପ୍ରଧାନ, ଖୋକନ ଘୋଷ, ଦୀପକ ଚୌରାସିଆ, ଅଜୟ ପାତ୍ର, ସୌରଭ ଗୁପ୍ତା, ଶଂକର ମହାଳିକ, ନରହରୀ ବେହେରା, ଦେବୁ ଜେନା ପ୍ରମୁଖ ଉପସ୍ଥିତ ରହି ସୂଚନା ଦେଇଛନ୍ତି।

# ବଜ୍ରପାତରେ ଭାଙ୍ଗିଲା ଚଣ୍ଡି ମନ୍ଦିରର ମୁଖଶାଳା



ଖଇରା,୨୪/୪(ନିପ୍ର) : ଖଇରା ବ୍ଲକର ଜଳଙ୍ଗ ଚଣ୍ଡୀ ପୀଠର ମୁଖଶାଳା ବଜ୍ରପାତରେ ଭାଙ୍ଗି ପଡିଛି । ଏଥିଯୋଗୁଁ ଭକ୍ତମାନଙ୍କ ମଧ୍ୟରେ ନୈରାଶ୍ୟ ଦେଖାଦେଇଛି । ତୁରନ୍ତ ଏହାକୁ ନୂତନ ଭାବରେ ନିର୍ମାଣ କରିବାକୁ ଟ୍ରଷ୍ଟି ବୋର୍ଡ ତଥା ଭକ୍ତମାନଙ୍କ ତରଫରୁ ଦାବୀ କରାଯାଇଛି । ୨୨ତାରିଖ ରାତିରେ ବଜ୍ରପାତରେ ପ୍ରତ୍ନତତ୍ତ୍ୱ ବିଭାଗ ଦ୍ୱାରା ନିର୍ମୀତ ମୁଖଶାଳାର ଗୋଟିଏ ପାର୍ଶ୍ୱ ଭାଙ୍ଗି ପଡିଥିଲା । ଏଥିଲାଗି ୨୩ତାରିଖ ଦିନ ଟ୍ରଷ୍ଟି ପ୍ରଫୁଲ୍ଲ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ସଭ୍ୟ ସୁଶାନ୍ତ ମହାପାତ୍ର,ପୂର୍ଣ୍ଣଚନ୍ଦ୍ର ଦାସ,ନାରଣ ଦାସ ତଥା ଅନ୍ୟାନ୍ୟ ଗ୍ରାମବାସୀମାନେ ଏଥିରେ ଯୋଗ ଦେଇ ଦୁର୍ଘଟଣା ଆଶଙ୍କାରେ ବ ମାନ ସୁରକ୍ଷା ଦୃଷ୍ଟିରୁ ଭକ୍ତଙ୍କ ଯାତାୟାତକୁ ନିଶିଦ୍ଧ କରାଯାଇଥିବାରୁ ଏହାକୁ ଦୃଷ୍ଟିରେ ତୁରନ୍ତ ଏହାକୁ ନିର୍ମାଣ କରିବାକୁ ପ୍ରତ୍ନତତ୍ତ୍ୱ ବିଭାଗ ମହାସଚୀବଙ୍କ ନିକଟରେ ଦାବୀ କରାଯାଇଛି ।

# ନବୀନ ବାବୁଙ୍କ ଶାସନ କାଳରେ ଓଡ଼ିଶା କୃଷକମାନଙ୍କର ଆୟ କମି କମି ଯାଉଛି : କଂଗ୍ରେସ

ଭୁବନେଶ୍ୱର, ୨୪ /୦୪ : ଓଡ଼ିଶା ସରକାର ଓଡ଼ିଶାର କୃଷକଙ୍କର ଆୟ ଦ୍ୱିଗୁଣିତ କରିବା ପାଇଁ ବହୁ ସମୟରେ ପ୍ରତିଶ୍ରୁତି ଦେଇଛନ୍ତି। ଏପରିକି ୨୦୧୨-୧୩ ମସିହାରେ ଖୋଦ୍ ମୁଖ୍ୟମନ୍ତ୍ରୀ ଦୃଢ଼ୋକ୍ତି ପ୍ରକାଶ କରି କହିଥିଲେ, ସାରା ଭାରତ ବର୍ଷରେ ଓଡ଼ିଶା ଏକମାତ୍ର ରାଜ୍ୟ, ଯେଉଁଠି ରାଜ୍ୟ କୃଷକ ମାନଙ୍କର ଆୟକୁ ସରକାର ଦ୍ୱିଗୁଣିତ କରିଛନ୍ତି ବୋଲି କିନ୍ତୁ ବାସ୍ତବ ଚିତ୍ର ଆଜି ଯାହା ବର୍ଣ୍ଣନା କରୁଛି ତାହା ରାଜ୍ୟର ନବୀନ ସରକାରଙ୍କର ଦୃଢ଼ୋକ୍ତି ଏକ ବୃଥା ଆସ୍ଫଳନ ବୋଲି ପ୍ରମାଣିତ କରୁଛି। ୨୦୧୨-୧୩ ମସିହା ଠାରୁ ଆରମ୍ଭ କରି ୨୦୨୨-୨୩, ଏହି ୧୦ ବର୍ଷ ଭିତରେ ରାଜ୍ୟର କୃଷକ ପରିବାରର ମାସିକ ଆୟ ଦ୍ୱିଗୁଣିତ ହେବା ପରିବର୍ତେ ୨୦୧୨-୧୩ ମସିହା ଆୟ ଠାରୁ ୩ ଟଙ୍କା କମିଛି ବୋଲି ଆଜି ପ୍ରଦେଶ କଂଗ୍ରେସ ମୁଖପାତ୍ର ରଜନୀ କୁମାର ମହାନ୍ତି ପ୍ରଦେଶ କଂଗ୍ରେସ ଭବନରେ ଆୟୋଜିତ ଏକ ସମ୍ବାଦିକ ସମ୍ମିଳନୀରେ କହିଛନ୍ତି। ଶ୍ରୀ ମହାନ୍ତି କହିଥିଲେ ଯେ, ୨୦୧୨-୧୩ ମସିହାରେ ଏନ୍.ଏସ୍.ଏସ୍. ଓ. ରିପୋର୍ଟର ତଥ୍ୟ ଆଧାରରେ ଓଡ଼ିଶାର ଏକ କୃଷକ ପରିବାରର ମାସିକ ଆୟ ୪୯୫୩ ଟଙ୍କା ଥିଲା। କିନ୍ତୁ ୨୦୨୨ ମସିହାରେ ରାଜ୍ୟର ଏକ କୃଷକ ପରିବାରର ବାର୍ଷିକ ଆୟ ୫୯୪୪୦ ଟଙ୍କା ବୋଲି ରିପୋର୍ଟରେ ପ୍ରକାଶ ପାଇଛି। ଏହି ହିସାବ ଅନୁପାତରେ ଗୋଟେ କୃଷକ ପରିବାର ମାସକୁ ଆୟ ୪୯୫୦ ଟଙ୍କା ପାଖାପାଖି ଅଟେ। ଅର୍ଥାତ ଏହି ଦଶ ବର୍ଷ ଭିତରେ ନବୀନ ପଟ୍ଟନାୟକ ସରକାର କୃଷକମାନଙ୍କର ଆୟ ଦ୍ୱିଗୁଣିତ କରିବାରେ ସଫଳ ହୋଇନାହାନ୍ତି ବୋଲି ଏହି ତଥ୍ୟରୁ ସ୍ପଷ୍ଟ ପ୍ରମାଣିତ ହେଉଛି। ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଲା ୨୦୧୮ -୨୦୧୯ ମସିହାରେ ଏନ୍.ଏସ୍.ଏସ୍.ଓ. ତଥ୍ୟ ଅନୁସାରେ ଓଡ଼ିଶାର ଏକ କୃଷକ ପରିବାରର ମାସିକ ଆୟ ୫୧୧୨ ଟଙ୍କା ଥିଲା ଏବଂ ଓଡ଼ିଶା ଭାରତ ବର୍ଷର ଦ୍ୱିତୀୟ ନ୍ୟୁନତମ ଆୟକାରୀ ରାଜ୍ୟ ରୂପେ ପରିଗଣିତ ହେଲା। କିନ୍ତୁ ସେହି ସମୟରେ ଭାରତ ବର୍ଷର ବହୁ ଛୋଟ ଛୋଟ ରାଜ୍ୟମାନଙ୍କର କୃଷକ ମାନଙ୍କର ଆୟ ଓଡ଼ିଶାର କୃଷକ ମାନଙ୍କର ଆୟ ଠାରୁ ବହୁ ଅଧିକ। ରାଜ୍ୟର ଏ ପର୍ଯ୍ୟନ୍ତ କେତେ ସଂଖ୍ୟାକ କୃଷକ ଅଛନ୍ତି ଏବଂ କେତେ ସଂଖ୍ୟକ କୃଷି ଶ୍ରମିକ ଅଛନ୍ତି ଏମାନଙ୍କର ସଠିକ୍ ତଥ୍ୟ ମଧ ରାଜ୍ୟ ସରକାରଙ୍କ ପାଖରେ ନାହିଁ। ୨୦୧୮ ମସିହା ଡିସେମ୍ବର ମସିହାରେ ରାଜ୍ୟ ସରକାର କାଳିଆ ଯୋଜନା ପ୍ରଣୟନ କଲେ ଏବଂ ଏହି ଯୋଜନା ଦ୍ୱାରା କୃଷକମାନଙ୍କର ଆୟ ବୃଦ୍ଧି ଘଟିବ ଏବଂ କୃଷକ ମାନେ ଋଣଗ୍ରସ୍ତ ହେବେ ନାହିଁ ବୋଲି ସରକାର ଦୃଢ଼ୋକ୍ତି ପ୍ରକାଶ କଲେ। ଯୋଜନାକୁ ୫ ବର୍ଷ ହେଲାଣି। କିନ୍ତୁ କୃଷକମାନଙ୍କର ଆୟ ବୃଦ୍ଧି ଘଟିବା ପରିବର୍ତେ କମିଯାଉଛି କାହିଁକି ? କାଳିଆ ଯୋଜନା ଦ୍ୱାରା କେତେ କୃଷକ ପରିବାରଙ୍କର ଆୟ ବୃଦ୍ଧି ଘଟିଛି, କେତେ କୃଷି ଶ୍ରମିକଙ୍କର ଆୟ ଦ୍ୱିଗୁଣିତ ହୋଇଛି ତାହାର ଏକ ଶ୍ୱେତପତ୍ର କରନ୍ତୁ ବୋଲି କଂଗ୍ରେସ ଦାବୀ କରିଛି।

# ବୁଦ୍ଧବିହାରରେ ଅଷ୍ଟପ୍ରହରୀ ନାମଯଜ୍ଞ

ବାଲେଶ୍ୱର,୨୪।୪(): ପବିତ୍ର ଅକ୍ଷୟ ତୃତୀୟା ଅବସରରେ ସହରର ଗୋପାଳଗାଁ ବୁଦ୍ଧବିହାରରେ ୧୮ତମ ଅଷ୍ଟ ପ୍ରହରୀ ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଶନିବାର ସଂଧ୍ୟାରେ ଅଧିବାସ ଗୌରାଙ୍ଗ ମହାପ୍ରଭୁଙ୍କ ମୂର୍ତି ସ୍ଥାପନ ହୋଇଥିବା ବେଳେ ରବିବାର ପ୍ରାତଃକାଳରୁ ଆରମ୍ଭ ହୋଇଥିଲା ଅଷ୍ଟମ ପ୍ରହରୀ ଅଖଣ୍ଡ ମହାମନ୍ତ୍ର ନାମ ସଂକୀର୍ତ୍ତନ ମହାଯଜ୍ଞ। ସକାଳେ ପୁଷ୍ପାଞ୍ଜଳି ଅର୍ଘ୍ୟ ନୈବେଦ୍ୟ ସହ ସଂଧ୍ୟା ଆରତୀରେ ଶ୍ରଦ୍ଧାଳୁଙ୍କ ଶ୍ରଦ୍ଧାଳୁଙ୍କର ଭିଡ଼ ପରିଲକ୍ଷିତ ହୋଇଥିଲା। ସୋମବାର ଏହି ନାମଯଜ୍ଞ ମହୋତ୍ସବର ପୂର୍ଣ୍ଣାହୁତି ହେବା ସହ ନଗର କୀର୍ତ୍ତନ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ଆୟୋଜିତ ସାମୂହିକ ପ୍ରସାଦ ସେବନ କାର୍ଯ୍ୟକ୍ରମରେ ହଜାର ହଜାର ଶ୍ରଦ୍ଧାଳୁ ଯୋଗ ଦେଇଥିଲେ। ଗ୍ରାମବାସୀଙ୍କ ମଧ୍ୟରେ ସଦଭାବନା ଓ ଭାଇଚାରା ସୃଷ୍ଟି ପାଇଁ ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଦୀର୍ଘ ୧୮ ବର୍ଷ ଧରି ଜାରି ରହିଛି ବୋଲି ଗ୍ରାମବାସୀମାନେ ପ୍ରକାଶ ସୂଚନା ଦେଇଛନ୍ତି। ଆୟୋଜକ କମିଟିର ସଭାପତି ମୁରଲୀକୃଷ୍ଣ ପଟ୍ଟନାୟକ ଓ ସମ୍ପାଦକ ସର୍ବେଶ୍ୱର ମହାନ୍ତିଙ୍କ ନେତୃତ୍ୱରେ ଆୟୋଜିତ ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମକୁ ଭାସ୍କର ଚନ୍ଦ୍ର ବାରିକ, ଲମ୍ବୋଦର ବାରିକ, ଅମୂଲ୍ୟ କୁମାର ପ୍ରଧାନ, ପ୍ରଦୀପ କୁମାର ମହାନ୍ତି, ଜୟନ୍ତ କୁମାର ପ୍ରଧାନ, ଦେବେନ୍ଦ୍ର ରାଉଳ, ଚିତରଞ୍ଜନ ନାୟକ, ସର୍ବେଶ୍ୱର ବାରିକ, ଚୈତନ୍ୟ ଚରଣ ସାହୁ, ଦୁର୍ଗାଶଙ୍କର ଦାସ, ସୁଧାଂଶୁ ଶେଖର ପରିଡା, ବିବେକ କୁମାର ବାରିକ, ବୈରାଗୀ ଚରଣ ସେଠୀ, ସଞ୍ଜୟ ଶତପଥୀ, ଅସୀତ କର, ପ୍ରଫୁଲ୍ଲ କୁମାର ଜେନା ପ୍ରମୁଖଙ୍କ ସମେତ ଗ୍ରାମବାସୀମାନେ ପରିଚାଳନା କରିଥିଲେ ।

# ନୃତ୍ୟ ସଙ୍ଗୀତ କଳାମନ୍ଦିରରେ ଶ୍ରୀଜୟଦେବ ଜୟନ୍ତୀ




ବାଲେଶ୍ୱର,୨୪।୪(ନି.ପ୍ର): ନୃତ୍ୟ ସଂଗୀତ କଳାମନ୍ଦିର ଆନୁକୂଲ୍ୟରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପରମଭକ୍ତ ତଥା ଗୀତ ଗୋବିନ୍ଦର ସ୍ରଷ୍ଟା କବି ଶ୍ରୀ ଜୟଦେବଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି ଡ. ସୁବାସ ଚନ୍ଦ୍ର ପାତ୍ର ଅଧ୍ୟକ୍ଷତା କରିବା ସହିତ କବି ଜୟଦେବଙ୍କ ଜୀବନାଦର୍ଶ ଉପରେ ଆଲୋକପାତ କରିଥିଲେ। ଫକୀରମୋହନ ସାହିତ୍ୟ ପରିଷଦର ପୂର୍ବତନ ସଭାପତି ଡ. ଶିରୀଶ ଚନ୍ଦ୍ର ଜେନା ଏଥିରେ ମୁଖ୍ୟଅତିଥି ଭାବେ ଯୋଗ ଦେଇ କବି ଜୟଦେବଙ୍କ ଗୀତ ଗୋବିନ୍ଦର ବୈଶିଷ୍ଟ ସମ୍ପର୍କରେ ଆଲୋଚନା କରିଥିଲେ। ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ପ୍ରହ୍ଲାଦ ଚରଣ ମହାନ୍ତି, ନୃତ୍ୟ ସଂଗୀତ କଳାମନ୍ଦିରର ଉପ-ସଭାପତି ତପନ ମହାନ୍ତି, ସମ୍ପାଦକ ଶରତ ଚନ୍ଦ୍ର ଦାଶ, ଯୁଗ୍ମ ସମ୍ପାଦକ ଲକ୍ଷ୍ମୀ ନାରାୟଣ ଘୋଷ, ଅନନ୍ତ କୁମାର ଚାନ୍ଦ, ଉତ୍ପଳ ମହାନ୍ତି ପ୍ରମୁଖ ଏଥିରେ ବକ୍ତବ୍ୟ ପ୍ରଦାନ କରିଥିଲେ।

# ଶ୍ରୀରାମଚନ୍ଦ୍ର ଭଞ୍ଜ ସାହିତ୍ୟ ସଂସଦର ସଭାପତି ଚୟନ ଓ କବିତା ଆସର



ବାରିପଦା,୨୪/୪(ନିପ୍ର) : ବାରିପଦାର ଅନ୍ୟତମ ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ଶ୍ରୀରାମଚନ୍ଦ୍ର ଭଞ୍ଜ ସାହିତ୍ୟ ସଂସଦର ସଭାପତି ଚୟନ ଓ ଏକ କବିତା ଆସର କଲ୍ୟାଣୀ ମହିଳା ସମିତିର ସଭା କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ଲକ୍ଷ୍ମୀକାନ୍ତ ମହାବିଦ୍ୟାଳୟର ଅଧ୍ୟକ୍ଷା ଡଃ ପୁଷ୍ପା ପାତ୍ର ସଭାପତିତ୍ୱ କରି ସଂସଦର କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ସଂସଦର ସମ୍ପାଦିକା ସୁଚରିତା ମହାନ୍ତି ଅନୁଷ୍ଠାନର ଆଭିମୁଖ୍ୟ ଓ କାର୍ଯ୍ୟକ୍ରମ ସମ୍ପର୍କରେ ବିଷଦ ବିବରଣୀ ପ୍ରଦାନ କରିଥିଲେ । ଅନୁଷ୍ଠାନର ଉପ-ସଭାପତି ପ୍ରାଧ୍ୟାପକ କୁମରମଣି ନାୟକ, ସହ - ସମ୍ପାଦିକା ବାସନ୍ତୀଲତା ମହାପାତ୍ର ଓ ସମ୍ମାନିତ ଅତିଥି ଡଃ ଉଷା ଶତପଥୀ ନିଜ ବକ୍ତବ୍ୟ ମାଧ୍ୟମରେ 'ବିଶ୍ୱ ପୁସ୍ତକ ଦିବସ'ରେ ପୁସ୍ତକର ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ । ଏହା ପରେ ବିଶିଷ୍ଟ ଗୀତିକାର ଓ ସାହିତ୍ୟିକ ପ୍ରାଧ୍ୟାପକ ସୁନୀଲ ଜେନାଙ୍କୁ ସର୍ବସମ୍ମତିକ୍ରମେ ଅନୁଷ୍ଠାନର ସଭାପତି ଭାବେ ଚୟନ କରାଯାଇଥିଲା । ସୁନୀଲ ଜେନା ତାଙ୍କ ଅଭିଭାଷଣରେ ଏହି ଅନୁଷ୍ଠାନକୁ ଆଗକୁ ଆଗେଇ ନେବା ପାଇଁ ସବୁ ପ୍ରକାର ଉଦ୍ୟମ କରିବେ ବୋଲି କହିଥିଲେ । ଏହା ପରେ ଡଃ ଉଷା ଶତପଥୀଙ୍କର ସଂଯୋଜନାରେ ବାସନ୍ତୀଲତା ମହାପାତ୍ର, ଭାସ୍କର ବାରିକ, ଅଜିତ ପାଣିଗ୍ରାହୀ, ନିହାରିକା ପଟ୍ଟନାୟକ, ଗୀତାରାଣୀ ସାହୁ, ସୁଧାମୟୀ ଦାସ, ସ୍ନେହଲତା ନାୟକ, କୈବଲ୍ୟ ମହାପାତ୍ର, ଡଃ ପୁଷ୍ପା ପାତ୍ର, ସୁଚରିତା ମହାନ୍ତି ଓ ଉଷା ଶତପଥୀ ପ୍ରମୁଖ ସ୍ୱରଚିତା କବିତା ପାଠ କରିଥିଲେ । ଅଧ୍ୟାପକ ସମରେନ୍ଦ୍ର ବଶା କାର୍ଯ୍ୟକ୍ରମର ସ୍ୱାଗତ ଭାଷଣ ଦେଇଥିବା ବେଳେ ସୁଧାମୟୀ ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ମମିତା ନାୟକ, ଏଞ୍ଜେଲିନା ବାରିକ, ପାର୍ଥସାରଥୀ ମହାନ୍ତି ସହଯୋଗ କରିଥିଲେ ।

# ଓଡିଶାରେ ଆତଙ୍କବାଦୀ ଆକ୍ରମଣ ଆଶଙ୍କା କଲା ବିଜେପି

ଝାରସୁଗୁଡା/ଭୁବନେଶ୍ୱର, ୨୪/୦୪ : ହନୁମାନ ଜୟନ୍ତୀ ପାଳନ ଅବସରରେ ସମ୍ବଲପୁରରେ ଘଟି ଯାଇଥିବା ହିନ୍ଦୁ ବିରୋଧୀ ହିଂସାକାଣ୍ଡ ଓ ଦଙ୍ଗା ସମଗ୍ର ଓଡିଶାବାସୀଙ୍କୁ ବିଚଳିତ କରିଛି । ସମ୍ବଲପୁର ଦଙ୍ଗା ଓ ହିଂସାକାଣ୍ଡକୁ ନେଇ ବରେଇପାଲି ଥାନାଧିକାରୀ ଏକ ପ୍ରାଥମିକ ରିପୋର୍ଟ ପ୍ରଦାନ କରିସାରିଛନ୍ତି । ହିଂସାକାଣ୍ଡ ଭିଆଇଥିବା ଦଙ୍ଗାକାରୀଙ୍କ ରାଷ୍ଟ୍ରବିରୋଧୀ ସ୍ଲୋଗାନ ଅତ୍ୟନ୍ତ ଚିନ୍ତାଜନକ । 'ସାଲୋଁ କୋ ହିନ୍ଦୁସ୍ଥାନ ଯାନେ ନେହିଁ ଦେଙ୍ଗେ' ବୋଲି କହି ଦଙ୍ଗାକାରୀମାନେ ସମ୍ବଲପୁରର ଉକ୍ତ ଅଂଚଳକୁ ପଡୋଶୀ ପାକିସ୍ଥାନ ସହ ତୁଳନା କରିଥିଲେ । ଏହି ବାକ୍ୟଟି କେବଳ ସ୍ୱାଭାବିକ, ଆତଙ୍କବାଦ ବା ଅସାମାଜିକ ବାକ୍ୟ ନୁହେଁ ବରଂ ସଂପୂର୍ଣ୍ଣ ଭାବେ ରାଷ୍ଟ୍ରବିରୋଧୀ ନାରା ଅଟେ । ଏଥି ସହ ସମ୍ବଲପୁର ସହରରେ ରାଷ୍ଟ୍ର ବିରୋଧୀ ଶକ୍ତିମାନଙ୍କ ଉପସ୍ଥିତିକୁ ମଧ ସ୍ପଷ୍ଟ ପ୍ରମାଣିତ କରୁଛି ବୋଲି ସାଂସଦ ସୁରେଶ ପୁଜାରୀ କହିଛନ୍ତି । ସୋମବାର ଝାରସୁଗୁଡାଠାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ପୁଜାରୀ କହିଛନ୍ତି ଯେ, ପଡୋଶୀ ପଶ୍ଚିମବଙ୍ଗ ଆଜି ରାଷ୍ଟ୍ର ବିରୋଧୀ କାର୍ଯ୍ୟର ଏନ୍ତୁଡିଶାଳ ହୋଇଥିବା ସମସ୍ତେ ଅବଗତ ଅଛନ୍ତି। ସମ୍ବଲପୁରର ମୋତିଝରନଠାରୁ ପଶ୍ଚିମବଙ୍ଗରେ ଆତଙ୍କୀବାଦର ଏନ୍ତୁଡିଶାଳ ମୁର୍ଶିଦାବାଦକୁ ପ୍ରତିଦିନ ବସ୍ ଚଳାଚଳ ହେଉଛି ଏବଂ ପ୍ରତିଦିନ ଶହ ଶହ ଲୋକ ଯାତାୟତ କରୁଛନ୍ତି । ଜିଲ୍ଲା ପୋଲିସ ପ୍ରଶାସନ ତରଫରୁ ଯାତ୍ରୀଙ୍କ ସଂପର୍କରେ ବିସ୍ତୃତ ତଥ୍ୟ ରଖିବାର ପ୍ରୟାସ କରାଯାଉନାହିଁ । ସେ ଅଂଚଳରେ ସାଂପ୍ରଦାୟିକ ସଦ୍‌ଭାବନା ଫେଲ୍ ହେବାରେ ଏହା ଅନ୍ୟତମ ମୁଖ୍ୟ କାରଣ ବୋଲି ଶ୍ରୀ ପୁଜାରୀ କହିଛନ୍ତି । ଅନ୍ୟ ପଟେ ଦୁର୍ଦ୍ଧାନ୍ତ ଆତିକ୍ ଅହମଦ୍‌ର ମୁଖ୍ୟ ସହଯୋଗୀ ତଥା କୁଖ୍ୟାତ ଅପରାଧୀ ଗୁଡ୍ଡୁ ମୁସଲିମ୍‌ର ଓଡିଶା ଲିଙ୍କ୍ ପ୍ରକାଶ ପାଇବା ପରେ ସାଧାରଣରେ ବହୁ ଆଶଂକା ସୃଷ୍ଟି ହୋଇଛି । ଉତରପ୍ରଦେଶରେ ଆତିକ୍ ଅହମଦ୍ ଯାହା କରୁଥିଲା, ହନୁମାନ ଜୟନ୍ତୀ ଅବସରରେ ଗତ ୧୨ ତାରିଖରେ ସମ୍ବଲପୁରର ମୋତିଝରନ୍‌ଠାରେ ଦଙ୍ଗା ଭିଆଇଥିବା ରାଷ୍ଟ୍ରବିରୋଧୀଙ୍କ ଆଚରଣ ଓ ଉଚାରଣ ସମାନ । ରାଜା ଖାନ୍ ଏବଂ ଗୁଡ୍ଡୁ ମୁସଲିମ୍‌ର ସମ୍ବଲପୁର ଦଙ୍ଗା ସହ କ'ଣ ସଂପର୍କ ରହିଛି ବୋଲି ଶ୍ରୀ ପୁଜାରୀ ପ୍ରଶ୍ନ କରିଛନ୍ତି ।ଗୁଡ୍ଡୁ ମୁସଲିମ୍ ସହ କାହାର ସମ୍ପର୍କ ସେନେଇ ତଦନ୍ତର ଆବଶ୍ୟକତା ଅଛି। ଏପରିକି ଓଡିଶାର କିଛି ବଡଧରଣର କାଣ୍ଡ ଘଟାଇବା ଉଦ୍ଦେଶ୍ୟ ସେମାନଙ୍କର ଥାଇପାରେ ବୋଲି ଶ୍ରୀ ପୁଜାରୀ ଆଶଂକା କରିଛନ୍ତି। ପୁରୀ ଓ ଶ୍ରୀମନ୍ଦିରର ସୁରକ୍ଷାକୁ ନେଇ କେନ୍ଦ୍ର ସରକାର ବାରମ୍ବାର ରାଜ୍ୟ ସରକାରଙ୍କୁ ତାଗିଦ୍ କରିଛନ୍ତି । ଆତାଙ୍କବାଦୀ ଏବଂ ଦୁର୍ଦ୍ଧାନ୍ତ ଅପରାଧୀମାନେ ବର୍ତମାନ ଓଡିଶାକୁ ସୁରକ୍ଷିତ ସ୍ଥାନ ଭାବେ ଗ୍ରହଣ କରି ନିର୍ଭୟରେ ଆଶ୍ରୟ ନେଉଛନ୍ତି । ଗୁଡ୍ଡୁ ମୁସଲମାନ ସମେତ ଅନେକ ଦୁର୍ଦ୍ଧାନ୍ତ ଅପରାଧୀ ପୁରୀକୁ ଆସି ଲୁଚି ରହିବା ଚିନ୍ତାର କାରଣ ସାଜିଛି । ସେହିପରି ସମ୍ବଲପୁର ଅଂଚଳରେ ଏସିଆର ସର୍ବବୃହତ୍ ହୀରାକୁଦ୍ ବନ୍ଧ ଅବସ୍ଥିତ ଏବଂ ଏଥି ପାଇଁ ସ୍ଥାନୀୟ ଅଂଚଳବାସୀ ବହୁ ମୂଲ୍ୟ ଦେଇଥିବାବେଳେ ଗୁଡ୍ଡୁ ମୁସଲମାନର ବରଗଡରେ ଉପସ୍ଥିତି ହିରାକୁଦ ବନ୍ଧର ସୁରକ୍ଷାକୁ ନେଇ ମଧ ପ୍ରଶ୍ନ ଛିଡା କରାଇଛି ବୋଲି ଶ୍ରୀ ପୁଜାରୀ କହିଛନ୍ତି ।

